

ଯା ଦେବୀ ସର୍ବଭୂତେଷୁ...

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ❑ ରବିବାର ୦୭ ଜୁନ୍ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SUNDAY 07 June 2026

Vol.No. 36 ■ No.149 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ADMISSION GOING ON – 2026

SAI SADHANA SCIENCE COLLEGE

+2 Sc. & +2 Arts

SAI SADHANA COLLEGE OF BASIC SCIENCE (+3)

(HONS- PHYSICS, CHEMISTRY, MATHEMATICS, BOTANY, COMPUTER SCIENCE, ZOOLOGY, GEOLOGY, MICROBIOLOGY)

Dibyasingpur, UDALA

100 % first class result - 2026

Contact No :- 9437294587, 9437443950, 9937557158


# ବ୍ୟକ୍ତିଗତ ସାକ୍ଷାତର କୌଣସି ଅର୍ଥ ନାହିଁ: ଜେଲେନସ୍କିଙ୍କ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କଲେ ପୁଟିନ



ନୂଆଦିଲ୍ଲୀ,୬/୬ : ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ୟୁକ୍ରେନୀୟ ରାଷ୍ଟ୍ରପତି ବୋଲଡିମିର ଜେଲେନସ୍କିଙ୍କ ସାକ୍ଷାତ ପ୍ରସ୍ତାବକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ତାଙ୍କ ଜନ୍ମସ୍ଥାନ ସେଣ୍ଟ ପିଟର୍ସବର୍ଗରେ ଅନ୍ତର୍ଜାତୀୟ ଅର୍ଥନୈତିକ ଫୋରମକୁ ସମ୍ବୋଧିତ କରି ପୁଟିନ ଜେଲେନସ୍କିଙ୍କ ସାକ୍ଷାତ ପ୍ରସ୍ତାବିତ ଖୋଲା ଚିଠିକୁ ଅବାନ୍ତର ବୋଲି କହିଛନ୍ତି। ଜେଲେନସ୍କିଙ୍କ ଖୋଲା ଚିଠି ବିଷୟରେ ଉଲ୍ଲେଖ କରି ପୁଟିନ କହିଛନ୍ତି, ଏହା କ'ଣ ବ୍ୟକ୍ତିଗତ ବୈଠକ ଏବଂ ଆଲୋଚନା ପାଇଁ ପରିସ୍ଥିତି ସୃଷ୍ଟି କରିବାର ଏକ ଉପାୟ କି? ମୁଁ ଭାବୁଛି ଏହା ଏପରି ଏକ ପରିବେଶ ସୃଷ୍ଟି କରିବାର ଏକ ଉପାୟ ଯାହା ଯେକୌଣସି ବ୍ୟକ୍ତିଗତ ବୈଠକକୁ ଅସମ୍ଭବ କରିଥାଏ। ରୁଷ ରାଷ୍ଟ୍ରପତି କହିଛନ୍ତି ବ୍ୟକ୍ତିଗତ ସାକ୍ଷାତର କୌଣସି ଅର୍ଥ ନାହିଁ। ପୁଟିନ କହିଛନ୍ତି, ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶାନ୍ତି ପ୍ରସ୍ତାବ ଆଧାରରେ ମସ୍କୋ ୟୁକ୍ରେନ ସହିତ ଏକ ଚୁକ୍ତି କରିବାକୁ ପ୍ରସ୍ତୁତ। ସେ ଏହା ମଧ୍ୟ ଦାବି କରିଛନ୍ତି ଯେ, ରୁଷ ସେନା ଯୁଦ୍ଧକ୍ଷେତ୍ରରେ ନିଜର ପ୍ରାଧାନ୍ୟ ବଜାୟ ରଖିଛି। ୟୁକ୍ରେନୀୟ ଡ୍ରୋନ ଆକ୍ରମଣର ମୁକାବିଲା କରିବା ପାଇଁ ମସ୍କୋ ନିଜର ବାୟୁ ପ୍ରତିରକ୍ଷାକୁ ମଜବୁତ କରୁଛି। ରୁଷ ଲୋକଙ୍କ ଦେଶପ୍ରେମ ଏବଂ ଇଚ୍ଛାଶକ୍ତି ୟୁକ୍ରେନରେ ସେମାନଙ୍କର ଲକ୍ଷ୍ୟ ହାସଲ କରିବାକୁ ନିଶ୍ଚିତ କରିବ ବୋଲି ସେ ଗୁରୁତ୍ୱାରୋପ କରିଛନ୍ତି। ଏକ ଘଟଣାକ୍ରମରେ, ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି ଉଭୟ ପକ୍ଷ ମଧ୍ୟରେ ଆଲୋଚନାକୁ ସହଜ କରିବା ପାଇଁ ସମ୍ପୂର୍ଣ୍ଣ ଅସ୍ତ୍ରବିରତିକୁ ସମର୍ଥନ କରି କହିଛନ୍ତି ଯେ, ୟୁକ୍ରେନ୍ ଏବଂ ରୁଷ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ହିଁ ଶାନ୍ତି ସମ୍ଭବ। ଏନେଇ ସେ ଲେଖିଥିବା ଏକ ଚିଠି କ୍ରେମଲିନ୍ ପାଇଥିବା ମଧ୍ୟ ନିଶ୍ଚିତ କରିଛନ୍ତି। ୟୁକ୍ରେନିନ୍ ରାଷ୍ଟ୍ରପତି ଲେଖିଛନ୍ତି, ଆମ ଏବଂ ଆପଣଙ୍କ ମଧ୍ୟରେ ସିଧାସଳଖ ଆଲୋଚନା ମାଧ୍ୟମରେ ୟୁକ୍ରେନ୍ ଏହି ଯୁଦ୍ଧ ସମାପ୍ତ କରିବାକୁ ପ୍ରସ୍ତାବ ଦେଉଛି। ମୁଁ ଏକ ବୈଠକ ପ୍ରସ୍ତାବ ଦେଉଛି। ସାମ୍ବାଦିକ ସମ୍ମିଳନୀରେ ପୁଟିନ ଜୋର ଦେଇ କହିଛନ୍ତି, ୟୁକ୍ରେନକୁ ଆପୋଷ ସମାଧାନ କରିବାକୁ ପଡିବ।

# କାଳବୈଶାଖୀ ପ୍ରଭାବରେ ତାତିରୁ ମିଳିଲା ଆଶ୍ୱସ୍ତି: ବିଭିନ୍ନ ସ୍ଥାନରେ ତାଣ୍ଡବ କଲା ପ୍ରବଳ ପବନ



ଭୁବନେଶ୍ୱର, ୦୬/୬ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଆଜି ସକାଳୁ ଅସହ୍ୟ ଗରମ ଓ ଗୁଳୁଗୁଳି ହେଉଥିଲା। ଦିନ ସାଢ଼େ ୧୧ଟା ସୁଦ୍ଧା ସହରର ତାପମାତ୍ରା ୩୮ ଡିଗ୍ରୀ ଛୁଇଁଥିବା ବେଳେ ଆର୍ଦ୍ରତା ୫୧% ରହିଥିଲା। ସାଢ଼େ ୧୧ଟା ସୁଦ୍ଧା ତାପମାତ୍ରା ୩୮ ଡିଗ୍ରୀ ଥିଲେ ସୁଦ୍ଧା ୪୯ ଡିଗ୍ରୀ ଭଳି ଅନୁଭବ ହେଉଥିଲା। ହେଲେ ଅପରାହ୍ନରେ ଖରା, ଗରମ ଓ ଗୁଳୁଗୁଳିରୁ ମିଳିଥିଲା ସାମାନ୍ୟ ଆଶ୍ୱସ୍ତି। କାରଣ ଅପରାହ୍ନ ପ୍ରାୟ ୩ଟା ବେଳକୁ ରାଜଧାନୀର ବିଭିନ୍ନ ସ୍ଥାନରେ ହୋଇଥିଲା କାଳବୈଶାଖୀ ବର୍ଷା। କାଳବୈଶାଖୀ ପୂର୍ବରୁ ଭୁବନେଶ୍ୱରର ତାପମାତ୍ରା ୪୦ ଡିଗ୍ରୀ ଥିବା ବେଳେ ବର୍ଷା,ପବନ ପରେ ଏହା ସିଧା ୧୪ ଡିଗ୍ରୀ ଖସି ୨୬ ଡିଗ୍ରୀରେ ପହଞ୍ଚିଥିଲା।ଖାଲି ବର୍ଷା ହୋଇନଥିଲା, ତା' ସହିତ ପବନ ଓ କୁଆପଥରମାଡ଼ ହୋଇଥିଲା। ସହରର ନୟାପଲ୍ଲୀ ସମେତ ଆଉ କିଛି ଅଞ୍ଚଳରେ କୁଆପଥର ମାଡ଼ ହୋଇଥିବା ବେଳେ ପ୍ରାୟ ସବୁ ସ୍ଥାନରେ (ଯେଉଁ ଅଞ୍ଚଳରେ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା) ପବନ ହୋଇଥିଲା। ବର୍ଷାଠାରୁ ଅଧିକ ପବନ ହୋଇଥିଲା। ରାଜଧାନୀରେ ମାତ୍ର ୧୫ ମିନିଟ୍ ପାଇଁ କାଳବୈଶାଖୀର ପ୍ରଭାବ ଦେଖିବାକୁ ମିଳିଥିଲା। କିନ୍ତୁ ସେତିକି ସମୟ ମଧ୍ୟରେ ବର୍ଷା ସହିତ ଏତେ ଜୋରରେ ପବନ ହୋଇଥିଲା ଯେ ଅନେକ ସ୍ଥାନରେ ଗଛ ଭାଙ୍ଗି ଯାଇଛି। ଗଛ ଭାଙ୍ଗି ରାସ୍ତାରେ ପଡ଼ିଥିବାରୁ ଟ୍ରାଫିକ୍ ସମସ୍ୟା ଉପୁଜିଥିବା ବେଳେ ସେଗୁଡ଼ିକୁ ହଟାଇବା ପାଇଁ ଅଗ୍ନିଶମ ବିଭାଗର ୧୫ଟି ଟିମ୍‌କୁ ନିୟୋଜିତ କରାଯାଇଛି। ଜୟଦେବ ବିହାର ଛକରେ ଏକ ଗଛ ଭାଙ୍ଗି ପଡ଼ିଯିବାରୁ ପ୍ରାୟ ୧୦ଟି ବାଇକ୍ କ୍ଷତିଗ୍ରସ୍ତ ହୋଇଛନ୍ତି। ସେହିପରି କିଛି ସ୍ଥାନରେ ବଡ଼ ବଡ଼ ହୋର୍ଡିଂ ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ଜୟଦେବ ବିହାର ନିକଟରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ କାର ଉପରେ ଏକ ହୋର୍ଡିଂ ପଡ଼ିଯାଇଥିଲା। ତେବେ ଏଥିରେ କେହି ଆହତ ହୋଇ ନଥିବା ଜଣାପଡ଼ିଛି। ଗଛ ଓ ହୋର୍ଡିଂ ଆଦି ଭାଙ୍ଗି ଯାଇଥିବାରୁ ସହରର ଅନେକ ସ୍ଥାନରେ ବିଦ୍ୟୁତ୍ ସରବରାହ ବାଧାପ୍ରାପ୍ତ ହୋଇଛି।

◆◆ପୃଷ୍ଠା ୭

## ବୋର୍ଡ ନିଗମ ନିଯୁକ୍ତି ପାଇଁ ଫିଟିଲା ବାଟ : ସରକାରୀ ସ୍ତରରେ ଆରମ୍ଭ ହେଲା ପ୍ରକ୍ରିୟା

ଭୁବନେଶ୍ୱର, ୦୬/୬ (ନି.ପ୍ର): ବୋର୍ଡ-ନିଗମରେ ନିଯୁକ୍ତି ପାଇଁ ଫିଟିବାରେ ଲାଗିଛି ବାଟ । ସରକାରୀ ସ୍ତରରେ ଏଥିପାଇଁ ଆରମ୍ଭ ହୋଇଛି ପ୍ରକ୍ରିୟା । ଜୁନ ୧ତାରିଖରେ ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇସ୍ ବିଭାଗ ପକ୍ଷରୁ ନିଯୁକ୍ତି ନେଇ ଚିଠି ପ୍ରକାଶ ପାଇଛି। ଆସନ୍ତା ଜୁନ୍ ୩୦ସୁଦ୍ଧା ନିଯୁକ୍ତି ଶେଷ କରାଯିବ ବୋଲି ଚିଠିରେ ଉଲ୍ଲେଖ ରହିଛି । ପାଖାପାଖି ୩୨ଟି ବିଭାଗରେ ୧୧୮୩ ଜଣଙ୍କୁ ନିଯୁକ୍ତି ଦେବା ପାଇଁ ଲକ୍ଷ୍ୟ ରଖିଛି ବିଭାଗ । ଏନେଇ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ନିଯୁକ୍ତି କ୍ଷେତ୍ରରେ କଣ ଅଗ୍ରଗତି ହୋଇଛି ଜାଣିବା ପାଇଁ ମେ ୮ ତାରିଖରେ ଚିଠି କରିଥିଲା । ଆଉ ଏହାରି ଭିତରେ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି ।

## ବଲାଙ୍ଗୀରରେ ଜଳାଶୟକୁ ନେଇ କଂଗ୍ରେସ-ବିଜେଡି ମୁହାଁମୁହିଁ: ମଝିରେ ଫସିଗଲେ ପୁଲିସ ଟିମ୍

ଭୁବନେଶ୍ୱର, ୦୬/୬ (ନି.ପ୍ର): ବଲାଙ୍ଗୀର ସହରରେ ଜଳାଶୟକୁ ନେଇ ରାଜନୀତି। ମୁହାଁମୁହିଁ ହେଲେ କଂଗ୍ରେସ ଆଉ ବିଜେଡି। ମଝିରେ ରହିଲା ପୁଲିସ। ବଲାଙ୍ଗୀର ସହରର ଐତିହାସିକ ଜଳାଶୟଗୁଡ଼ିକର ପୁନରୁଦ୍ଧାର ଏବଂ ପଙ୍କ ଉଦ୍ଧାର କାର୍ଯ୍ୟକୁ ନେଇ ଏବେ ସରଗରମ ରାଜନୀତି। ସହରର ହାର୍ଟ କୁହାଯାଉଥିବା 'କରଙ୍ଗା କଟା' ଓ 'ନରସିଂହ ବନ୍ଧ'ର ଉନ୍ନତୀକରଣକୁ କେନ୍ଦ୍ର କରି କଂଗ୍ରେସ ଏବଂ ବିଜେଡି ମଧ୍ୟରେ ତୀବ୍ର ରାଜନୈତିକ ବିବାଦ। ଆଜି କରଙ୍ଗା କଟା ହିଡ଼ ଉପରେ ଦୁଇ ପ୍ରମୁଖ ଦଳର କର୍ମୀ ଓ ସମର୍ଥକମାନେ ଆମନା-ସାମନା ହେବା ଫଳରେ ସ୍ଥିତି ଉତ୍ତେଜନାପୂର୍ଣ୍ଣ ହୋଇପଡ଼ିଥିଲା। ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୁଲିସ ପ୍ରଶାସନକୁ ନାକେଦମ୍ ହେବାକୁ ପଡ଼ିଛି। ନରସିଂହ ବନ୍ଧ ଓ କରଙ୍ଗା କଟାର ପୁନରୁଦ୍ଧାର ଏବଂ ଉନ୍ନତୀକରଣ ପାଇଁ ପ୍ରାୟ ୨୦ କୋଟି ଟଙ୍କାର ଅନୁଦାନ ଆସିଛି।

◆◆ପୃଷ୍ଠା ୭

## ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା, କେନ୍ଦ୍ର ଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି: ଜନ୍ତରମନ୍ତରରେ ଶକ୍ତି ପ୍ରଦର୍ଶନ କଲେ କକ୍ରୋଚ୍




ନୂଆଦିଲ୍ଲୀ,୬/୬ : କକ୍ରୋଚ୍ ଜନତା ପାର୍ଟି ସାମାଜିକ ଗଣମାଧ୍ୟମରେ ସକ୍ରିୟ ରହିବା ପରେ ଆଜି ଗ୍ରାଉଣ୍ଡକୁ ଓହ୍ଲାଇଥିଲା। ନୂଆଦିଲ୍ଲୀରେ ଆଜି ପାର୍ଟି ଆୟୋଜନ କରିଥିଲା ବିରାଟ ପ୍ରତିବାଦ ସମାବେଶ। ଏଥିରେ ହଜାର ହଜାର ଛାତ୍ର ଓ ଯୁବକଙ୍କ ସହ ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଓ ସାମାଜିକ କର୍ମୀ ସୋନମ ୱାଙ୍ଗଚୁକ୍ ଯୋଗ ଦେଇଥିଲେ। କକ୍ରୋଚ୍ ଜନତା ପାର୍ଟି- ସିଜେପିର ପ୍ରସଙ୍ଗ ଥିଲା ଭାରତୀୟ ଶିକ୍ଷା ବ୍ୟବସ୍ଥାରେ ତ୍ରୁଟି। ନିଟ୍- ୟୁଜି ପ୍ରଶ୍ନପତ୍ର ପ୍ରଘଟ, ସିବିଏସଇ ଓ ଅନ୍ୟ ପରୀକ୍ଷାରେ ଅନିୟମିତତାକୁ ବିରୋଧ କରି ହଜାର ହଜାର

◆◆ପୃଷ୍ଠା ୭

## କୋଚିଂ ସେଣ୍ଟରରେ ଗୁଳିଚାଳନା ମାମଲା: ଖାନ୍ ସାରଙ୍କ ଗିରଫଦାରୀକୁ ନେଇ ସସ୍ପେନ୍ସ

ନୂଆଦିଲ୍ଲୀ,୬/୬ : ଶିକ୍ଷକ ଓ କୋଚିଂ ଇନଷ୍ଟିଚ୍ୟୁଟ୍ ମାଲିକ ଫୈଜଲ ଖାନ୍ ଓରଫ ଖାନ୍ ସାର ଗିରଫ ହୋଇଛନ୍ତି କି ଆତ୍ମସମର୍ପଣ କରିଛନ୍ତି ସେ ନେଇ ଶନିବାର ସସ୍‌ପେନ୍ସ ଲାଗି ରହିଛି। ତେବେ ଖାନ୍ ସାର ପାଟନା ସିଭିଲ କୋର୍ଟରେ ଆତ୍ମସମର୍ପଣ କରିବେ ନାହିଁ ବୋଲି ଶନିବାର ତାଙ୍କ ଓକିଲ ଅରବିନ୍ଦ କୁମାର ମହୁଆର କହିଥିଲେ। ଖାନ୍ ସାରଙ୍କ ଲିଗାଲ ଟିମ୍ ସୋମବାର ଅଗ୍ରଣୀ ଜାମିନ୍ ପାଇଁ ଆବେଦନ କରିବ। ଅଗ୍ରୀଣ ଜାମିନ୍ ଆବେଦନ କରିବା ସମୟ ଶନିବାର ଶେଷ ହୋଇଛି। ଜୁନ୍ ୨ ତାରିଖରେ ପାଟନାର ମୁସଲ୍ଲାହପୁର ଅଞ୍ଚଳରେ ଥିବା ଖାନ୍ ସାରଙ୍କ କୋଚିଂ ଇନଷ୍ଟିଚ୍ୟୁଟ୍ ବାହାରେ ଭିଡ଼ ଉପରେ ଗୁଳି ଚଳାଇବାକୁ ତାଙ୍କ ଗାର୍ଡଙ୍କୁ ନିର୍ଦ୍ଦେଶ ଦେଇଥିବା ଅଭିଯୋଗରେ ପୁଲିସ ୟୁଟ୍ୟୁବର ଫୈଜଲ ଖାନଙ୍କୁ ହତ୍ୟା ଉଦ୍ୟମ ମାମଲାରେ ବୁକ୍ କରିବାର ଦୁଇ ଦିନ ପରେ ପୁଲିସ ତାଙ୍କୁ ଖୋଜିବା ଜାରି ରଖିଛି। ଖାନ୍ ସାରଙ୍କ ଦୁଇଜଣ ସୁରକ୍ଷାକର୍ମୀ ଏହି ମାମଲାରେ ଗିରଫ ହୋଇ ଜେଲ୍ ଯାଇଛନ୍ତି।

◆◆ପୃଷ୍ଠା ୭

## ଧାନ ଉଠାଣରେ ଆଉ କୌଣସି ସମସ୍ୟା ହେବ ନାହିଁ: ଖାଦ୍ୟ ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୦୬/୬ (ନି.ପ୍ର): ଚାଉଳ ମିଲିଂ ଖର୍ଚ୍ଚ ଦୁଇ ଗୁଣ ବୃଦ୍ଧି ପ୍ରସଙ୍ଗରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ପ୍ରତିକ୍ରିୟା ରଖିଛନ୍ତି। ସେ କହିଛନ୍ତି ଯେ, ଅନେକ ଥର ମିଲରମାନେ ଏ ଦାବି ନେଇ ଆନ୍ଦୋଳନ କରିଛନ୍ତି। ୨୦୦୮ ମସିହାରୁ ଏ ଦାବି ହୋଇ ଆସୁଥିଲା। ମିଲରଙ୍କ ଦାବି ଶୁଣିଥିବାରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ। ସୋମବାର ମିଲରମାନେ ସିଏମଙ୍କୁ ଭେଟି ସମ୍ବର୍ଦ୍ଧନା ଜଣାଇବେ । 'ଧାନ ଉଠାଣରେ ଆଉ କୌଣସି ସମସ୍ୟା ହେବ ନାହିଁ ବୋଲି ସେ କହିଛନ୍ତି ।


B.I.T. POLYTECHNIC, BALASORE

(A Sister Concern of Samalpur ITI, Balasore)

DIPLOMA ENGG COURSES

- Mechanical Engineering
- Electrical Engineering
- Civil Engineering
- E. & T. C. Engineering
- Comp. Sc. & Engineering

ITI TRADE

● Electrician ● Fitter ● Welder ● R & AC

Walk-In-Interview on Dated : 08-06-2026 (Monday)

FACULTY RECRUITMENT | Lecture in all above Branches | Lab Technician in all above Branches | Clerk & Hostel Superintendent

Place of Interview : IET Samalpur, Balasore

Contact : 9861947995, 8270317712

E-mail : bit_balasore@rediffmail.com



31 years of imparting quality technical education with excellence.

ADMISSIONS Open 2026-27

BAISINGA I.T.I

Trade: Fitter, Electrician

Affiliated to NCVT, Govt. of India, New Delhi

Baisinga, Mayurbhanj, Odisha

9937861296, 9692864722

8327799536, 9337957048


## ସଉକିଆ ଯନ୍ତ୍ରୀଙ୍କ କୁବେର ଭଣ୍ଡାର: ସୁନାର ୩ ମୂର୍ତ୍ତି ସହ ଶହ ଶହ କୋଟିର ସମ୍ପତ୍ତି ଠାବ



ଭୁବନେଶ୍ୱର, ୦୬/୬ (ନି.ପ୍ର): ରାଜ୍ୟରେ ପୁଣି ଜଣେ ସରକାରୀ ବାବୁଙ୍କ ଘରୁ ବାହାରିଛି କୁବେରଙ୍କ ଭଣ୍ଡାର। ଦୁର୍ନୀତି ନିବାରଣ ବିଭାଗ ବା ଭିଜିଲାନ୍ସ ପକ୍ଷରୁ ଏକ ବଡ଼ ଧରଣର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ଆଜି ସକାଳୁ ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି ବାଲିଗୁଡ଼ା ଆଇଟିଡିଏର ସହକାରୀ ନିର୍ବାହୀ ଯନ୍ତ୍ରୀ ବୈକୁଣ୍ଠ ନାଥ ବେହେରା। ବାବୁଙ୍କ ଅତି ସଉକିଆ ଓ ବିଳାସପୂର୍ଣ୍ଣ ଜୀବନଶୈଳୀ ଦେଖି ଭିଜିଲାନ୍ସ ଅଧିକାରୀ ବି ଚକିତ। ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ହୋଇଥିବା ଚଢ଼ଉ ବେଳେ ବାବୁଙ୍କ ଘରୁ ୪ରୁ ଅଧିକ ହାଇଫାଇ ଆଇଫୋନ୍, ମୂଲ୍ୟବାନ ବ୍ରାଣ୍ଡେଡ୍ ବ୍ୟାଗ୍ ଓ ୩ଟି ଦାମୀ ହୀରା ମୁଦି ମିଳିଛି। ସବୁଠୁ ଆଶ୍ଚର୍ଯ୍ୟର କଥା, ତାଙ୍କ ସଉକ ପାଇଁ ସେ ୨୪ କ୍ୟାରେଟ୍ ସୁନାରେ ୩ଟି ସୁନା ମୂର୍ତ୍ତି ତିଆରି କରି ରଖିଥିଲେ, ଯାହା ତାଙ୍କର ଅତ୍ୟଧିକ ବିଳାସମୟ ଜୀବନଶୈଳୀର ପ୍ରମାଣ। ଯନ୍ତ୍ରୀ ବାବୁଙ୍କ ସାମ୍ରାଜ୍ୟ ଏତେ ବଡ଼ ଯେ ଭିଜିଲାନ୍ସ ବିଭାଗ ଗୋଟିଏ କି ଦୁଇଟି ନୁହେଁ, ବରଂ ଓଡ଼ିଶାର ମୋଟ ୯ଟି ସ୍ଥାନରେ

◆◆ପୃଷ୍ଠା ୭

# ବିଶ୍ୱ ସାଇକେଲ ଦିବସ ଅବସରରେ ଫକୀରମୋହନ ବିଶ୍ୱବିଦ୍ୟାଳୟର ସାଇକେଲ ରାଲି



ବାଲେଶ୍ୱର, ୦୬/୬ (ନି.ପ୍ର): ବିଶ୍ୱ ସାଇକେଲ ଦିବସ ଅବସରରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀଙ୍କ ନେତୃତ୍ୱ ଓ ମାର୍ଗଦର୍ଶନରେ ଏକ ଉତ୍ସାହପୂର୍ଣ୍ଣ ସାଇକେଲ ରାଲିର ଆୟୋଜନ କରାଯାଇଥିଲା। ସ୍ୱାସ୍ଥ୍ୟ ସଚେତନତା, ପରିବେଶ ସୁରକ୍ଷା ଏବଂ ଇନ୍ଧନ ସଞ୍ଚୟର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ଏହି ରାଲି ଆୟୋଜିତ ହୋଇଥିଲା। ରେମୁଣା ସ୍ଥିତ ବିଶ୍ୱବିଦ୍ୟାଳୟ ପରିସରରୁ ଆରମ୍ଭ ହୋଇଥିବା ଏହି ରାଲି ପ୍ରାୟ ୧୦ କିଲୋମିଟର ଅତିକ୍ରମ କରି ନୂଆପାଢ଼ୀ କ୍ୟାମ୍ପସ ଠାରେ ସମାପ୍ତ ହୋଇଥିଲା। ଏଥିରେ ବିଶ୍ୱବିଦ୍ୟାଳୟର ୮୦ରୁ ଅଧିକ ଶିକ୍ଷକ, ଅଣଶିକ୍ଷକ କର୍ମଚାରୀ ଓ ଛାତ୍ରଛାତ୍ରୀ ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ। ସାଇକେଲ ବ୍ୟବହାର ଦ୍ୱାରା ଶାରୀରିକ ସୁସ୍ଥତା ବୃଦ୍ଧି, ପ୍ରଦୂଷଣ ହ୍ରାସ ଓ ସ୍ଥାୟୀ ପରିବହନ ବ୍ୟବସ୍ଥାକୁ ପ୍ରୋତ୍ସାହନ ମିଳୁଥିବା ସମ୍ପର୍କରେ ଜନସଚେତନତା ସୃଷ୍ଟି କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା। ଏହି ଅବସରରେ କୁଳପତି ଶ୍ରୀ ସନ୍ତୋଷ କୁମାର ତ୍ରିପାଠୀ ସାଇକେଲ ଚଳାଇବାକୁ ଦୈନନ୍ଦିନ ଅଭ୍ୟାସରେ ପରିଣତ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ସେ କହିଥିଲେ, "ବର୍ତ୍ତମାନ ବିଶ୍ୱ ଶକ୍ତି ଓ ଇନ୍ଧନ ସଙ୍କଟର ସମ୍ମୁଖୀନ ହେଉଥିବା ବେଳେ ସାଇକେଲ ଏକ ସରଳ କିନ୍ତୁ ଅତ୍ୟନ୍ତ ପ୍ରଭାବଶାଳୀ ବିକଳ୍ପ। ସାଇକେଲରେ ଅତିକ୍ରମ କରାଯାଇଥିବା ପ୍ରତ୍ୟେକ କିଲୋମିଟର ଇନ୍ଧନ ସଞ୍ଚୟ, କାର୍ବନ ନିର୍ଗମନ ହ୍ରାସ ଏବଂ ବ୍ୟକ୍ତିଗତ ସ୍ୱାସ୍ଥ୍ୟର ଉନ୍ନତିରେ ସହାୟକ ହୁଏ। ସାଇକେଲକୁ ଆପଣାଇ ଆମେ ସବୁଜ ପରିବେଶ ଗଠନ, ମୂଲ୍ୟବାନ ଶକ୍ତି ସମ୍ପଦର ସଂରକ୍ଷଣ ଏବଂ ଆଗାମୀ ପିଢ଼ି ପାଇଁ ଏକ ସ୍ଥାୟୀ ଭବିଷ୍ୟତ ନିର୍ମାଣରେ ଅବଦାନ ରଖିପାରିବା।" ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଫକୀର ମୋହନ ବିଶ୍ୱବିଦ୍ୟାଳୟ ପରିବେଶ ସଚେତନତା, ସୁସ୍ଥ ଜୀବନଶୈଳୀ ଓ ପ୍ରାକୃତିକ ସମ୍ପଦର ଦାୟିତ୍ୱଶୀଳ ବ୍ୟବହାର ପ୍ରତି ନିଜର ଦାୟିତ୍ୱ ଓ ପ୍ରତିବଦ୍ଧତାକୁ ପ୍ରମାଣିତ କରିଛି।

## ବରିଷ୍ଠ ନାଗରିକଙ୍କୁ ନିଜେ ଫର୍ମ ବାଂଟିଲେ ଉପ-ଜିଲ୍ଲାପାଳ

ମାଲକାନଗିରି, ୦୬/୬ (ନି.ପ୍ର): ଏସଆଇଆର ୨୦୨୬ ର ସଫଳ ରୂପାୟନ ମାଧ୍ୟମରେ ଏକ ସ୍ୱଚ୍ଛ, ତ୍ରୁଟିଶୂନ୍ୟ ଏବଂ ସର୍ବସାମିଲ ଭୋଟର ତାଲିକା ପ୍ରସ୍ତୁତ କରିବା ପାଇଁ ମାଲକାନଗିରି ଜିଲ୍ଲା ଏକ ପ୍ରଶଂସନୀୟ ଗଣ-ଆନ୍ଦୋଳନର ରୂପ ନେଇଛି। ଜିଲ୍ଲାର ପ୍ରତିଟି କୋଣ ଅନୁକୋଣରେ ନାଗରିକ ମାନଙ୍କୁ ସେମାନଙ୍କର ଗଣତାନ୍ତ୍ରିକ ଅଧିକାର ବିଷୟରେ ଜଣାଇବା ପାଇଁ ଏକ ସ୍ୱତନ୍ତ୍ର ସଘନ ସଂଶୋଧନ ସଚେତନତା ରଥ ପରିକ୍ରମା କରୁଛି। ଏହି ଅଭିଯାନରେ ସକ୍ରିୟ ଭାଗ ନେଇ ନିଜର ଭାଗିଦାରୀ ସୁନିଶ୍ଚିତ କରିବାକୁ ପ୍ରଶାସନ ପକ୍ଷରୁ ଜନସାଧାରଣଙ୍କୁ ଉତ୍ସାହିତ କରାଯାଉଛି।ଏହି ଅଭିଯାନକୁ ସଠିକ୍ ଭାବେ ପରିଚାଳନା କରିବା ପାଇଁ ୧୪୬-ମାଲକାନଗିରି ନିର୍ବାଚନ ମଣ୍ଡଳୀର ନିର୍ବାଚନ ପଞ୍ଜୀକରଣ ଅଧିକାରୀ ମାଲକାନଗିରି ପୌରପାଳିକା ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ବୈଠକ କରି କ୍ଷେତ୍ରସ୍ତରୀୟ କାର୍ଯ୍ୟର ଅଗ୍ରଗତି ସମୀକ୍ଷା କରିଛନ୍ତି।

# ସେଲ୍, ରାଉରକେଲା ଇସ୍ପାତ କାରଖାନାରେ ବିଶ୍ୱ ପରିବେଶ ଦିବସ ପାଳିତ



ରାଉରକେଲା, ୦୬/୬ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା ୫ ଜୁନ୍ ୨୦୨୬ ରେ ସମଗ୍ର ବିଶ୍ୱ ସହିତ ମିଶି ବିଶ୍ୱ ପରିବେଶ ଦିବସ ପାଳନ କରିଛି। ଶିଳ୍ପ କୋଣାର୍କ ପରିସରରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆରଏସପି ର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ପରିବେଶ ପତାକା ଉତ୍ତୋଳନ କରିଥିଲେ। ଏହି ଅବସରରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ବା ଇଡି (ଖଣି ବିକାଶ) ଶ୍ରୀ ବି. କେ. ଗିରି, ଇଡି (ଏମଏମ) ଶ୍ରୀ ଅନିଲ କୁମାର, ଇଡି (ପ୍ରକଳ୍ପ) ଶ୍ରୀ ଏସ. ପାଲ୍ ଚୌଧୁରୀ, ଭାରପ୍ରାପ୍ତ ମୁଖ୍ୟ ମହାପ୍ରବନ୍ଧକ ବା ସିଜିଏମ (ସେବା) ଏବଂ କାର୍ଯ୍ୟକାରୀ ଇଡି (କାର୍ଯ୍ୟ) ଶ୍ରୀ ଏ. ସି. ସରକାର, ସିଜିଏମ (ଆରପିଏଣ୍ଡଇ-ସିଏମଏଲଓ) ଏବଂ କାର୍ଯ୍ୟକାରୀ ଇଡି (ଖଣି) ଶ୍ରୀ ଜୟଦେବ ଚଟ୍ଟୋପାଧ୍ୟାୟ, ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସା ଅଧିକାରୀ (ଚିକିତ୍ସା ଏବଂ ସ୍ୱାସ୍ଥ୍ୟ ସେବା) ଡାକ୍ତର ଜୟନ୍ତ ଆଚାର୍ଯ୍ୟ, ମୁଖ୍ୟ ମହାପ୍ରବନ୍ଧକ (ଏଫ୍ଏଣ୍ଡଏ) ତଥା ଇଡି (ଏଫ୍ଏଣ୍ଡଏ) ର ଅତିରିକ୍ତ ଦାୟିତ୍ୱରେ ଥିବା ଶ୍ରୀ ରାଜେଶ ଦାସଗୁପ୍ତାଙ୍କ ସମେତ କାରଖାନାର ଅନେକ ମୁଖ୍ୟ ମହାପ୍ରବନ୍ଧକ ଏବଂ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତଙ୍କୁ ଓଡ଼ିଆ, ହିନ୍ଦୀ ଏବଂ ଇଂରାଜୀ ଭାଷାରେ ପରିବେଶ ସଙ୍କଳ୍ପ ପାଠ କ୍ରମାନ୍ୱୟରେ ମୁଖ୍ୟ ମହାପ୍ରବନ୍ଧକ (ଏନପିଏମ ଏବଂ ଡିଜିଟାଲାଇଜେସନ) ଶ୍ରୀ ଆର. କେ. ମୁଦୁଲି, ଶ୍ରୀ ଅନିଲ କୁମାର ଏବଂ ଶ୍ରୀ ବି. କେ. ଗିରିଙ୍କ ଦ୍ୱାରା କରାଯାଇଥିଲା। କର୍ମଚାରୀମାନେ ପରିବେଶ ବ୍ୟାଜ୍ ମଧ୍ୟ ପିନ୍ଧିଥିଲେ। ଏହି ଅବସରରେ ନିଜ ଅଭିଭାଷଣ ରଖି ଶ୍ରୀ ଆଲୋକ ବର୍ମା କହିଛନ୍ତି, 'ଏକ ଇସ୍ପାତ ଉତ୍ପାଦନକାରୀ ସଂସ୍ଥା ଭାବରେ ପରିବେଶ ସୁରକ୍ଷା ପ୍ରତି ଆରଏସପି ର ଏକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ରହିଛି'। ସେ କେବଳ ବିଶ୍ୱ ପରିବେଶ ଦିବସ ପାଳନ କରିବା ମଧ୍ୟରେ ସୀମିତ ନ ରହି ବୃକ୍ଷରୋପଣ, ଶକ୍ତି ସଂରକ୍ଷଣ ଏବଂ ସ୍ଥାୟୀ ଅଭ୍ୟାସ ମାଧ୍ୟମରେ ପ୍ରକୃତିକୁ କିଛି ଫେରସ୍ତ କରିବାକୁ ସଙ୍କଳ୍ପ ନେବା ପାଇଁ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ସେ ଆହୁରି ମଧ୍ୟ ଗୁରୁତ୍ୱାରୋପ କରି କହିଛନ୍ତି ଯେ, ଆସନ୍ତା ପିଢ଼ି ପାଇଁ ଏକ ସବୁଜ ଏବଂ ଉତ୍ତମ ଭବିଷ୍ୟତ ସୁରକ୍ଷିତ କରିବାକୁ ହେଲେ ଆଜି ପରିବେଶର ସୁରକ୍ଷା କରିବା ଅତ୍ୟନ୍ତ ଜରୁରୀ। ମହାପ୍ରବନ୍ଧକ ପ୍ରଭାରୀ (ପରିବେଶ ଇଞ୍ଜିନିୟରିଂ) ଶ୍ରୀ ପି. ସି. ଦାଶ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। 'ପରବର୍ତ୍ତୀ ସମୟରେ, ବିଶ୍ୱ ପରିବେଶ ଦିବସ ଉପଲକ୍ଷେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା କର୍ମଚାରୀ ଏବଂ ବିଭାଗଗୁଡ଼ିକୁ ସମ୍ବର୍ଦ୍ଧିତ କରିବା ପାଇଁ ଏଲ୍ ଆଣ୍ଡ ଡି ସେଣ୍ଟରଠାରେ ଏକ ପୁରସ୍କାର ବିତରଣ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ବି. କେ. ଗିରି ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ତାଙ୍କ ସହ ମଞ୍ଚରେ ଶ୍ରୀ ଏସ୍. ପାଲ୍ ଚୌଧୁରୀ ଏବଂ ଶ୍ରୀ ଏ. ସି. ସରକାର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ କାରଖାନାର ବହୁ ସଂଖ୍ୟକ କାର୍ଯ୍ୟନିର୍ବାହୀ ଏବଂ କର୍ମଚାରୀ ଯୋଗ ଦେଇଥିଲେ। ନିଜ ଅଭିଭାଷଣରେ ଶ୍ରୀ ଗିରି ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ। ଜଳବାୟୁ ପାଇଁ। ଭବିଷ୍ୟତ ପାଇଁ।' ଉପରେ ଆଲୋଚନା କରିଥିଲେ। 'ଆମେ ଯାହା ବି କରୁନା କାହିଁକି, ପ୍ରକୃତି ପ୍ରତି ସହାନୁଭୂତିର ସହ କରିବା ଉଚିତ, ଯାହା ଆମକୁ ବଞ୍ଚିବା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଜିନିଷ ଯୋଗାଇଥାଏ', ବୋଲି ସେ ଗୁରୁତ୍ୱାରୋପ କରିଥିଲେ। ଏକ ସବୁଜ, ସ୍ୱଚ୍ଛ ଏବଂ ସମୃଦ୍ଧ ଆଗାମୀ କାଲି ପାଇଁ ମିଳିମିଶି କାମ କରିବାକୁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ଏହାପୂର୍ବରୁ ଶ୍ରୀ ପି. ସି. ଦାସ ବିଶ୍ୱ ପରିବେଶ ଦିବସ ଉପରେ ଏକ ପ୍ରେଜେଣ୍ଟେସନ (ଉପସ୍ଥାପନା) ପ୍ରଦାନ କରିଥିଲେ। କର୍ମଚାରୀମାନଙ୍କ ମଧ୍ୟରେ ପୂର୍ବରୁ ଆୟୋଜିତ ପ୍ରବନ୍ଧ ଏବଂ ସ୍ଲୋଗାନ ପ୍ରତିଯୋଗିତାର ବିଜେତାମାନଙ୍କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିଥିଲେ। କାର୍ବନ ଫୁଟ୍‌ପ୍ରିଣ୍ଟ୍ (କାର୍ବନ ନିର୍ଗମନ) ହ୍ରାସ କରିବା ଦିଗରେ ନେଇଥିବା ପଦକ୍ଷେପ ପାଇଁ ନ୍ୟୁ ପ୍ଲେଟ୍ ମିଲ୍ ବିଭାଗ ଏବଂ ସିଏସଆର ବିଭାଗକୁ 'ଡି-କାର୍ବୋନାଇଜେସନ ଚାମ୍ପିଅନ' ପୁରସ୍କାର ପ୍ରଦାନ କରାଯାଇଥିଲା। ମହାପ୍ରବନ୍ଧକ (ପରିବେଶ ଇଞ୍ଜିନିୟରିଂ) ଶ୍ରୀ ଭି. ଭି. ଆର. ମୂର୍ତ୍ତି ଏହି ପୁରସ୍କାର ବିତରଣ ଉତ୍ସବର ସଂଯୋଜନା କରିଥିବାବେଳେ ଇଇଡି ର ପ୍ରବନ୍ଧକ କୁମାରୀ ରଜନୀ ପ୍ରଗତି ଧନ୍ୟବାଦ ଅର୍ପଣ କରିଥିଲେ, ସେ ମଧ୍ୟ ଏହି କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା (ଉପସ୍ଥାପନା) କରିଥିଲେ।'

# ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ପାଇଁ ସଚେତନ ନାଗରିକ ମଞ୍ଚ ନୀଳଗିରି ତରଫରୁ ଉପଜିଲ୍ଲାପାଳଙ୍କୁ ଦାବିପତ୍ର

ନୀଳଗିରି, ୦୬/୬ (ନି.ପ୍ର): ନୀଳଗିରିର ଐତିହ ଓ ସ୍ୱାଭିମାନ ଲକ୍ଷ୍ମୀସାଗର ପୋଖରୀକୁ ସୋର କେନାଲ ଡିଭିଜନ ମାନ୍ୟବର ଉଚ୍ଚତମ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ବେଖାତିର କରି ପୋତିଦେଇଥିଲା। ଏହାକୁ ବିରୁଦ୍ଧ କରି ବହୁ ସଂଗଠନ ଲକ୍ଷ୍ମୀସାଗର ପୋଖରୀର ପୁନରୁଦ୍ଧାରପାଇଁ ଆନ୍ଦୋଳନ କରିଥିଲେ। ଫଳରେ ଜିଲ୍ଲାପାଳ ବାଲେଶ୍ୱରଙ୍କ ନିର୍ଦ୍ଦେଶ କ୍ରମେ ନୀଳଗିରି ତହସିଲଦାର ଅଫିସ ପତ୍ରାଙ୍କ ସଂଖ୍ୟା୯୯୯/ତା,୨୧/୦୨/୨୦୨୫ ଚିଠି ମୂଳେ ସୋର କେନାଲଡିଭିଜନକୁ ଲକ୍ଷ୍ମୀସାଗର ପୋଖରୀ ପୁନରୁଦ୍ଧାର ପାଇଁ ନିର୍ଦ୍ଦେଶ ଦେଇଥିଲେ। ବିଭିନ୍ନ ଆଳଦେଖାଇ ସୋର କେନାଲଡିଭିଜନ ବର୍ତ୍ତମାନ ସୁଦ୍ଧା ଲକ୍ଷ୍ମୀସାଗର ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ କରୁନାହିଁ। ଆଗକୁ ବର୍ଷାଋତୁ ଆସୁଛି। ତେଣୁ ଯଥାଶୀଘ୍ର ପୁନରୁଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣକରିବାପାଇଁ ଆଜି ସଚେତନ ନାଗରିକ ମଞ୍ଚ ନୀଳଗିରି ତରଫରୁ ଉପଜିଲ୍ଲାପାଳଙ୍କୁ ଦାବୀପତ୍ର ପ୍ରଦାନ କରାଯାଇଛି। ଦାବୀ ପତ୍ର ପ୍ରଦାନ ସମୟରେ ବିଜୟ କୁମାର ପାତ୍ର ,ସାମ୍ବାଦିକ ରବି ରାଉତ , ଜଗବନ୍ଧୁ ମୁନି ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଏକ ସାମ୍ବାଦିକସମ୍ମିଳନୀ କରାଯାଇଥିଲା। ଯଦି ଆଗାମୀ ସାତ ଦିନ ଭିତରେ ଲକ୍ଷ୍ମୀସାଗର ପୋଖରୀ ପୁନଃଉଦ୍ଧାର କାର୍ଯ୍ୟ ସମ୍ପୂର୍ଣ୍ଣ ନ ହୁଏ,ତେବେ ସଚେତନ ନାଗରିକ ମଞ୍ଚ ପକ୍ଷରୁ ଆସନ୍ତା ୧୩ତାରିଖରେ ଉପଜିଲ୍ଲାପାଳଙ୍କ ଅଫିସ ଆଗରେ ପ୍ରତିବାଦ ସଭା ଅନୁଷ୍ଠିତ ହେବ। ଉକ୍ତ ସାମ୍ବାଦିକ ସମ୍ମିଳନୀରେ ଆବାହକ ବିଜୟ କୁମାର ପାତ୍ରଙ୍କ ସମେତ ଉମାକାନ୍ତ ଷଡଙ୍ଗୀ, ହେମେନ୍ଦ୍ର ସେଠି, ଅମରେନ୍ଦ୍ର ନାୟକ, ସାମ୍ବାଦିକ ରବି ରାଉତ, ଜଗବନ୍ଧୁ ମୁନି, ସୁରଞ୍ଜନ ମୁନି ଙ୍କ ସମେତ ମଞ୍ଚର ବହୁ ବରିଷ୍ଠସାଥୀ ଉପସ୍ଥିତ ଥିଲେ। ଏଠାରେ ଉଲ୍ଲେଖ ଯୋଗ୍ୟ, ନାଗରିକ ମଞ୍ଚର ଦାବୀପତ୍ର ପାଇବାପରେ,ନୀଳଗିରି ଉପଜିଲ୍ଲପାଳ, ଅଫିସ ପତ୍ରାଙ୍କ ସଂଖ୍ୟା , ୩୦୩୬ତା,୦୬/୦୬/୨୬ ରେ ସୁପରିଟେଣ୍ଡେଣ୍ଟ ଇଂଜିନିୟରଙ୍କୁ ଦୁଇ ଦିନ ମଧ୍ୟରେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତେବେ ପ୍ରଶ୍ନଉଠେ କେନାଲଡିଭିଜନ ଲକ୍ଷ୍ମୀସାଗର ପୋଖରୀ ପୋତି ଐତିହ୍ୟ କୁ ଧୂଳିସାତ କରିଥିବା ବେଳେ ସେତେବେଳେ କିଛି ସମାଜସେବୀ, ସ୍ୱେଚ୍ଛାସେବୀ ସଂଗଠନ ପୁନରୁଦ୍ଧାର ପାଇଁ ଦାବିକରିଥିଲେ । ୧ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତିଯାଇଥିଲେ ହେଁ କେନାଲ ସଂସ୍ଥା କାହିଁକି ଏପର୍ଯ୍ୟନ୍ତ ପୁନରୁଦ୍ଧାର କରିନାହିଁ ଏବଂ କାହାଚାପରେ ସ୍ଥଗିତ ରଖିଥିଲେ। ତେବେ ଏବେ ପୋଖରୀ ଖୋଳିବାପାଇଁ କାର୍ଯ୍ୟଆରମ୍ଭ ହୋଇଥିବା ବେଳେ କିଛି ନ୍ୟସ୍ତସ୍ୱାର୍ଥ ବ୍ୟକ୍ତି ଏହାକୁ ବିରୋଧକରି ଏଠାରେ ଦୋକାନଗୃହ ନିର୍ମାଣ କରିବାକୁ ଦାବୀ କରିଛନ୍ତି। ତେବେ ଯଦି ଏଭଳି ଐତିହ୍ୟ ର ପୁନରୁଦ୍ଧାର ନହୁଏ ତେବେ ନୀଳଗିରିରେ ଥିବା ବହୁ ପୁରୁଣା କୀର୍ତ୍ତିରାଜିକୁ ଭାଙ୍ଗି ଦୋକାନଗୃହ ନିର୍ମାଣକଲେ ଅସୁବିଧା କେଉଁଠି ବୋଲି ବୁଦ୍ଧିଜୀବୀ ପ୍ରଶ୍ନ କରିଛନ୍ତି।

# ଫୁଲବାଣୀରେ ଜିଲ୍ଲା ପ୍ରସାଶନ ଓ ଓରମାସ କନ୍ଧମାଳ ପକ୍ଷରୁ ଆମ୍ବ ମେଳା ଉଦ୍ଘାଟିତ

କନ୍ଧମାଳ, ୦୬/୬ (ନି.ପ୍ର): ଗ୍ରାମାଂଚଳର ଆମ୍ବ ଚାଷୀମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ କରିବା, ମଧ୍ୟସ୍ଥଙ୍କ ହସ୍ତକ୍ଷେପ ଦୂର କରିବା ଏବଂ ଉପଭୋକ୍ତାମାନଙ୍କୁ ୧୦୦ ପ୍ରତିଶତ ପ୍ରାକୃତିକ ଭାବେ ପାଚିଥିବା ସତେଜ ଆମ୍ବ ଉପଲବ୍ଧ କରାଇବା ଉଦ୍ଦେଶ୍ୟରେ ଓରମାସ, କନ୍ଧମାଳ ପକ୍ଷରୁ ସ୍ଥାନୀୟ ଜିଲ୍ଲା ସ୍ୱୟଂ ସହାୟିକା ଗୋଷ୍ଠୀ କେନ୍ଦ୍ର, ପଂଚାୟତ ସମିତି କାର୍ଯ୍ୟାଳୟ ନିକଟ, ଫୁଲବାଣୀ ଠାରେ ଏକ ଆମ୍ବ ମେଳାର ଆୟୋଜନ କରାଯାଇଛି ।ଏହି ଆମ୍ବ ମେଳାକୁ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ବେଦଭୂଷଣ ଉଦ୍ଘାଟନ କରିଥିଲେ। ଏହି ଅବସରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ ଉପ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ, ଓରମାସ, କନ୍ଧମାଳ ଶ୍ରୀ ଗୁଣ୍ଡିଚା ବେହେରା ଏବଂ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଫୁଲବାଣୀ ଶ୍ରୀ ସୌମ୍ୟ ରଞ୍ଜନ ପାତ୍ର ଉପସ୍ଥିତ ଥିଲେ ।ଓରମାସ ଦ୍ୱାରା ଗଠିତ ତିନୋଟି କୃଷକ ଉତ୍ପାଦକ ସଂଗଠନ (ଏଫପିଓ) ଏହି ମେଳାରେ ଅଂଶଗ୍ରହଣ କରିଛନ୍ତି। ଏଫପିଓ ଅନ୍ତର୍ଗତ ଆମ୍ବ ଚାଷୀମାନେ ସେମାନଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ କିସମର ଆମ୍ବ ଯଥା ଆଖୁରସ, ତୋତାପୁରୀ, ଅମ୍ରପାଲୀ, ଦଶେରୀ, ବାଇଗଣପଲ୍ଲୀ, ଲଙ୍ଗଡ଼ା ଓ ମଲ୍ଲିକା ପ୍ରଭୃତି ମେଳାରେ ବିକ୍ରୟ କରୁଛନ୍ତି। ଏହି ମେଳା ମାଧ୍ୟମରେ ଚାଷୀମାନେ ସେମାନଙ୍କ ଉତ୍ପାଦର ନ୍ୟାୟସଙ୍ଗତ ମୂଲ୍ୟ ପାଇପାରିବେ ଏବଂ ସ୍ଥାନୀୟ ଉପଭୋକ୍ତାମାନେ ଏକ ସ୍ଥାନରେ ବିଭିନ୍ନ ଚାହିଦା ସମ୍ପନ୍ନ ଆମ୍ବ କିଣିବାର ସୁବିଧା ପାଇବେ। ଏହା ସହିତ ମଧ୍ୟସ୍ଥଙ୍କ ଭୂମିକାକୁ ହ୍ରାସ କରି ଗ୍ରାମୀଣ ଚାଷୀମାନଙ୍କ ଆୟ ବୃଦ୍ଧି ଏବଂ ଉପଭୋକ୍ତାଙ୍କୁ ସିଧାସଳଖ ଫାର୍ମରୁ ସତେଜ ଓ ପ୍ରାକୃତିକ ଭାବେ ପାଚିଥିବା ଆମ୍ବ ଯୋଗାଇବା ଏହି ମେଳାର ମୁଖ୍ୟ ଉଦ୍ଦେଶ୍ୟ।

# ପରିବାରରେ କେହି ନଥିବାରୁ ଅଟକିଥିଲା ଶେଷକୃତ୍ୟ : ବୃଦ୍ଧାଙ୍କ ଶବ ସତ୍କାର କଲେ ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗିର, ୦୬/୬ (ନି.ପ୍ର): ପରିବାରରେ କେହି ପୁରୁଷ ସଦସ୍ୟ ନଥିବା ଏବଂ ଅସହାୟତା ଯେ, କେତେ କଷ୍ଟଦାୟକ, ତାହା ଗତକାଲି ରାତିରେ ବଲାଙ୍ଗିର ସହରର କଂସାରୀ ପଡ଼ାରେ ଦେଖିବାକୁ ମିଳିଛି । ଜଣେ ୭୦ ବର୍ଷୀୟା ବୃଦ୍ଧାଙ୍କ ମୃତ୍ୟୁ ପରେ ପରିବାରରେ ସାହାଯ୍ୟ କରିବାକୁ କେହି ନଥିବାରୁ ଶବସତ୍କାର ହୋଇନପାରି ଦୀର୍ଘ ସମୟ ଧରି ପଡ଼ିରହିବା ସ୍ଥାନୀୟ ଅଂଚଳରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ଶେଷରେ ମାନବିକତା ଦେଖାଇ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ଆଗେଇ ଆସି ବୃଦ୍ଧାଙ୍କ ଅନ୍ତିମ ସଂସ୍କାର କରିଛନ୍ତି । ସୂଚନା ଅନୁଯାୟୀ, କଂସାରୀ ପଡ଼ାର ୭୦ ବର୍ଷୀୟା ବାସନ୍ତୀ ଡାଙ୍ଗଙ୍କର ଗତକାଲି ବିଳମ୍ବିତ ରାତିରେ ପରଲୋକ ଘଟିଥିଲା । ବୃଦ୍ଧାଙ୍କର ଏକମାତ୍ର ପୁତ୍ରର ମୃତ୍ୟୁ ପୂର୍ବରୁ ହିଁ ହୋଇସାରିଥିବା ବେଳେ, ଘରେ କେବଳ ତାଙ୍କର ବିଧବା ପୁତ୍ରବଧୂ ଓ ନାତିନାତୁଣୀ ରହୁଛନ୍ତି । ପରିବାରରେ କୌଣସି ପୁରୁଷ ସଦସ୍ୟ କିମ୍ବା ସାହାଯ୍ୟ କରିବା ଭଳି କେହି ନଥିବାରୁ, ବୃଦ୍ଧାଙ୍କ ମୃତ୍ୟୁ ପରେ ଶବସତ୍କାର ପାଇଁ ଶ୍ମଶାନକୁ ନେବା ସେହି ଅସହାୟ ମହିଳା ଓ ପିଲାମାନଙ୍କ ପକ୍ଷେ ଅସମ୍ଭବ ହୋଇପଡ଼ିଥିଲା । ଏଭଳି ସ୍ଥିତିରେ ପରିବାର ଲୋକେ କାନ୍ଦବୋବାଳି କରି ଅସହାୟ ଅବସ୍ଥାରେ ଘରେ ବସି ରହିଥିଲେ । ଏହି ଦୁଃଖଦ ଖବର ପାଇ ସ୍ଥାନୀୟ କାଉନସିଲର ଇଶ୍ରତ ଅରା ଖାନ୍ ଓ ପୂର୍ବତନ କାଉନସିଲର ମୁନ୍ନା ଖାନ୍ ଘଟଣାସ୍ଥଳରେ ପହଂଚିଥିଲେ । ପରିବାରର ଏଭଳି ଅସହାୟ ସ୍ଥିତି ଦେଖି ସେମାନେ ତୁରନ୍ତ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ସହିତ ଯୋଗାଯୋଗ କରିଥିଲେ । ଖବର ପାଇବା ମାତ୍ରେ ସଂଗଠନର ସଦସ୍ୟମାନେ ମୃତକଙ୍କ ବାସଭବନରେ ପହଂଚି ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇବା ସହ ସମସ୍ତ ଦାୟିତ୍ୱ ନିଜ ହାତକୁ ନେଇଥିଲେ । ସଂଗଠନ ପକ୍ଷରୁ ଶବ ଉଦ୍ଧାର କରାଯାଇ ସମ୍ମାନର ସହ ବିଜାଖମନ୍ ସ୍ୱର୍ଗଦ୍ୱାରକୁ ନିଆଯାଇଥିଲା । ସେଠାରେ ସଂଗଠନର ସଦସ୍ୟ ଗୋବିନ୍ଦ ଚନ୍ଦ୍ର ଶତପଥି, ଉତମ ନନ୍ଦ, ସରୋଜ ଜାଲ, ପ୍ରଦୀପ ଜୁଏଡ ଏବଂ ଶିବ ବେହେରା ପ୍ରମୁଖ ଉପସ୍ଥିତ ରହି ବୃଦ୍ଧାଙ୍କର ଶେଷକୃତ୍ୟ ସମ୍ପନ୍ନ କରିବା ସହ ମାନବିକତାର ଏକ ଅନନ୍ୟ ଉଦାହରଣ ସୃଷ୍ଟି କରିଛନ୍ତି ।

# ଜିଲ୍ଲା ସଭାପତି ଭାବରେ ଶକ୍ତି ପ୍ରଦର୍ଶନ କଲେ ରାଜେନ୍ଦ୍ର

ଖୋର୍ଦ୍ଧା, ୦୬/୬ (ନି.ପ୍ର): ରାଜ୍ୟ ରେ ବିଜେପି ର ଡବଲ ଇଞ୍ଜିନ ସରକାର ଦୁଇ ବର୍ଷ ପାଳନ କରୁଛି । ଅନ୍ୟ ପକ୍ଷ ରେ ସାରାରାଜ୍ୟ ରେ ମୁଖ୍ୟ ବିରୋଧୀ ଦଳ ବିଜେଡି ନାରୀ ମାନଙ୍କ ବିରୁଦ୍ଧରେ ବଢୁଥିବା ଅତ୍ୟାଚାର, ଦରଦାମ୍ ବୃଦ୍ଧି ବିରୁଦ୍ଧରେ ସମାବେଶ, ଶୋଭାଯାତ୍ରା ଆୟୋଜନ କରୁଛି । ଏହି ପରିପେକ୍ଷୀରେ ରେ ଖୋର୍ଦ୍ଧାରେ ବିଜେଡିର ବିଶାଳ ମହିଳା ସମାବେଶ। ଆୟୋଜିତ ହୋଇଛି। ଜିଲ୍ଲା ବିଜେଡି ସଭାପତି ରାଜେନ୍ଦ୍ର କୁମାର ସାହୁଙ୍କ ନେତୃତ୍ୱ ରେ ହଜାର ହଜାର ମହିଳା ଓ ରାଜ୍ୟର ବରିଷ୍ଠ ନେତୃ ମଣ୍ଡଳୀ ଏକାଠି ହୋଇଛନ୍ତି। ଖୋର୍ଦ୍ଧା ପୌର ପରିଷଦ, ଖୋର୍ଦ୍ଧା ଓ ଟାଙ୍ଗୀ ବ୍ଲକ ଜ଼ିଲ୍ଲା ର ବେଗୁନିଆ, ବୋଲଗଡ, ଚିଲିକା, ଜଟଣୀ, ର ବିଭିନ୍ନ ଅଞ୍ଚଳ ରୁ ବିଜେଡି ନେତା, କର୍ମୀ ସମସ୍ତେ ଗୀତା ଭବନ ପଡ଼ିଆ ରେ ଏକାଠି ହୋଇଥିଲେ। ସେଠାରୁ ଏକ ବିରାଟ ଶୋଭାଯାତ୍ରା ରେ ରାଜ୍ୟ ସଭା ସାଂସଦ ସୁଲତା ଦେଓ,ବେଗୁନିଆ ବୋଲଗଡ ବିଧାୟକ ପ୍ରଦୀପ କୁମାର ସାହୁ,ଜିଲ୍ଲା ବିଜେଡି କାର୍ଯ୍ୟକାରୀ ସଭାପତି କ୍ୟାପଟେନ ମନ୍ମଥ କୁମାର ରାଉତରାୟ,ରାଜ୍ୟ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ , ରାଜ୍ୟ ଯୁବ ବିଜେଡି ସଭାପତି ଚିନ୍ମୟ କୁମାର ସାହୁ, ଛାତ୍ର ବିଜେଡି ସଭାନେତ୍ରୀ ଇପିଶିତା ସାହୁ, , ବିଜେଡି ମହିଳା ଉପ ସଭାନେତ୍ରୀ ଲେଖାଶ୍ରୀ ସାମନ୍ତ ସିଂହାର, ଚିଲିକା ପୂର୍ବତନ ବିଧାୟକ ରଘୁନାଥ ସାହୁ ପ୍ରମୁଖ ସାମିଲ ହୋଇଥିଲେ। ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ସହ ଅନ୍ୟ ନିର୍ବାଚନ ମଣ୍ଡଳୀ ରୁ ହଜାର ହଜାର ସଂଖ୍ୟାରେ ଯୁବ, ଛାତ୍ର, ମହିଳା, କର୍ମୀ, ଜନ ସାଧାରଣ ଏକାଠି ହୋଇ ନବୀନ ପଟ୍ଟନାୟକ ତୁମେ ଫେରିଆସ, , ମୋହନ ମାଝୀ ଙ୍କ ସରକାର ବିରୁଦ୍ଧରେ ସ୍ଲୋଗାନ ଦେଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଅଭିମୁଖେ ବାହାରିଥିଲେ। ଏହି ଅବସରରେ ରାଜ୍ୟ ଓ ଜ଼ିଲ୍ଲା ନେତୃ ମଣ୍ଡଳୀ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଯୁବ ବିଜେଡି ଉପ ସଭାପତି ଅବ୍ୟକ୍ତ ହରିହର ଖାଡ଼ଙ୍ଗା ଙ୍କ ପୌରହିତ୍ୟରେ ଆୟୋଜିତ ସମାବେଶ ରେ ସମସ୍ତ ନେତୃତ୍ୱ ରାଜ୍ୟ ସରକାରଙ୍କ ବିରୁଦ୍ଧ ରେ ବିକ୍ଷୋଭ ପଦର୍ଶନ କରିଥିଲେ । ରାଜ୍ୟରେ ନାରୀ ଅସୁରକ୍ଷିତ, ଆଇନ ଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ, ଦରଦାମ ରେ ଅଣନିୟନ୍ତ୍ରିତ, ବୃଦ୍ଧ , ବୃଦ୍ଧା, ଭିନ୍ନକ୍ଷମ, ଙ୍କୁ ଭତ୍ତା ପ୍ରଦାନ ନ କରିବା , ଆଞ୍ଚଳିକ ସମସ୍ୟା କ୍ଷେତ୍ରରେ ସରକାର ଙ୍କ ବିଫଳତା, ବିଦ୍ୟୁତ୍ ଦର ବୃଦ୍ଧି, ବିଭ୍ରାଟ, କ୍ୟାବିନ ବ୍ୟବସାୟୀ ଙ୍କୁ ଥଇଥାନ ଏସବୁକୁ ମୁଦ୍ଦା କରି ଆଜି ଜିଲ୍ଲା ବିଜେଡି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା।। ଏହି ଅବସର ରେ କିଛି ଦିନ ତଳେ ଖୋର୍ଦ୍ଧା ଜିଲ୍ଲା ବିଜେଡି ର ସଭାପତି ରୂପେ ନିଯୁକ୍ତି ପାଇଥିବା ରାଜେନ୍ଦ୍ର କୁମାର୍ ସାହୁ ମଧ୍ୟ ନିଜର ଶକ୍ତି ପ୍ରଦର୍ଶନ କରିଥିଲେ। ପ୍ରଚଣ୍ଡ ରୌଦ୍ରତାପ କୁ ଭ୍ରୁକ୍ଷେପ ନ କରି ମହିଳା ଓ କର୍ମୀ ମାନେ ପ୍ରାୟ ୨କିମି ଚାଲି ଚାଲି ବିଜେପି ସରକାର ବିରୁଦ୍ଧରେ ସ୍ଲୋଗାନ ଦେବା ସହ ନବୀନ ପଟ୍ଟନାୟକ ଫେରିଆସ ସ୍ଲୋଗାନ ଦେଇ ଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପହଞ୍ଚି ଥିଲେ। ନାରୀମାନଙ୍କର ଅଧିକାର ପାଇଁ ନାରୀମାନଙ୍କୁ ସଶକ୍ତ କରିବା କ୍ଷେତ୍ରରେ ବିଜୁ ବାବୁ ହିଁ ଥିଲେ ଯୁଗ ପ୍ରବର୍ତ୍ତକ । ପଞ୍ଚାୟତରାଜ ସଂସ୍ଥାଠାରୁ ଆରମ୍ଭ କରି ସରକାରୀ ଚାକିରୀ କ୍ଷେତ୍ରରେ ୩୩ ପ୍ରତିଶତ ସ୍ଥାନ ମହିଳାମାନଙ୍କ ପାଇଁ ସଂରକ୍ଷଣ ଭଳି ସାହସିକ ପଦକ୍ଷେପ ନେଇ ବିଜୁବାବୁ ଇତିହାସ ସୃଷ୍ଟି କରିଯାଇଛନ୍ତି । ବିଜୁ ବାବୁଙ୍କ ଆଦର୍ଶରେ ନବୀନ ବାବୁଙ୍କ ସରକାର ପଞ୍ଚାୟତରାଜ ଓ ପୌରସଂସ୍ଥାରେ ମହିଳା ସଂରକ୍ଷଣକୁ ୫୦ ପ୍ରତିଶତ ବୃଦ୍ଧି କରିଥିଲେ । ଏହି ଅବସରରେ ରାଷ୍ଟ୍ରପତି ଙ୍କ ଉଦେଶ୍ୟ ରେ ଦାବିପତ୍ର ଜ଼ିଲ୍ଲାପାଳ ଙ୍କୁ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମ ରେ ଖୋର୍ଦ୍ଧା ମୁନିସିପାଲିଟି ର ବହୁ କାଉନସେଲର,ଖୋର୍ଦ୍ଧା, ଟାଙ୍ଗୀ, ବେଗୁନିଆ, ବୋଲଗଡ, ଜଟଣୀ, ବାଣପୁର, ଚିଲିକା ବ୍ଲକ, ବାଣପୁର, ବାଲୁଗାଁ ବିଜ୍ଞାପିତ ଅଂଚଳ ପରିଷଦ ଓ ଜୟଦେବ ନିର୍ବାଚନ ମଣ୍ଡଳୀ ର ବହୁ ବିଜୁ ପ୍ରେମୀ ଓ ମିଶନ ଶକ୍ତି ମା ମାନେ ଯୋଗଦେଇଥିଲେ। ଆଗକୁ ଏହି ଆନ୍ଦୋଳନ ଜାରି ରହିବ ବୋଲି ବିଜେଡି ଜ଼ିଲ୍ଲା ବିଜେଡି ସଭାପତି, କାର୍ଯ୍ୟକାରୀ ସଭାପତି ଙ୍କ ସହ ବିଜେଡି ର ତୁଙ୍ଗ ନେତା ଏବଂ ନେତ୍ରୀ ବୃନ୍ଦ ମଧ୍ୟ ଚେତାବନୀ ଦେଇଥିଲେ।

# ଏସ୍ଆଇଆର ଅଭିଯାନ ପ୍ରକ୍ରିୟାରେ ସାମିଲ ହେଲେ ବିଧାୟକ ଟଙ୍କଧର ତ୍ରିପାଠୀ

ଝାରସୁଗୁଡା, ୦୬/୬ (ନି.ପ୍ର): ଝାରସୁଗୁଡା ନିର୍ବାଚନ ମଣ୍ଡଳୀରେ ଭାରତ ସରକାରଙ୍କ ପ୍ରତିଷ୍ଠିତ ଏସ୍ଆଇଆର୍ ଅଭିଯାନ ଅନ୍ତର୍ଗତ ଜନଗଣନା କାର୍ଯ୍ୟକ୍ରମ ବ୍ୟାପକ ଭାବେ ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସ୍ଥାନୀୟ ବୁଥ୍ ସ୍ତରୀୟ ଅଧିକାରୀଙ୍କ ଉପସ୍ଥିତିରେ ଝାରସୁଗୁଡାର ମାନ୍ୟବର ବିଧାୟକ ଟଙ୍କଧର ତ୍ରିପାଠୀ ଆନୁଷ୍ଠାନିକ ଭାବେ ଏହି ଜନଗଣନା କାର୍ଯ୍ୟକ୍ରମରେ ନିଜର ନାମାଙ୍କନ କରିଛନ୍ତି। ଏହି ଅଭିଯାନ ଜରିଆରେ ସମଗ୍ର ଅଂଚଳର ପ୍ରତିଟି ନାଗରିକଙ୍କୁ ସାମିଲ କରିବା ପାଇଁ ପ୍ରଶାସନିକ ସ୍ତରରେ ତତ୍ପରତା ପ୍ରକାଶ ପାଇଛି। ନାମାଙ୍କନ ପ୍ରକ୍ରିୟା ଶେଷ କରିବା ପରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି ଯେ, ଦେଶର ବିକାଶ ଓ ପ୍ରଗତି ପାଇଁ ସଠିକ୍ ତଥ୍ୟ ସଂଗ୍ରହର ଆବଶ୍ୟକତା ରହିଛି। ଭାରତ ସରକାରଙ୍କ ଏହି ସ୍ୱତନ୍ତ୍ର ଅଭିଯାନ ଦେଶର ସୁଶାସନ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ଓ ସ୍ୱଚ୍ଛ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ସଠିକ୍ ପରିସଂଖ୍ୟାନ ଦ୍ୱାରା ହିଁ ଆଗାମୀ ଦିନରେ ଜନକଲ୍ୟାଣକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ ସମ୍ଭବ ହୋଇପାରିବ ବୋଲି ସେ ପ୍ରକାଶ କରିଛନ୍ତି। ଏହା ସହିତ ସେ ଝାରସୁଗୁଡା ନିର୍ବାଚନ ମଣ୍ଡଳୀର ସମସ୍ତ ଜନସାଧାରଣଙ୍କୁ ଏହି ଜାତୀୟ କାର୍ଯ୍ୟକ୍ରମରେ ସକ୍ରିୟ ଅଂଶଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି। ପ୍ରତିଟି ପରିବାର ନିଜର ସଠିକ୍ ସୂଚନା ପ୍ରଦାନ କରି ପ୍ରଶାସନକୁ ସହଯୋଗ କରିବା ସହ 'ବିକଶିତ ଭାରତ' ଗଠନ ଦିଗରେ ନିଜର ସହଭାଗିତା ପ୍ରଦର୍ଶନ କରିବାକୁ ବିଧାୟକ ଶ୍ରୀ ତ୍ରିପାଠୀ ଆହ୍ୱାନ ଦେଇଛନ୍ତି।

# ଖରାଛୁଟି ସରିବାକୁ ବସିଲାଣି ବହି ମିଳିନି: ଚିନ୍ତାରେ ଅବିଭାବକ ଓ ଛାତ୍ରଛାତ୍ରୀ

ଜୟପୁର, ୦୬/୬ (ନି.ପ୍ର): କୋରାପୁଟ ଜିଲାରେ ଗ୍ରୀଷ୍ମକାଳୀନ ଛୁଟି ଅଧା ସରିଲାଣି । ଛାତ୍ର ଛାତ୍ରୀ ବହି ନଥିବାରୁ ଘରେ ହାତ ବାନ୍ଧି ବସିଛନ୍ତି । ପାଠ ପଢା ଆଗେଇ ପାରୁନାହିଁ । ଛୁଟି ଖୋଲିବାକୁ ଛାତ୍ର, ଛାତ୍ରୀ ଚାହିଁ ବସିଛନ୍ତି । ଯାହାକୁ ନେଇ ଅଭିଭାବକ ଅସନ୍ତୋଷ ପ୍ରକାଶ କରିଛନ୍ତି । ବହି ବଦଳିବା ପରେ ନୂଆ ବହି ଆସିନଥିବାରୁ ଏପରି ସମସ୍ୟା ସୃଷ୍ଟି ହେଉଛି । ଏଯାବତ୍ କୋରାପୁଟ ଜିଲାର ଜୟପୁର, କୋରାପୁଟ, ସେମିଳିଗୁଡା, ବୈପାରିଗୁଡା, ବୋରିଗୁମ୍ମା, ଲକ୍ଷ୍ମୀପୁର, ଲମତାପୁଟ, କୋଟପାଡ, ପଟାଙ୍ଗୀ ବ୍ଲକର ଅନେକ ବିଦ୍ୟାଳୟର ଛାତ୍ରଛାତ୍ରୀ ବହି ପାଇନଥିବା ଅଭିଯୋଗ କରିଛନ୍ତି । ସୂଚନା ମୁତାବକ, ପ୍ରତିବର୍ଷ ଗ୍ରୀଷ୍ମ ଛୁଟି ପୂର୍ବରୁ ଛାତ୍ରଛାତ୍ରୀଙ୍କୁ ସରକାରୀ ବିଦ୍ୟାଳୟରେ ପାଠ୍ୟ ପୁସ୍ତକ ବଣ୍ଟନ କରାଯାଇଥାଏ । ଯଦି କେହି ବହି ନ ପାଇଥାନ୍ତି ତେବେ ପୂର୍ବବର୍ଷ ବହି ସଂଗ୍ରହ କରି ଗ୍ରୀଷ୍ମଛୁଟିରେ ପାଠ ପଢା ଜାରି ରଖିଥାନ୍ତି । ପ୍ରାୟ ଦୁଇ ମାସ ଛୁଟି ରହୁଥିବାରୁ ଏହି ସମୟରେ ଛାତ୍ରଛାତ୍ରୀ କିଛି ପାଠ ସାରି ଦେଇଥାନ୍ତି । ଅପ୍ରେଲ ମାସରେ ପଢା ହୋଇଥିବା ପାଠକୁ ମଧ୍ୟ ପୁନରାବୃତି କରିଥାନ୍ତି ।

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜୁନ୍ ୨୦୨୬
email :
rabibarachayan2015@gmail.com

# ରବିବାର ଚୟନ



......ସୁଚୟନ ସୁଚୟନ ସୁଚୟନ......

କଥା, କବିତା, ସୃଜନର ସୁରମ୍ୟ ସମ୍ଭାର



## ବୁଦ୍ଧ କାହାଣୀ



ଏସିଆର ଆଲୋକ ତଥା ବୌଦ୍ଧଧର୍ମର ପ୍ରତିଷ୍ଠାତା ଗୌତମବୁଦ୍ଧଙ୍କ ଜୀବନଗାଥା ବେଶ୍ ହୃଦ୍ୟ ଓ ରୋମାଞ୍ଚକର। ଏହାକୁ ନେଇ ପୃଥିବୀ ବ୍ୟାପି ଅସୁମାରୀ ପୁସ୍ତକ ରଚିତ ହୋଇଛି। ସେହିଧାରାରେ ମାଲେସିଆର ବିଶିଷ୍ଟ ବୌଦ୍ଧଭିକ୍ଷୁ କେ. ଶ୍ରୀ ଧମ୍ମାନନ୍ଦ ମହାଥେରା ମାଳୟ ଭାଷାରେ ସାଧାରଣ କିଶୋର କିଶୋରୀଙ୍କ ନିମନ୍ତେ ବୁଦ୍ଧଙ୍କ ଜୀବନୀ ସମ୍ପର୍କରେ ବହୁମୂଲ୍ୟ ପୁସ୍ତକଟିଏ ରଚନା କରିଥିଲେ। ଇଂରାଜୀରେ ତାହାକୁ 'ଲାଇଫ୍ ଅଫ୍ ଦି ବୁଦ୍ଧ' ଶୀର୍ଷକରେ ୨୦୨୨ ମସିହାରେ ଅନୁସୃଜନ କରିଥିଲେ ଭିକ୍ଷୁ ଶିରିଧମ୍ମା। ଏହି ପୁସ୍ତକର ପ୍ରକାଶକ ବୁଦ୍ଧ ବଚନ ଟ୍ରଷ୍ଟ, ମହାବୋଧି ସୋସାଇଟି, ବେଙ୍ଗାଲୁରଙ୍କ ଅନୁରୋଧ କ୍ରମେ ଓଡ଼ିଆ ଭାଷାରେ **'ବୁଦ୍ଧ କାହାଣୀ'** ଶୀର୍ଷକରେ ଅନୁବାଦ କରିଛନ୍ତି

**ଡ. ସାରଙ୍ଗଧର ତ୍ରିପାଠୀ**

### ୩୬ ବିଶାଖା (ବୁଦ୍ଧଙ୍କ ସର୍ବଶ୍ରେଷ୍ଠ ମହିଳା ସମର୍ଥକ) (ଖ)

ବିଶାଖା ବିନମ୍ରତାପୂର୍ବକ ଭିକ୍ଷୁଙ୍କୁ କହିଲେ, "ସମ୍ମାନନୀୟ ଭିକ୍ଷୁ, ମୋର ଶ୍ୱଶୁର ବାସିଖାଦ୍ୟ ଖାଉଛନ୍ତି।"

ବହୁଦିନ ଧରି ବିଶାଖାଙ୍କ ଶ୍ୱଶୁର ତାଙ୍କ ଉପରେ ଅସନ୍ତୁଷ୍ଟ ଥିଲେ କାରଣ ସେ ବୁଦ୍ଧଙ୍କ ଜଣେ ଏକାନ୍ତ ଅନୁଗାମୀ ଓ ସମର୍ଥକ ଥିଲେ, ମାତ୍ର ସେ (ଶ୍ୱଶୁର) ନିଜେ ନଥିଲେ। ସେ ପୁଅ ଓ ବୋହୂ ବିଶାଖାଙ୍କ ମଧ୍ୟରେ ବିବାହ ଭାଙ୍ଗିବା ପାଇଁ ସୁଯୋଗ ଖୋଜୁଥିଲେ, ମାତ୍ର ବିଶାଖାଙ୍କ ଆଚରଣ ନିର୍ମଳ ଥିଲା। ଏବେ ତାଙ୍କୁ ସୁଯୋଗ ମିଳିଗଲା। ବିଶାଖାଙ୍କ କଥାକୁ ଭୁଲ୍ ବୁଝି ସେ ମନେକଲେ ଯେ ବୋହୂ ତାଙ୍କ ପରିବାରକୁ ଅପମାନିତ କରିଛନ୍ତି।

ସେ ବିଶାଖାଙ୍କୁ ଘରୁ ବାହାର କରିଦେବାକୁ ନିର୍ଦ୍ଦେଶ ଦେଲେ, କିନ୍ତୁ ବିଶାଖା ତାଙ୍କ ବାପାଙ୍କ ଆଠଜଣ କୁଳପତିଙ୍କୁ କରିଥିବା ଅନୁରୋଧ କଥା ମନେପକାଇଦେଲେ। ବିଶାଖାର ବାପା ସେମାନଙ୍କୁ କହିଥିଲେ, "ଯଦି ମୋ ଝିଅର କୌଣସି ଦୋଷ ଅଛି, ତେବେ ଏହାର ତଦନ୍ତ କର।"

କୋଟିପତି ତାଙ୍କ ଅନୁରୋଧକୁ ସ୍ୱୀକାର କଲେ ଏବଂ ବିଶାଖା ଅଭଦ୍ରତା କରିଛିକି ନାହିଁ ତାହା ତଦନ୍ତ କରିବାକୁ ସେହି ଆଠଜଣ କୁଳପତିଙ୍କୁ ଡାକିଲେ। ସେମାନେ ପହଞ୍ଚିବା ପରେ ସେ ସେମାନଙ୍କୁ କହିଲେ, "ଏହି ଦୋଷ ପାଇଁ ବୋହୂକୁ ଦୋଷୀ ସାବ୍ୟସ୍ତ କରି ତାକୁ ଘରୁ ବାହାର କରିଦିଅ।"

ବିଶାଖା ତାଙ୍କର ନିର୍ଦ୍ଦୋଷତାର ପ୍ରମାଣ କରି କହିଲେ, "ମହାଶୟ, ଯେତେବେଳେ ମୋର ଶ୍ୱଶୁର ଭିକ୍ଷୁଙ୍କୁ ଅଣଦେଖା କରି ତାଙ୍କ କ୍ଷୀରଭାତ ଦଳିଆ ଖାଇବା ଜାରି ରଖିଲେ, ସେ ତାଙ୍କ ବର୍ତ୍ତମାନ ଜୀବନରେ ପୁଣ୍ୟ ଅର୍ଜନ କରୁନଥିଲେ। ସେ କେବଳ ତାଙ୍କ ପୂର୍ବ କର୍ମର ପୁଣ୍ୟ ଭୋଗ କରୁଥିଲେ। ଏହା କ'ଣ ବାସିଖାଦ୍ୟ ଖାଇବା ପରି ନଥିଲା ?"

ଶ୍ୱଶୁରଙ୍କୁ ସ୍ୱୀକାର କରିବାକୁ ପଡ଼ିଲା କି ସେହି ଅଭଦ୍ର ବ୍ୟବହାର ନିମନ୍ତେ ବୋହୂ ଦୋଷୀ ନଥିଲେ।

ଏହା ପରେ ଆଉକିଛି ଭୁଲ୍ ବୁଝାମଣା ହୋଇଥିଲା, ମାତ୍ର ବିଶାଖା ତାଙ୍କୁ ସନ୍ତୁଷ୍ଟ କରିବାରେ ସଫଳ ହୋଇଥିଲେ। ଏହାପରେ ତାଙ୍କ ଶ୍ୱଶୁର ନିଜ ଭୁଲ୍ ଓ ବିଶାଖାଙ୍କ ମହାନ ବୁଦ୍ଧି ବିଷୟରେ ବୁଝିପାରିଲେ। ତାଙ୍କର ପରାମର୍ଶରେ, ସେ ବୁଦ୍ଧଙ୍କୁ ପ୍ରବଚନ ଦେବାପାଇଁ ନିଜ ଘରକୁ ନିମନ୍ତ୍ରଣ କଲେ। ପ୍ରବଚନ ଶୁଣି ସୋତପନ୍ନ (ବୁଦ୍ଧତ୍ୱପ୍ରାପ୍ତିର



ଚାରିସୋପାନ ମଧ୍ୟରୁ ପ୍ରଥମ ସୋପାନରେ ପ୍ରବେଶ କରିବା) ହେଲେ।

ନିଜର ବୁଦ୍ଧିମତ୍ତା ଓ ଧୈର୍ଯ୍ୟ ଦ୍ୱାରା ସେ ନିଜର ସ୍ୱାମୀଙ୍କ ଘରକୁ ଏକ ସୁଖୀ ବୌଦ୍ଧଘରରେ ପରିବର୍ତ୍ତନ କରିବାରେ ସଫଳ ହେଲେ।

ବିଶାଖା ମଧ୍ୟ ଭିକ୍ଷୁଙ୍କ ପ୍ରତି ଖୁବ୍ ଉଦାର ଓ ସହାୟକ ଥିଲେ। ସେ ଭିକ୍ଷୁଙ୍କ ବ୍ୟବହାର ନିମିତ୍ତ ବହୁ ଅର୍ଥ ବ୍ୟୟରେ ପୁବ୍ବାରମା ମଠ ନିର୍ମାଣ କରିଥିଲେ। ବୁଦ୍ଧ ସେଠାରେ ଛଅଟି ବର୍ଷାଋତୁ ବିତାଇବା ସମୟରେ ସେ ବହୁତ ଆନନ୍ଦ ଅନୁଭବ କରିଥିଲେ।

ବୁଦ୍ଧ ବିଖାଖାଙ୍କୁ ଦେଇଥିବା ଏକ ଉପଦେଶରେ ସ୍ତ୍ରୀର ଯେଉଁ ଆଠଗୁଣ କଥା ବର୍ଣ୍ଣନା କରିଥିଲେ, ଯାହା ଇହଲୋକ ଓ ପରଲୋକରେ ତାଙ୍କ କଲ୍ୟାଣ ଓ ସୁଖ ନିମିତ୍ତ ଉଦ୍ଦିଷ୍ଟ ଥିଲା :

"ଏଠାରେ, ବିଶାଖା ଜଣେ ନାରୀ ହିସାବରେ ନିଜର କାମ ଭଲଭାବରେ କରନ୍ତି, ସେ ଚାକରମାନଙ୍କୁ ସୁପରିଚାଳନା କରନ୍ତି, ସେ ତାଙ୍କ ସ୍ୱାମୀଙ୍କୁ ସମ୍ମାନ କରନ୍ତି ଏବଂ ସେ ତାଙ୍କ ସମ୍ପତ୍ତିକୁ ରକ୍ଷା କରନ୍ତି। ଏଠାରେ, ବିଶାଖା ଜଣେ ନାରୀ ଯିଏ ବୁଦ୍ଧ, ଧର୍ମ ଓ ସଂଘ; ସଦ୍‌ଗୁଣ (ଶୀଳ), ଦାନ (କାଗ) ଓ ଜ୍ଞାନ (ପନ୍ନ)ରେ ବିଶ୍ୱାସ (ସଦ୍ଧା) ରଖିଛନ୍ତି।"

ଏହି ମହିଳା ଅନେକ ପ୍ରତିଭାସମ୍ପନ୍ନ ହୋଇଥିବାରୁ ବୁଦ୍ଧ ଏବଂ ତାଙ୍କ ଅନୁଗାମୀମାନଙ୍କ ମଧ୍ୟରେ ବିଭିନ୍ନ କାର୍ଯ୍ୟକଳାପରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। କେତେକ ସମୟରେ ଭିକ୍ଷୁଣୀମାନଙ୍କ ମଧ୍ୟରେ ଉପୁଜିଥିବା ବିବାଦର ସମାଧାନ ପାଇଁ ବୁଦ୍ଧ ତାଙ୍କୁ ଅଧିକାର ଦେଇଥିଲେ। ଭିକ୍ଷୁଣୀମାନଙ୍କ ବିବାଦର ସମାଧାନ ପାଇଁ ତାଙ୍କୁ ଡକାଯିବା ସମୟରେ ସେମାନଙ୍କ ପାଇଁ କିଛି ଅନୁଶାସନାତ୍ମକ ନିୟମ ମଧ୍ୟ ନିର୍ଦ୍ଧାରିତ କରାଯାଇଥିଲା।

ସେ ଶହେ କୋଡ଼ିଏ ବର୍ଷ ବୟସରେ ମୃତ୍ୟୁବରଣ କରିଥିଲେ। (କ୍ରମଶଃ)

♥ ଅଧ୍ୟାପକ, ଓଡ଼ିଆ ଭାଷାସାହିତ୍ୟ ବିଭାଗ, 'ସ୍ୱର୍ଣ୍ଣଭୂଷଣ', ଗଣପତି ନଗର, ବାଲିଆ, ବାଲେଶ୍ୱର
ମୋ: ୯୪୩୭୩୭୧୯୬୮

## ମିନିଗଳ୍ପ-୯

### ମାମଲା (୯)



**ଡ. ଗୋପାଳକୃଷ୍ଣ ଆଚାର୍ଯ୍ୟ**

ବଡ଼ଗୋସେଇଁ ବଡ଼ ପଣ୍ଡିତ। ପଢିଥିଲେ ସର୍ବଶାସ୍ତ୍ରାଦ୍ୟ ମାତ୍ର। କିନ୍ତୁ ସାଧନା ବଳରେ ହରେଇ ଦିଅନ୍ତି ଆଚ୍ଛା ଆଚ୍ଛା ଦନ୍ତା ପଣ୍ଡିତଙ୍କୁ। ବଡ଼ଭାଇ ମାମଲତକାର। କୋର୍ଟ କଚିରୀ କାମରେ ଆଗୁସାର। ଭିନେ କରିଦେଲା ଯୁଆନ ବେଳକୁ। ବଡ଼ଗୋସେଇଁ ସେତେବେଳେ ନଦୀଆ ନବଦ୍ୱୀପ ଓ ପାବନାର ଠାକୁରବାଡିର ସେବକ ପଦ ଛାଡି ଘରକୁ ପଳେଇ ଆସିଥିଲେ ପୂର୍ବବଙ୍ଗ ଓ ପଶ୍ଚିମବଙ୍ଗ ଦଙ୍ଗା ଯୋଗୁଁ। ତାଙ୍କ ପାଖରେ ପାଣ୍ଡିତ୍ୟ ଥିଲା, ବୃତ୍ତି ବ୍ୟବସାୟର ଲୋଭ ନଥିଲା। ପୋଥି ଲେଖିବା, ଜ୍ୟୋତିଷବିଦ୍ୟା, ହୋମିଓପ୍ୟାଥିକ ଚିକିତ୍ସା ଆଦି କରିବା କାର୍ଯ୍ୟରେ ସେ ବିନା ପାରିଶ୍ରମିକ ବା ସ୍ୱଳ୍ପ ପାରିଶ୍ରମିକରେ ମନୋନିବେଶ କରିଥିଲେ। ଏଣୁ ଅଭାବଗ୍ରସ୍ତ ଜୀବନ ନେଇ ସେ ସ୍ୱାଭିମାନରେ ବଞ୍ଚିଥିଲେ।

ଥରେ ତାଙ୍କ ବାରିତଳ ଫସଲ କିଆରୀରେ ଜଣେ ଗଉଡ ମଇଁଷି ପୂରେଇ ଅଧା ଫସଲ ଖୋଇଦେଲା। କଅଁଳ ଛନଛନ ଧାନକିଆରୀଟି ଶ୍ରୀହୀନ ହୋଇଗଲା। ଗୋସାଇଁ ହେ ହେ କହି ଧାଇଁଲେ। ବଡ଼ ପାଟିରେ ଚିଲେଇଲେ, ଆରେ ଅନାମ। ତତେ ଧର୍ମ ଛାଡିଲାଣି କିରେ ? ତୋର କେମିତି ବିବେକ ହେଲା ଏ ଲକ୍ଷ୍ମୀକ୍ଷେତରେ ମଇଁଷି ପୂରେଇବାକୁ।

ଝୁପୁରୁ ଝୁପୁରୁ ବରଷା। ଗଉଡ ମୁଣ୍ଡ ଉପରକୁ ଥାଏ ଗୋଟେ ଟଣଛିଣ୍ଡା, ପାଖୁଡେ ନୋତରା ମସିଆ ଛତା।

ଗଉଡ଼ ଛତା ବୁଜିଲା। ବଡ଼ ଗୋସେଇଁ ପାଖକୁ ମାଡି ଆସି କହିଲା: ହାଇତି ଚିନିଚ। ମୁଁ ଅନାମ। ଗୁରୁଗୋସେଇଁ ମାନେନା। ଦେଖୁଚ ଏ ଛତାମୂନ। ପେଟ ଫୁଟେଇ ଦେବିଟି ?

ବଡ଼ଗୋସେଇଁ ପେଟରେ ଛତା ଅଗ ଲଗେଇ ଦେଲା ଅନାମ। ସେଇଠି ବଡ଼ ଗୋସେଇଁ ବଉଦଫାଙ୍କର ମଳିଆ ସୂରୁଯ ଦେବତାଙ୍କୁ ସାକ୍ଷୀ କରି ପଇତା ଛୁଇଁ ଶାପ୍ୟ ଦେଲେ।

: ମୁଁ ଯଦି ଠିକ୍ ବାହ୍ମଣଛୁଆ ହୋଇଥାଏ ତୋ ଉପରେ ଧଡାନ୍ତିଆ ପଡ଼ିବ। ତୋ ପେଟ ଫୁଟିଯିବ।

ସେଇଆ ହେଲା। ଦିନଟେ ନାଳବନ୍ଧରୁ ଖସେଇ ଅନାମ ଆଉ କାହା କ୍ଷେତରେ ମଇଁଷି ପୂରେଇବାକୁ ନଉଚି, ଗୋଟାଏ ମଇଁଷି ହୁଡିଗଲା। ଫଁ ଫଁ ହୋଇ ମାଡି ଆସିଲା ମୁନିବ ଆଡକୁ। ଅନାମ ରହ ରହ କହୁଚି ଦେଲା ସିଂଘ ପୂରେଇ ପେଟରେ। ଏକାଥରେ ଅନ୍ତବୁଜୁଳା ବାହାରିଗଲା।

ମାମଲା ଖଲାସ।

(ବଡ଼ଗୋସେଇଁ ଗଲା ଦିନ ଖଣ୍ଡମଣ୍ଡଳ ଝୁରିଲା ତାଙ୍କୁ। ଆହା ଜୋତା ସିଲେଇଠୁ ଚଣ୍ଡିପାଠ ଯାଏ ଜଣାଥିଲା ଗୋସାଇଁଙ୍କୁ। ପାଟିରୁ ବାହାରିଲା ମାନେ ପଡ଼ିବ। ଏକଦମ ବାକ୍‌ସିଦ୍ଧ।)

♥ ସାମନ୍ତ ଚନ୍ଦ୍ରଶେଖର ସ୍ୱୟଂଶାସିତ ମହାବିଦ୍ୟାଳୟ
ଭୁବନେଶ୍ୱର,
(ମୋ) ୯୭୭୬୫୪୬୧୩୦

## ପାଉଁଜିର ପାଣ୍ଡୁଲିପି-୨୩

**ବିପିନ ମହାନ୍ତି**



### ବେପଥୁ ବାଦଶା'

ମୁଁ ତୁମ ପ୍ରେମର ପାରିଜାତ ଫୁଲେ ମଧୁମେହ ମଧୁମକ୍ଷି
ମହଣ ମହଣ ମଧୁରୁ ତୁମର ମଧୁ ନପାରଇ ଚାଖି
ଫେରେଇ ଦେଇଛି ଫୁଲ ଫଗୁଣକୁ ଫୁଲପକା ଜହ୍ନରାତି
ଉଜେଇ ଦେଇଛି ଅବୁଝା ମନର ମାନସରୁ ତୁମ ପ୍ରୀତି।

ବିଶ୍ୱାସର ବସା ବାନ୍ଧିଥିଲେ ଦୁଇ ଭରସାର ଭଙ୍ଗାଡାଳେ
ଦଦରା ନାଆରେ ନାଉରିର ଦୁଃଖ ଭରାନଦୀ ସିନା କଳେ
କଳକଳ ନଇ ଛଳଛଳ ଛଇ ଛୁଉଁଥିଲା ଦୁଇ ତଟ
ନିରୁଦ୍ଦିଷ୍ଟ ନିଜେ ପ୍ରେମର ପଥିକ ଦିଗହରା ମରୁବାଟ।

ମେଘେମେଦୁର ଆକାଶରୁ ଆଉ ବିଜୁଳି ମାରୁନି ହାଇ
ଭସା ବାଦଲଟା ଖଡେଇ ହେଉନି ବରଷିବ ବୋଲି କହି
ବେସାହାରା ଆଜି ବେପଥୁ ବାଦଶା' ପ୍ରେମର ମଉଡ଼ମଣି
ନିଃସ୍ୱ ପୁଣି ଏ ବିଶ୍ୱରେ ତୁମ ପ୍ରେମ ବିନା ଜାଣିଜାଣି।

କାରୁଣ୍ୟର କାରା କୋଠରିରେ ଜରା ତାରୁଣ୍ୟର ତଟେ ବସି
ହିସାବ ମାଗୁଛି ଯଉବନ କିଆଁ ଅଦିନରେ ଦେଲା ଫାଶୀ।

♥ ୩୩, ଗଡମହାବୀର ବିହାର, ଗ୍ୟାରେଜ ଛକ,
ଭୁବନେଶ୍ୱର-୨
(ମୋ) ୯୮୬୧୧୪୪୯୯୧

## କବିତା



### ରାତିଏ ସ୍ମୃତି

**ଶମ୍ଭୁନାଥ ନାୟକ**

ଯେତେ ଯେତେ ଆକାଶକୁ
ନିରେଖି ଦେଖେ ମୁଁ
ତାରା ମାନେ ଲୁଚକାଳି ଖେଳନ୍ତି
ମୋ ଭାବନା ଅଞ୍ଚିରେ,
ସ୍ମୃତିର ଖୁଦ ସବୁ ବିଛେଇ ହେଇଯାଏ,
ଅଞ୍ଜଳି ହୁଏ ମୁଁ
ପ୍ରେମାମୃତ ଦିନ, ମାସ,ବର୍ଷ ତମାମ ସବୁ !

ରାତି ଯେତେ ଯେତେ ଆଗକୁ ଯାଏ
ମୁଁ ସେତେ ସେତେ ପଛକୁ ଫେରେ
ତଣ୍ଟି ଶୃଙ୍ଖଳା ଲାଗେ,
କାକରଭିଜା ରାତିଟାରେ ଅଂଶୁଘାତର
ପାହାରଟେ ପଡେ,
ସ୍ମୃତିର ମରୁଭୂମିରେ
ଖୋଜି ବୁଲେ ପାଣି ମୁନ୍ଦାଏ !

ପାଏ ମୁଁ
ଆଦ୍ୟ ଅନୁରାଗର ବିରହୀ ବୁଢ଼ୀଆଣି ଟାକୁ
ଫି ଥର ଛନ୍ଦେ
ସେ ସମ୍ପର୍କର ସୂତା ସବୁ
ଖୁଉ ନିଷ୍ପ୍ରମାଣେ !

ଝରକା ଫାଙ୍କ ନୈଶ ପବନରେ
ଭାସି ଆସେ ପ୍ରତାରଣାର ଗନ୍ଧ
ଆକ୍ତାମାକ୍ତା କରିପକାଏ ମୋ ଆପାଦମସ୍ତକ,
ଝୁଣି ପକାଏ ଡାଏରୀର ପ୍ରତିଟି ପ୍ରତିଶ୍ରୁତି,
ପାଣି ସିଞ୍ଚେ ସନ୍ଦେହର ଶୁଖା ପତରଟାରେ !!

ଶେଷରେ
ପାହାନ୍ତି ତାରାଟାର ଆଖିଠାରରେ
ଶୋଇଯାଆନ୍ତି ସ୍ମୃତି ସବୁ
ଘୁଙ୍ଗୁଡ଼ି ନିଦରେ...
ମୋ କର୍ତ୍ତବ୍ୟଶୀଳ ଦେହଟା ଜାଗି ଉଠେ
ସୁରୁଜ ସଙ୍ଗେ
ସ୍ମୃତିର କବାଟରେ ତାଲା ମାରି
ଚାବି ଖୋଜେ ଆଉ
ଏକ ରାତିର ଅପେକ୍ଷାରେ !!

କୁରୁଣ୍ଟି, ଢେଙ୍କାନାଳ
(ମୋ) ୮୦୧୮୪୨୫୭୬୪

### ଇତିବୃତ୍ତ

**ଅକ୍ଷୟ ପାତ୍ର**



ଜୀବନ ଏକ ଯାତ୍ରା କଣ୍ଟକିତ
ପରମାୟୁ ଏ ଯାତ୍ରାର ଅବଧି
ଦେହ ଯାତ୍ରା ପାଇଁ ଏକ ସୁଲଭ ସାଧନ
ଦେହଧାରୀ-
ଆପାତଦୃଷ୍ଟି ଯାତ୍ରୀ !

ସମୟ ଏକ ଅଦୃଶ୍ୟ ସରଣୀ
ଯିଏ ଓଟାରିନିଏ ଯାତ୍ରୀକୁ ଅଦେଖା ଦିଗନ୍ତେ
ଶଙ୍କା ସାଜେ ଯାତ୍ରାର ପାଥେୟ
ମାୟା ବନେ ଯାତ୍ରାର କାରକ
ଲକ୍ଷ୍ୟସ୍ଥଳ ପ୍ରତେହୁଏ ଏକ ପ୍ରହେଳିକା !

ପୃଥ୍ୱୀ ଏକ ରହସ୍ୟମୟ ରଙ୍ଗମଞ୍ଚ
ଯାତ୍ରୀ ଏକ ଦୋଦୋପାଞ୍ଚ ଅଭିନେତା
ଯାତ୍ରା ଏକ ଲୋମଟାଙ୍କୁରା ନାଟକର
ରକ୍ତକ୍ଷରା ଦୁଃସାହସ,
ଯା'ପାଇଁ ହୁଏତ ଥାଏ ଅପେକ୍ଷାରତ
ଆଶ୍ଚର୍ଯ୍ୟ ଘୁରାଣିଭରା ଅପରିଣତ ଭବିଷ୍ୟ !

♥ ଇଂରାଜୀ ବିଭାଗ ମୁଖ୍ୟ ହିନ୍ଦୋଳ
ମହାବିଦ୍ୟାଳୟ, ଖଜୁରିଆକୋଟା
ଢେଙ୍କାନାଳ- ୭୫୯୦୨୦
ମୋ: ୭୦୭୭୯୮୪୯୬୦

### ନୃଶଂସ

**ସୁଧୀର ମେହେର**



ସାମାନ୍ୟ ଆମୋଦ ସକାଶେ
ଆମେ ଯେଉଁ ଡାହିଟିକୁ ଛିଣ୍ଡେଇ ଦେଲୁ
କେବେ ଥରୁଟିଏ ଭାବିଚୁ କି
ସେ ଡାହିରେ କେତେ କଢ ଥିଲା ?
ଆଉ ଫୁଟିବାର କେତେ ପ୍ରତିଶ୍ରୁତି ଥିଲା ?

କେବେ ଭାବିଚୁ କି-ଯିଏ,
ମଞ୍ଜିଟିଏ ଆଣି ପୋତି ଥିଲା,
ନିତି ଲୁହ,ଲହୁ ଢାଳି
ଚେର ମୂଳେ ମୁନ୍ଦା ମୁନ୍ଦା ମାଟି ଥାପି
ତା'କୁ ଏଡିକିଟିଏ କରିଥିଲା,
କେମିତି ଲାଗିଥିବ ତାକୁ ??

କିଛିଦିନ ପରେ
ସେ ଫୁଲ ହୋଇ ଫୁଟିଥାନ୍ତା.....
ମିଠା ମିଠା ସୁରଭିରେ
ଚଉପାଶକୁ ମହକେଇ ଦେଇଥା'ନ୍ତା.......

ଅକାରଣେ,
ଡାହିଟିକୁ ଭାଙ୍ଗି ଦେଇ
କେଜାଣି କ'ଣ ପାଇଲ ତମେମାନେ !

କେତେ ନୃଶଂସ
ତୁମେମାନେ ସତରେ ।

♥ ଚିଟୈଗୁଡା,ଜୁନାଗଡ,କଳାହାଣ୍ଡି
ପିନ୍-୭୬୬୦୧୪
(ମୋ) ୯୫୮୩୫୮୮୮୮୭

**ମିଳନ କୁମାର ମିଶ୍ର (ଭରଦ୍ୱାଜ)**

### ମା' ନଥିବାର ଗୀତ



॥ ଏକ ॥
ଲୁହ ଓ କୋହର ସକାଳ ପରି ମୁଁ
ଛଳ ଛଳ ଆଜିକାଲି ।
ତେଣୁ ତ ମୁଁ ତୁମ ଭାବରେ ବତୁରେ
ସବୁ ବନ୍ଧନ ଭୁଲି ।

॥ ଦୁଇ ॥
ତୁମେ ଯିବା ପରେ ଜୀବନ କହିଲେ
ବୁଝେ ମୁଁ ଲୁହର ଗୀତି ।
ତେଣୁ ସେ ଗୀତ ମୁଁ ଶୁଣେ କି ଶୁଣାଏ
ହୁଏ ନିଜେ ମେଘରାତି ।

॥ ତିନି ॥
କେବେ ଥିଲ ତୁମେ ଖୁସିର ଖୁସବୁ
ଆଜି କିନ୍ତୁ ଟୋପେ ଲୁହ ।
ଯେଉଁ ଲୁହ ମୋତେ ତୁମଠୁ ଅଧିକ
କରେ ଭାରି ଅସହାୟ ।

॥ ଚାରି ॥
ଲୁହରେ ବତୁରା ଆଖିକୁ ମୋ ଏବେ
ଦିଶେ ଖାଲି ତୁମ ମୁହଁ ।
ତମାମ ଜୀବନ ତୁମେ ଯେଣୁ ଏକ
ଅକୁହା ଅନ୍ତର୍ଦାହ ।

♥ ମାର୍ଫତ୍: ମନ୍ମଥ କୁମାର ମିଶ୍ର
ବିଶ୍ୱେଶ୍ୱପୁର୍ ଶାସନ, କେନ୍ଦୁଝର ବଜାର
କେନ୍ଦୁଝର-୭୫୮୦୦୨
ମୋ: ୭୦୦୮୨୪୧୨୮୭



### କହି ହେଇନାହିଁ ଯାହା...



**ସୈରିନ୍ଧ୍ରୀ ସାହୁ**

ପ୍ରେମ ଗୋଟେ ଭରା ନଈ
ଅବୁଝା ସଂଗୀତ
ସେ ନଈରେ ଭାସିପାରେ
ମନର ବୋଇତ।

ହାରିବା ଜିତିବା ନାହିଁ
ପ୍ରେମର କପାଳେ
ନିଆଁ ସେଠି ନାହିଁ ସିନା
ଲୁହରେ ସେ ଜଳେ।

### ଥରେ ପଚାରି ଦେଖ, କେମିତି ଅଛ

**ସୁମିତା ବେହେରା**



ଆଜିକାଲି ଦୌଡୁଥିବା ଦୁନିଆରେ
ବେଳ କାହିଁ କାହାର ପଚାରିବାକୁ
'ଆରେ ଆଉ ଦେଖାନାହିଁ ତୁମର',
କେମିତି ଅଛ ?

ଚାରିଆଡେ ଚିକ୍ ଚିକ୍ ଆଲୋକ ଭିତରେ
କେତେ ଅନ୍ଧକାର
ବାଇୟାଣୀ ର ହଜି ଯାଇଥିବା ପାନିଆ ପରି
ଭିତରେ ଯେ କେତେ ଗୁମର ।

ଛାଡ, ମୁହଁକୁ ମଳିନ କରି ଦିଶିଯାଏ
ଆଡେଇ ଯାଉଥିବା ଆପଣାର ଆଖି
ଦୂରେଇ ଯାଉଥିବା ଆପଣାର ହାତ
ଶବ୍ଦହୀନ ଭାଷା
ତାକୁ ବା ମୁଁ ବୁଝିବି କିପରି ?

ଏ କଥା ତୁମେ ବି ଜାଣ
ନିୟତିର କରାଘାତରେ
ହୁଏତ କିଏ ହୋଇପାରେ ଭୂପତିତ,
ନୂଆ ଆଲୁଅରେ କିଏ କୁଆଁ ରଡିରେ
କରେ ସୁପ୍ରଭାତ ।

ସମୟକୁ ଅଭିଶାପ ବା ଅଭିଷିକ୍ତ କହି
ଶେଷ କରନା କଥା ।

ଟିକିଏ ସାହଚର୍ଯ୍ୟ, ଟିକିଏ ଆଳାପରେ
ମିଳିପାରେ ବୁନ୍ଦାଏ ଅମୃତ
ଟିକିଏ ଉପସ୍ଥିତି, ଅଳ୍ପ ହସରେ ବି
ଜୀବନ ପୃଷ୍ଠାରେ
ଲେଖି ହୋଇଯାଏ ନୂଆ ଅଧ୍ୟାୟ ।

ତୁମେ ଭଲରେ ଥାଅ
କିନ୍ତୁ ସମୟର ଶେଷ ସୀମାରେ ଥିବା
ଲାୱାରିସ୍ ମଣିଷକୁ ଥରେ ପଚାର
ମଳିନ ଦିଶୁଥିବା
ପରିଚିତ, ଅପରିଚିତ ବନ୍ଧୁଙ୍କୁ ପଚାର
ହାଟରେ, ବାଟରେ,
ପାର୍କରେ, ରେସ୍ତୋଁରାରେ
ଭେଟହେଲେ ଅକସ୍ମାତ୍ ହେଉ
ବା ଯୋଜନାରେ
ଥରେ ତ ପଚାର
ତୁମେ କେମିତି ଅଛ ?

♥ କାଳିକାପୁର, ବାରିପଦା
(ମୋ) ୬୩୭୨୮୫୬୯୯୪

# ସତ୍ ସାହିତ୍ୟ ସବୁବେଳେ ଶୁଦ୍ଧ ସୁବର୍ଣ୍ଣ ପରି ଝଟକିବ, ଏଥିରେ ସନ୍ଦେହ ନାହିଁ : ବିମଳ ପତି

**ବିମଳ ପତି**
ଓଡ଼ିଆ ସାହିତ୍ୟ ଜଗତରେ ଏକ ଶ୍ରଦ୍ଧାଶୀଳ ଉଚ୍ଚାରଣ । କେବଳ କବିତା ନୁହେଁ, ଗପ ସହ ଜଣେ ବ୍ୟଙ୍ଗ କଥାକାର ଭାବେ ସେ ତିଆରି କରିଛନ୍ତି ତାଙ୍କ ସୃଷ୍ଟିର ପରିଧି । ସାମ୍ବାଦିକତାକୁ ବୃତ୍ତି କରି ସେ ସାଉଁଟିଛନ୍ତି ଯେଉଁ ପ୍ରତ୍ୟକ୍ଷ ଅନୁଭୂତି ତାହାହିଁ ତାଙ୍କ ଅନୁଭବୀ କଲମରେ ପାଲଟିଯାଇଛି କବିତା ନହେଲେ ଗଳ୍ପ । ତାଙ୍କ ଲେଖା ଉପସ୍ଥାପନାରେ ଥାଏ ଯେଉଁ ନିଆରାପଣ, ତାହା ହିଁ ତାଙ୍କର ପରିଚୟ । "ଅପସାହିତ୍ୟ, ଆତ୍ମଘୋଷିତ ସାହିତ୍ୟର ପ୍ରାବଲ୍ୟ ସାମୟିକ ଭାବରେ ସତ୍ ସାହିତ୍ୟର ଗତିରୋଧ କରିପାରେ, କିନ୍ତୁ ତାହା ସର୍ବକାଳୀନ ନୁହେଁ" ବୋଲି କହୁଥିବା ଏହି ଲେଖକଙ୍କ ସହ ଏଥରର ଆଳାପ...

ପ୍ରସ୍ତୁତି : ସୈରିନ୍ଧ୍ରୀ ସାହୁ



■ କବିତା କାହିଁକି ? କେମିତି ହୋଇଥିଲା ଆପଣଙ୍କ ସୃଜନର ଆଦ୍ୟସ୍ଫୁରଣ ?

■■ ଛାତ୍ର ଅବସ୍ଥାରୁ ସାହିତ୍ୟ ପ୍ରତି ମୋର ଆଗ୍ରହ ଥିଲା । ହାଇସ୍କୁଲରେ ରଜତ ଜୟନ୍ତୀ ପାଇଁ ଲେଖା ଆହ୍ୱାନ କରାଗଲା । ମୁଁ ସେତେବେଳେ ସପ୍ତମ ଶ୍ରେଣୀର ଛାତ୍ର । ମୁଁ ଭଲ ହସ୍ତାକ୍ଷର ପାଇଁ ଆଉ ଜଣକୁ କହିଲି ମୋ ଗପଟି ଉତ୍ତାରି ଦେବାକୁ । ସେଥିରେ ସେ ମୋ ନାମ ସହ ତା ନା ଲେଖି ଦେଲା । ସାର୍ ତାରି ନାଁରେ ଗପଟି ପ୍ରକାଶ କଲେ । ଏ କଥାଟି ମତେ ଭାରି ବାଧି ଥିଲା । ମନ ଭିତରେ ଲେଖିବା ପାଇଁ ବସ୍ତୁତଃ ସେଇ ଦିନଠାରୁ ଆଗ୍ରହ ପ୍ରକାଶ ପାଇଥିଲା । ଯୁକ୍ତ ଦୁଇ ପଢିବା ବେଳକୁ ଶିଶୁ ସାହିତ୍ୟର ସମ୍ରାଟ ସ୍ୱର୍ଗତ ପଣ୍ଡିତ ଉପେନ୍ଦ୍ର ତ୍ରିପାଠୀଙ୍କ ସାହିତ୍ୟ କୃତୀ ସମ୍ପର୍କରେ ଜାଣିଲି । ମନ ଭିତରେ ଆଗ୍ରହ ଥିଲା ଲେଖିବା ପାଇଁ । ତେଣୁ କବିତାରୁ ମୋର ସାରସ୍ୱତ ଯାତ୍ରା ଆରମ୍ଭ କରିଥିଲି । ମୋର ପ୍ରଥମ କବିତା ୧୯୯୩ ମସିହାରେ ସ୍ଥାନୀୟ ଏକ ସ୍ମରଣିକାରେ ପ୍ରକାଶ ପାଇଥିଲା । ସେବେଠୁ ଆଜି ଯାଏ କବିତାରେ ଅଛି ।

■ ଆପଣଙ୍କ ସାରସ୍ୱତ ପ୍ରେରଣା କିଏ ? ସାହିତ୍ୟର ଆଦ୍ୟଗୁରୁ ଭାବେ ଆପଣ କାହାକୁ ସ୍ମରଣ କରିବେ ?

■■ ସୃଜନ ଆଉ ସାଧନାର ମାଟି ଧର୍ମଶାଳା । ଏଠି ପ୍ରତିଟି ଧୂଳିକଣାରେ ସାହିତ୍ୟର ବାସ୍ନା । ପ୍ରଥମେ ପ୍ରଥମେ ସାହିତ୍ୟରେ ପ୍ରବେଶ କରିବା ବେଳକୁ ବିଶିଷ୍ଟ କବି ସ୍ୱର୍ଗତ ବୀର କିଶୋର ପାଢ଼ୀ, ବିଶିଷ୍ଟ ଶିଶୁ ବାଲ୍ ସାହିତ୍ୟ ପୁରସ୍କାର ବିଜେତା ବଟକୃଷ୍ଣ ଓଝା , ବିଶିଷ୍ଟ ପ୍ରାବନ୍ଧିକ ସ୍ୱର୍ଗତ ବୈକୁଣ୍ଠ ନାଥ ରଥ, କବି ଡକ୍ଟର ଗୌତମ ଜେନାଙ୍କ କିଛି କିଛି ସାରସ୍ୱତ କୃତୀ ପଢିଥିଲି । ଯାହକି ମତେ ଲେଖିବାକୁ ପ୍ରେରଣା ଦେଇଥିଲା । ପ୍ରାଥମିକ ଅବସ୍ଥାରେ ଲେଖକ ଭାବରେ ନିଜର ପରିଚୟ ସୃଷ୍ଟି କରିବା ପାଇଁ ମୁଁ ଲେଖୁ ନଥିଲି । ପ୍ରଥମରୁ କହିଛି ଧର୍ମଶାଳା ମାଟି ମୋ ସୃଜନ କର୍ମର ପ୍ରେରଣା । ସ୍ନାତକୋତ୍ତର ଓଡିଆ ଭାଷା ସାହିତ୍ୟର ଛାତ୍ର ଭାବରେ ସାହିତ୍ୟର ବ୍ୟାପକତାକୁ ଖୁବ୍ ପାଖରୁ ଅନୁଭବ କରିଛି । ସେଇ ବ୍ୟାପକତା ମତେ ସାହିତ୍ୟର ପ୍ରଶସ୍ତ କ୍ଷେତ୍ର ଭିତରକୁ ଯିବା ପାଇଁ ମଧ୍ୟ ପ୍ରେରଣା ଦେଇଛି ।

■ କେମିତି ଥିଲା ସାହିତ୍ୟ ଜଗତରେ ପ୍ରଥମ ପ୍ରବେଶର ଅନୁଭୂତି ? ବୃତ୍ତି ଓ ପରିବାର କେମିତି ପ୍ରୋତ୍ସାହିତ କରନ୍ତି ଆପଣଙ୍କ କବି ଜୀବନକୁ ?

■■ ପ୍ରତ୍ୟେକଟି ସ୍ରଷ୍ଟା ପାଇଁ ସୃଜନର ପହିଲି ପୁଲକ ନିଶ୍ଚିତ ଭାବରେ ସ୍ମରଣୀୟ । ଟାଙ୍ଗୀ କଟକରୁ ପ୍ରକାଶିତ ଡାଳିଯୋଡା ପତ୍ରିକାରେ ମୋର ଦ୍ୱିତୀୟ କବିତା ପ୍ରକାଶ ପାଇବା ଓ ସେଥିପାଇଁ ମତେ ପ୍ରଶଂସା ମିଳିବା ଗୋଟେ ସୁଖଦ ଅନୁଭୂତି ଥିଲା ମୋ ପାଇଁ । ମୁଁ ଆରମ୍ଭରୁ ସାମ୍ବାଦିକତା ବୃତ୍ତିରେ ଅଛି ଏଯାଏ । ପ୍ରାୟ ବତିଶ ବର୍ଷ ଏଇ ବୃତ୍ତିରେ ବିତିଗଲାଣି । ଅନେକ ଘଟଣାକୁ ପ୍ରତ୍ୟକ୍ଷ କରିଛି । କେଉଁ ଘଟଣା କବିତାରେ ତ ଆଉ କିଏ ଗଳ୍ପରେ ଓହ୍ଲାଇଛନ୍ତି ମୋ ସୃଜନୀରେ । ପରିବାର, ବନ୍ଧୁ ବର୍ଗଙ୍କ ନୈତିକ ସମର୍ଥନ ନଥିଲେ ମୁଁ କଣ ଆଜିଯାଏ ସାହିତ୍ୟରେ ଥାଆନ୍ତି ? ଯେଉଁମାନେ ମୋର ଗଳ୍ପ କବିତା ପଢ଼ିଛନ୍ତି ମୋ ପିଠି ଥପୁଡ଼ାଇଛନ୍ତି ନିଶ୍ଚିତ । ମୁଁ ସେମାନଙ୍କ ପାଖରେ ଆଭାରି ।


ପ୍ରାଣପ୍ରିୟା ପତ୍ନୀଙ୍କ ସହ କବି...

■ ଓଡ଼ିଆ ସାହିତ୍ୟର ସ୍ଥିତିଶୀଳତାକୁ ନେଇ କେତେ ଆଶାବାଦୀ ? କଣ କଲେ ସାହିତ୍ୟ ସାଧାରଣ ଲୋକଙ୍କ ପାଖରେ ପହଞ୍ଚିବ ବୋଲି ଆପଣ ଭାବନ୍ତି ?

■■ ଭଲ ସାହିତ୍ୟର କେବେ ଅବକ୍ଷୟ ହୁଏନାହିଁ । କାଳଖଣ୍ଡରେ ତାହା ସବୁବେଳେ ଉଜ୍ଜ୍ୱଳ ଦିଶୁଥିବ । ଭାଗବତକୁ, ଲକ୍ଷ୍ମୀ ପୁରାଣକୁ ଏହାର ଉଦାହରଣ ଭାବରେ ନିଆଯାଇ ପାରେ । ଆଜିବି ପରିଣତ ବୟସରେ ରୋଗଶଯ୍ୟା ନିକଟରେ ଭାଗବତ ପାଠ କରାଯାଏ । ଆଜି ବି ମାର୍ଗଶିର ମାସ ଗୁରୁବାରରେ ଲକ୍ଷ୍ମୀ ପୁରାଣ ପଢାଯାଏ । ଆଜି ବି ସମାଜରେ ଫକୀରମୋହନଙ୍କ ଉପନ୍ୟାସର ଚରିତ୍ରମାନେ ଆମ ସମାଜରେ ଦୃଷ୍ଟି ଗୋଚର ହୁଅନ୍ତି । ଆଜିବି ନୀଳମାଷ୍ଟ୍ରାଣୀ, କାହ୍ନୁଚରଣଙ୍କ ଧୋବେଇ, ଚିନ୍ତେଇ ସ୍ୱାଇଁ ଭଳି ଚରିତ୍ର ମତେ ସେଇ ସମୟର ସାହିତ୍ୟ କୃତିକୁ ମନେ ପକାଇଦିଅନ୍ତି । ସତ୍ ସାହିତ୍ୟ ସବୁବେଳେ ଅଛି, ରହିବ ମଧ୍ୟ । ଧୀରେ ଧୀରେ ଆମେ ଯାନ୍ତ୍ରିକ ଜୀବନରେ ଛନ୍ଦି ହୋଇଯାଉଛନ୍ତି । ସାମାଜିକ ଯୁଗ ଯନ୍ତ୍ରଣାରେ ବ୍ୟସ୍ତ ବିବ୍ରତ ମଣିଷ ପାଖରେ ବୌଦ୍ଧିକ କସରତ କରିବାକୁ ଆଗ୍ରହ ନାହିଁ । ଏହାର କାରଣ ବଦଳୁଥିବା ସମୟ ଓ ବିଜ୍ଞାନ ପ୍ରଯୁକ୍ତି ବିଦ୍ୟାର ପ୍ରଭାବ ହୋଇପାରେ । ଏକଥା ସତ୍ୟ ଯେ ସ୍ୱଳ୍ପ ସମୟ ମଧ୍ୟରେ ପଢ଼ି କିଛି ରସ ଆସ୍ୱାଦନ କଲାଭଳି ସାହିତ୍ୟର ଆଜିବି ଯଥେଷ୍ଟ ପାଠକୀୟତା ରହିଛି । ନିର୍ଦ୍ଦିଷ୍ଟ ଭାବରେ କିଛି କଲେ ଯେ ସାହିତ୍ୟର ଗହଣୀୟତା ବଢ଼ିଯିବ ମୁଁ ସେଥିରେ ବିଶ୍ୱାସ କରେନାହିଁ । ଯାହାର ଆଗ୍ରହ ଥିବ ସେ ନିଶ୍ଚୟ ପଢିବ । ଆଜିବି ଅନେକ ଭଲ ସାହିତ୍ୟ ରଚନା ହେଉଛି ।

■ କୁହାଯାଉଛି ମାତୃଭାଷା ଏବେ ସଂକଟରେ । ଏଥିରୁ ମୁକ୍ତି ପାଇବାର ମାର୍ଗ ସାହିତ୍ୟକୁ ଆଧାର କରି କରାଯାଇ ପାରିବ କି ?

■■ ସାହିତ୍ୟ ସଙ୍କଟରେ ବା ଭାଷା ସଙ୍କଟରେ ଅଛି ବୋଲି ମୁଁ ଗ୍ରହଣ କରିପାରୁ ନାହିଁ । ଯେ ପର୍ଯ୍ୟନ୍ତ ଓଡିଆ ଲୋକଟିଏ ବଞ୍ଚିଥିବ, ଯେ ପର୍ଯ୍ୟନ୍ତ ସହୃଦୟ ପାଠକଟିଏ ଥିବ, ସାହିତ୍ୟ ବଞ୍ଚି ରହିବ । ବାକି ରହିଲା ସଙ୍କଟରୁ ସାହିତ୍ୟ ମୁକ୍ତି ପାଇବ କିପରି । ପୂର୍ବ ଉତ୍ତରରେ ସେ କଥା କହି ସାରିଛି ।

■ **ଅଳ୍ପରେ ବିମଳ ପତି**



ଜନ୍ମସ୍ଥାନ- ଥାନୁଆଳ, ହରିଦାସପୁର, ଯାଜପୁର
ବାପାଙ୍କ ନାମ - ସ୍ୱର୍ଗତ ବୀର କିଶୋର ପତି
ମାତାଙ୍କ ନାମ- ସ୍ୱର୍ଗୀୟା ପ୍ରମିଳା ପତି

**ପ୍ରକାଶିତ ପୁସ୍ତକ**

କବିତା ସଂକଳନ
୧- ଝିଅ ଠୁଁ ନଇ ଯାଏ
୨- ନଥିବା ଲୋକର ଗୀତ
୩- ମିଠା କଳଙ୍କର ରାତି
୪- ପବନ ବହୁଛି ବହୁଥାଉ

ଗଳ୍ପ ସଂକଳନ
୧- ନିଜ ଭିତରେ ନର୍କବସ
୨- ଦିନେ ଏଠି ପାହାଡଟେ ଥିଲା







ବିମଳ ପତିଙ୍କ ଦୁଇଟି ଚର୍ଚ୍ଚିତ ପୁସ୍ତକ...

■ ଭଲ କବିତାର ସଂଜ୍ଞା କଣ ? ସାହିତ୍ୟ ମାଧ୍ୟମରେ କାହାର ମାନସିକତା ପରିବର୍ତ୍ତନ ସମ୍ଭବ କି ?

■■ ଭଲ କବିତା ଯାହା ସବୁବର୍ଗର ପାଠକ, ସବୁ କାଳଖଣ୍ଡର ପାଠକ ପଢ଼ି ତାର ରସ ଆସ୍ୱାଦନ କରିପାରିବ ତାହାହିଁ ଭଲ କବିତା । ପଢିଆରାକୁ ବ୍ୟବହାର କରି ବୌଦ୍ଧିକ କବିତାକୁ ଶ୍ରେଷ୍ଠ ବୋଲି କୁହାଉ ଥିବା ଅପସାହିତ୍ୟ ଆଜି ନହେଲେ କାଲି ବୁଦବୁଦ ପରି ମିଳେଇ ଯିବ । ସାହିତ୍ୟ ମାଧ୍ୟମରେ କାହାର ମାନସିକତା ବଦଳା ଯାଇ ପାରେ ମୁଁ ଏଥିରେ ସନ୍ଦିହାନ । ଲେଖୁଥିବା ଲୋକଟି ବି ଜଣେ ମଣିଷ । ଅନେକ ବଡ ବଡ ଲେଖକ ଲେଖିକାଙ୍କୁ ଦେଖିଛି । ସେମାନେ ସାହିତ୍ୟରେ ଯେତିକି ସମ୍ବେଦନଶୀଳ ବାସ୍ତବ ଜୀବନରେ ତାହା ନୁହନ୍ତି । ତେଣୁ ଏପରି କଥା ସହିତ ମୁଁ ଏକମତ ନୁହେଁ ।

■ ଓଡିଆ ଭାଷା, ସାହିତ୍ୟର ଭବିଷ୍ୟତକୁ ନେଇ ଆପଣ କେତେ ଆଶାବାଦୀ ?

■■ ନିରାଶ ହେବାର କିଛି କାରଣ ନାହିଁ । ଅପସାହିତ୍ୟ, ଆତ୍ମଘୋଷିତ ସାହିତ୍ୟର ପ୍ରାବଲ୍ୟ ସାମୟିକ ଭାବରେ ସତ୍ ସାହିତ୍ୟର ଗତିରୋଧ କରିପାରେ, କିନ୍ତୁ ତାହା ସର୍ବକାଳୀନ ନୁହେଁ । ଆଗକୁ ଆହୁରି ଉନ୍ନତ ଚେତନାର ଉର୍ଦ୍ଧ୍ୱ ଉଡାଣ ହେବ, ସାହିତ୍ୟର ନୂଆ ରୂପ ଦିଶିବ ଏଥିରେ ସନ୍ଦେହ ନାହିଁ ।

■ ଲେଖକ ଜୀବନରେ ପୁରସ୍କାରର ଗୁରୁତ୍ୱ କେତେ ? ସାହିତ୍ୟ ମାଧ୍ୟମରେ କେଉଁ ବାର୍ତ୍ତାଟି ସମସ୍ତଙ୍କ ପାଖକୁ ଯାଉ ବୋଲି ଆପଣ ଚାହିଁବେ ?

■■ ପୁରସ୍କାର ପାଇବ ଆଶାରେ କେହି କଣ ଲେଖେ ? ମୁଁ ଏଥିରେ ବିଶ୍ୱାସ କରେ ନାହିଁ । ଯିଏ ନିରୁତା ଲେଖକ ସେ କେବଳ ସୃଜନ କର୍ମରେ ଥାଏ । ତା ଭିତରେ ଯଦି ପୁରସ୍କାର ମିଳିଲା ତାହା ଦାୟିତ୍ୱ ବଢାଇବା ସହ ଆଗକୁ ବଢ଼ିବା ପାଇଁ ପ୍ରେରଣା ଦେଇଥାଏ । ମୋର ବାର୍ତ୍ତା ହେଉଛି ସତ୍ ସାହିତ୍ୟ ସବୁବେଳେ ଶୁଦ୍ଧ ସୁବର୍ଣ୍ଣ ପରି ଝଟକିବ ଏଥିରେ ସନ୍ଦେହ ନାହିଁ । ଧନ୍ୟବାଦ ଆପଣଙ୍କୁ ମତେ କିଛି କହିବାକୁ ଯୋଗ୍ୟ ବୋଲି ବିଚାର କରିଥିବାରୁ ।

♥♥


ସମ୍ବର୍ଦ୍ଧିତ ହେବାର ମହାର୍ଘ ମୁହୂର୍ତ୍ତ...



ପୁସ୍ତକ ଉନ୍ମୋଚନ ଉତ୍ସବରେ କବି ବିମଳ ପତି...


ସୁଖୀ ପରିବାର : ପରିବାର ସଦସ୍ୟଙ୍କ ସହ କବି ବିମଳ ପତି...


ସମଧର୍ମୀବନ୍ଧୁମାନଙ୍କ ସହ କବି ବିମଳ ପତି...

ଧାରାବାହିକ ଉପନ୍ୟାସ

# ଭିନ୍ନ ଏକ ବିଦେଶିନୀ

ଡ.ରତିକାନ୍ତ ବେହେରା



**ଜୀବନ ଯେ ଜହର ନୁହଁ, ଅମୃତର ଗନ୍ତାଘର, ସକଳ ପ୍ରତିକୂଳତାକୁ ସମ୍ମୁଖୀନ ହୋଇ ଆତ୍ମପ୍ରତ୍ୟୟ ଆଧାରରେ ବଞ୍ଚିବାକୁ ପଡ଼େ, ଏହି ବାସ୍ତବତାକୁ ଜେନି ଚରିତ୍ର ମଧ୍ୟରେ ପ୍ରସ୍ଫୁଟିତ କରାଇଛନ୍ତି ଔପନ୍ୟାସିକ। ଧର୍ମ ଓ ଈଶ୍ୱରଙ୍କୁ ନେଇ ଏଠାରେ ଯେଉଁ ଅହରହ ସଂଘର୍ଷ ତାହାକୁ ପରିସମାପ୍ତି ପାଇଁ ସୂକ୍ଷ୍ମ ବିଚାରଟିଏ ଏହି ଉପନ୍ୟାସରୁ ପରିଦୃଷ୍ଟ ହୁଏ । ଅବଧୂତ ବାବାଙ୍କ ଭଳି ତ୍ୟାଗୀ ଫକୀର ଚରିତ୍ରଟିଏ ଖଞ୍ଜି ଦେଇ ତାଙ୍କ ଦ୍ୱାରା ଜେନିର ଚିନ୍ତାରାଜ୍ୟରେ ପରିବର୍ତ୍ତନ ଆଣି ଗୋସେବା, ପଶୁଜଗତରେ ଈଶ୍ୱରୀୟ ସତ୍ତାର ଉପଲବ୍ଧିକୁ ଦେଖାଇଛନ୍ତି ଔପନ୍ୟାସିକ ।**

**ଡ. ବେହେରାଙ୍କର 'ଭିନ୍ନ ଏକ ବିଦେଶିନୀ' ଧ୍ୱନି ପ୍ରତିଧ୍ୱନିର ଗୁଣଗ୍ରାହୀ ପାଠକମାନଙ୍କ ପାଇଁ...**

### ଭାଗ-୨୬

ଷଣ୍ଢକୁ ଏ ଦେଶର ଲୋକେ ପୂଜା କରନ୍ତି ଓ ଜୁହାର ହୁଅନ୍ତି ବୋଲି ସେ ଶୁଣିଛି । ଏଥିରୁ କ'ଣ ପରମାର୍ଥ ପ୍ରାପ୍ତହୁଏ, ତାହା ସେ ଜାଣେନା । ତେବେ ଅବଧୂତ ବାବାଙ୍କର କହିବା ଅନୁସାରେ ଅନ୍ୟାନ୍ୟ ଜଡ଼ ଓ ଜୀବ ଜଗତପରି ଷଣ୍ଢ ବି ଈଶ୍ୱରଙ୍କର ଏକ ସତ୍ତା, ପୁଣି ଶିବଙ୍କର ବାହନ । ସୁତରାଂ ସେ ଦେବତା । ସେମିତି ଏକ ଚତୁଃସ୍ପଦ ରୂପୀ ଦେବାତଙ୍କୁ ଜୁହାର ହେବାର ମାନସିକତା ନେଇ, ସେ ଚାଲିଆସିଥିଲା ବଡ଼ଦାଣ୍ଡ ଅତିକ୍ରମ କରି ମାଉସୀମା' ମନ୍ଦିର ପର୍ଯ୍ୟନ୍ତ। ହେଲେ ଗୋଟେ ହେଲେବି ଷଣ୍ଢଦେବତାଙ୍କର ଦର୍ଶନ ପାଇ ନଥିଲା ସେ ସେଦିନ।

'ଏଥି ସକାଶେ କିଛିକ୍ଷଣ ପ୍ରତୀକ୍ଷା କରାଯାଇପାରେ!' ଏମିତି ଏକ ସିଦ୍ଧାନ୍ତ ନେଇ ନିକଟବର୍ତ୍ତୀ ଏକ ଚଟାଣ ଉପରେ ବସି ରହିଲା ଜେନି ।

ପ୍ରତୀକ୍ଷାର କୌଣସି ଆଶୁ ଅନ୍ତଃ ଘଟିଲା ନାହିଁ। ବରଂ ଆଖିପତା କ୍ରମେ ନଇଁ ଆସିଲା ଓ ସେ ସେଇ ଚଟାଣ ଉପରେ ଶୋଇପଡ଼ିଲା।

ନିଦ୍ରିତ ଅଥବା ତନ୍ଦ୍ରାଚ୍ଛନ୍ନ ଅବସ୍ଥାରେ ସେ ଅବଧୂତ ବାବାଙ୍କୁ ସ୍ୱପ୍ନ ଦେଖିଲା । ବାବା ମନ୍ଦିର ପଶ୍ଚାତଭାଗ ରାସ୍ତା ଦେଇ ଚାଲି ଯାଉଛନ୍ତି। ପରିଧାନ କରିଛନ୍ତି ତା' ଦ୍ୱାରା ପ୍ରଦତ୍ତ ସେହି ଗୈରିକ ବସ୍ତ୍ର । ବକ୍ଷଦେଶକୁ ଢାଙ୍କି ରଖିଛି ତହିଁରୁ ଆଉ ଖଣ୍ଡେ । ଅନୁଗତ ଭାବେ ତାଙ୍କୁ ଅନୁସରଣ କରୁଛି ସେହି ପୂର୍ବୋକ୍ତ ହୃଷ୍ଟପୁଷ୍ଟ ଷଣ୍ଢଟି।

ଜେନି ଉଠି ଏବେ ଚାଲିବା ଆରମ୍ଭ କରିଦେଲା ସେମାନଙ୍କୁ ଅନୁସରି । ହେଲେ ସ୍ୱପ୍ନାବିଷ୍ଟ ଅବସ୍ଥାରେ ସେ ଅନୁସରଣ କରୁଥିଲା କି ଜାଗ୍ରତ ଅବସ୍ଥାରେ, ଏତକ ଜ୍ଞାନ ତା' ପାଖରେ ନଥିଲା। ପରେ ସେ ସଚେତନ ହୋଇ ଜାଣିଲା ଯେ, ସେ ଚାଲି ଆସିଛି ପୁରୀଠାରୁ ବହୁ ଦୂର। ଏକ ନିପଟ ମଫସଲ ଅଞ୍ଚଳରେ ପହଞ୍ଚିଯାଇଛି। ଅପରାହ୍ନ ସ୍ପର୍ଶ କରୁଛି ଗୋଧୂଳିକୁ। ସାମ୍ନାରେ ରାସ୍ତା ଦୁଇଭାଗ ହୋଇ ଆଗକୁ ଲମ୍ବିଯାଇଛି। ତେବେ କେଉଁ ଆଡ଼କୁ ଯାଇଛି ଏ ରାସ୍ତା ଦୁଇଟି ? ସନ୍ଦେହରେ ଘାରି ହେଉଥିଲା ଜେନି ।

ବାମପାଖ ରାସ୍ତାରୁ ଉଠି ଆସୁଥିଲା ଜଣେ ଗାଉଁଲିଲୋକ, ମୁଖ୍ୟ ରାସ୍ତାକୁ। ଏ ହୁଏତ ବାବାଙ୍କ ସଂପର୍କରେ ତାକୁ ସଠିକ ତଥ୍ୟ ଦେଇପାରିବ ଭାବି ଜେନି ପଚାରିଲା, "ଅବଧୂତ ବାବା ଓ ଷଣ୍ଢ କେଉଁ ରାସ୍ତାରେ ଗଲେ କହି ପାରିବ ?"

ଲୋକଟି ଅବଧୂତ ବାବାଫାବା ସଂପର୍କରେ କିଛି କଳନା କରିପାରିଲା ନାହିଁ। ବାକି ଷଣ୍ଢ ? ଷଣ୍ଢ ତ ଏ ଗାଁ ଓ ବିଲମାଳରେ ପ୍ରଚୁର। ଲୋକଟି ହାତଠାରି ନିର୍ଦ୍ଦେଶ କଲା, "ଏଇ ରାସ୍ତାରେ ଯାଅ, ପାଇଯିବ।"

ଆଉ କିଛି ନ ଭାବି ଜେନି ବାମ ପାର୍ଶ୍ୱରେ ଲମ୍ବିଯାଇଥିବା ନାଳିଗୁଡ଼ି ସଡ଼କରେ ଅଗ୍ରସର ହେଲା। କିଛିଦୂର ଆସିଲା ପରେ ଜାଣିଲା, ନିର୍ଜନ ନାଳି ସଡ଼କଟି ଲମ୍ବିଯାଇଛି ବିଲ ମଝିରେ ଆଗକୁ ଆଗକୁ। ଦୀର୍ଘ ସମୟ ଧରି ଯାତ୍ରା ଜନିତ କ୍ଳାନ୍ତିରେ ତାକୁ ବେଶ୍ ଅବଶ ଲାଗୁଥିଲା ସେତେବେଳେ। ତଥାପି ସେ ଚାଲିଲା କେଉଁ ଏକ ଅଦୃଶ୍ୟ ଆକର୍ଷଣରେ।

କାହାନ୍ତି ବାବା କିମ୍ବା ଷଣ୍ଢ ? କାହାରିକୁ ଦେଖିଲା ନାହିଁ ସେ। ଦୂର ବିଲ ଓ ବୁଦିବୁଦିକିଆ ଜଂଗଲ ଭିତରୁ ଫେରୁଛନ୍ତି ଗାଈ ଓ ମଇଁଷି ପଲ। ଲୋକଟା ବୋଧହୁଏ ମିଛ କହିଲା।

ଏବେ ଆଉ ପୁରୀ ଫେରିବା ସଂଭବ ନୁହେଁ। ଫେରିବାର ରାସ୍ତା ବି ତାକୁ ଜଣାନାହିଁ। ପାଖ ଗାଁରେ କେଉଁଠି ରାତିକ ପାଇଁ ଆଶ୍ରୟ ମିଳିଗଲେ, ସେ ଯଥେଷ୍ଟ ବିଶ୍ରାମ ନେବ ଏବଂ କାଲି ଫେରିବ ମଠକୁ। ସନ୍ଧ୍ୟା ଉପଗତ ପ୍ରାୟ। ଆଗ ପଛ ହୋଇ କେତେ ଯୋଡ଼ା ମଇଁଷି ରାସ୍ତାର ଉଭୟ ପାର୍ଶ୍ୱ ଆବୋରି ଫେରୁଛନ୍ତି ଗୋଠବାହୁଡ଼ା ହୋଇ। ଏଣୁ ଖୁବ୍ ନିକଟରେ ଥାଇପାରେ କୌଣସି ମଫସଲ ଗାଁ ।

ଜେନି ହଠାତ୍ ଦେଖିଲା, ପଛରୁ କେତୋଟି ମଇଁଷି ଖୁବ୍ ଦ୍ରୁତ ଗତିରେ ମାଡ଼ି ଆସୁଛନ୍ତି, ସାମ୍ନାରେ ଯାଉଥିବା ମଇଁଷି ପଲ ସହିତ ମିଶିଯିବାକୁ। ବିଶାଳ ବପୁ ଓ ହୃଷ୍ଟପୁଷ୍ଟ ମଇଁଷିଗୁଡ଼ିକୁ ଦେଖି ଜେନି ଡରିଗଲା ଏବଂ ଏମାନଙ୍କୁ ପଥ ଛାଡ଼ିଦେବା ପାଇଁ ପାଖେଇ ଯିବା ମୁହୂର୍ତ୍ତରେ ହଠାତ୍ ତହିଁରୁ ଗୋଟେ ଜେନିକୁ ଦେଲା ଏକ ପ୍ରଚଣ୍ଡ ଧକ୍କା। ଏଥିରେ ଜେନି ରାସ୍ତା ତଳକୁ ଛିଟିକି ପଡ଼ିଲା ଏବଂ ସେହି ଅବସ୍ଥାରେ ଚେତାଶୂନ୍ୟ ହୋଇପଡ଼ିଗଲା ସେ।

ସେଦିନ ଜେନିର ଚେତା ଫେରିଥିଲା ଟିକେ ବିଳମ୍ବିତ ମୁହୂର୍ତ୍ତରେ, ଗୋଟେ ନୁଆଣିଆଁ ମାଟିକାନ୍ଥ ଘେରା ଘର ଭିତରେ।

ମଇଁଷି ପଲର ସବା ପଛରେ ଆସୁଥିବା ଦୁଇଜଣ ମଇଁଷିଆଳ ଏଇ ଦୁର୍ଘଟଣାକୁ ପଛରୁ ଥାଇ ଲକ୍ଷ୍ୟ କରିଥିଲେ। ଦଉଡ଼ି ଆସି ଦେଖନ୍ତି ତ ଆଘାତରେ ରାସ୍ତା କଡ଼ରେ ଛିଟିକି ପଡ଼ି ସଂଜ୍ଞା ହରେଇ ପଡ଼ିଛି ଜଣେ ବିଦେଶିନୀ ମହିଳା ।

'ତା'ର କେହି ସାଥି ଥାଇପାରନ୍ତି' - ଏମିତି କିଛି ସଂଭାବନା ଭିତରେ କିଛିକ୍ଷଣ ଅଟକି ରହିଲେ ସେମାନେ। ସେଇ ସମୟରେ ପ୍ରାୟ ଅନ୍ଧାର ଘୋଟି ଆସୁଥିଲା । ତା'ର ସାଥୀଲୋକ କେହି ଆସୁ ନଥିଲେ । କେତେ ସମୟ ଆଉ ଏ ସ୍ଥିତିରେ ପ୍ରତୀକ୍ଷା କରାଯାଇ ପାରନ୍ତା ? ଏଣୁ ଏମାନେ ଆଉ କାହାର ଆଗମନର ସଂଭାବନା ନ ଦେଖି, ନେଇଆସିଲେ ଗାଁ ଭିତରକୁ ଏବଂ ସେ ଗାଁର ମୁଖିଆ ଭୂମିଜଙ୍କ ଘରେ ଛାଡ଼ିଦେଇ ସେମାନେ ଆପଣା ଘରକୁ ଫେରିଗଲେ।

ଏଇ ଭୂମିଜ ମହାକୂଳର ସ୍ତ୍ରୀ ପ୍ରକୃତି ଦେବୀ ଜେନିର ଶୁଶ୍ରୁଷା କରି, ଦେଢ଼ ଦୁଇଘଣ୍ଟାପରେ ତା'ର ଚେତା ଫେରାଇ ଆଣିଥିଲେ। ଦେହରେ କିମ୍ବା ମୁଣ୍ଡରେ ସେମିତି କିଛି ବଡ଼ କ୍ଷତ ହୋଇ ନଥିଲା ଜେନିର। ଯଥାଯୋଗ୍ୟ କିଛି ଘରୋଇ ଚିକିତ୍ସା ପରେ ଜେନିର ସଂଜ୍ଞା ଫେରି ଆସିଥିଲା ରାତି ନ'ଟା ବେଳକୁ।

ଆଖି ଖୋଲିଲାପରେ ସମ୍ମୁଖରେ ଜଣେ ମଧ୍ୟବୟସ୍କା ସ୍ତ୍ରୀ ଲୋକଟିକୁ ଦେଖି ହଠାତ୍ ଚମକି ପଡ଼ିଲା ଜେନି। ସେ ଶୋଇଥିଲା ଚଟାଣରେ ପଡ଼ିଥିବା ଏକ ଶେଯ ବିଛଣାରେ। ଲଣ୍ଠନର ସ୍ତିମିତ ଆଲୋକ ଭିତରେ ମନେ ହେଲା ପରିବେଶଟି ସଂପୂର୍ଣ୍ଣ ଅତିଭୌତିକ ସ୍ତରର। ଏଥିପାଇଁ କିନ୍ତୁ ସେ ଆଦୌ ଗୁରୁତ୍ୱ ଦେଉନଥିଲା। ସମସ୍ତ ଘଟଣାଟି ତା'ର ମନେଥିଲା ମଇଁଷିଟି ଆଘାତ କରିବା ପର୍ଯ୍ୟନ୍ତ । ତା' ପରେ ସଂଜ୍ଞାହୀନ ଅବସ୍ଥାରେ କେହି ଦୟାଶୀଳ ହୋଇ ତାକୁ ହୁଏତ ଏଠିକି ନେଇ ଆସିଛନ୍ତି। କିନ୍ତୁ ଯେଉଁଥିପାଇଁ ସେ ବେଶି ଆଶ୍ଚର୍ଯ୍ୟ ହେଲା, ତାହାଥିଲା ପାଖରେ ବସି ମୁଣ୍ଡ ଆଉଁଶି ଦେଉଥିବା ସ୍ତ୍ରୀ ଲୋକଟିକୁ ଦେଖି।

ଦୃଶ୍ୟପଟଟି ଆପଣାଛାଏଁ ଖୋଲିଗଲା ଜେନିର ମାନସ ପଟରେ। ସେଦିନ ପ୍ରଭୁଙ୍କ ରଥଉପରେ ଯେଉଁ ମହିଳାଟି ତାକୁ ଉପରକୁ ଉଠିଆସିବାକୁ ହିମ୍ମତ ଦେଇଥିଲା, ଏ ମହିଳା ଜଣକ ସେଇ ବୋଲି ତାର ଧାରଣା ହେଲା। ରଥ ଉପରେ କାଳିଆ'କୁ ଦର୍ଶନ ସାରି ପଛକୁ ଚାହିଁ ଦେଖେତ ସେ ଆଉ ନାହାଁନ୍ତି ରଥ ଉପରେ। କ୍ଷଣିକ ଭିତରେ ସେ କେଉଁଆଡ଼େ ଅନ୍ତର୍ଦ୍ଧାନ ହୋଇଯାଇଛନ୍ତି। ଟିକେ ତାଙ୍କୁ ଧନ୍ୟବାଦ ଜଣେଇବାକୁ ସେଦିନ ସେ ମହିଳା ଆଉ ମିଳି ନଥିଲେ ଜେନିକୁ। ତଳକୁ ଓହ୍ଲେଇ ଆସି ଅନେକ ସମୟ ପର୍ଯ୍ୟନ୍ତ ଯାହାଙ୍କୁ ଖୋଜିଥିଲା, ସେ ଆଜି ତା' ମୁଣ୍ଡ ପାଖରେ ବସି ଆଉଁଶି ଦେଉଛନ୍ତି। ଏହା କେମିତି ସଂଭବ ହେଲା? ଜେନିର ଆଶ୍ଚର୍ଯ୍ୟର ଅସଲ କାରଣ ଥିଲା ଏଇଆ।

ଏହା କିଛି ଅଲୌକିକ କିମ୍ବା ଅତିଭୌତିକ ନିଶ୍ଚୟ। ପୁଣି ଏମିତି ଏକ ପରିବେଶ ଓ ପରିସ୍ଥିତିକୁ ଆଦୌ କଳନା କରିପାରୁନଥିଲା ଜେନି। ଭୟରେ ଆଖି ମୁଦି ହୋଇ ଆସିଲା ତା'ର।

"ତମେ ମୋତେ ଭୟ କରନା ଝିଅ। ଏବେ ଟିକେ ଭଲ ଲାଗୁଚି ତ?" ଗଳା ନରମେଇ ପଚାରିଲା ସ୍ତ୍ରୀ ଲୋକଟି।

ସେଦିନ ଠିକ୍ ରଥ ଉପରୁ ଏମିତି ଭାଷାରେ ଡାକୁଥିଲେ, "ଭୟ କରନି ଝିଅ। ଆସ, ଧୀରେ ଉପରକୁ ଉଠିଆସ।"

'ସେଇ ସମାନ ସ୍ତ୍ରୀ ଲୋକଟି ବି ଏଇଠି?' ସ୍ୱଗତୋକ୍ତିଟି ସ୍ୱଷ୍ଟୋକ୍ତି ହେଇଗଲା କି ଆଉ?

ଆଖି ଖୋଲି ଚାହିଁଲା ଜେନି।

"ତୁମ ଅନୁମାନ ସତ୍ୟ ମା' । ସେଦିନ ତ ମୁଁ ତୁମକୁ ରଥ ଉପରକୁ ଉଠି ଆସିବାକୁ ସାହସ ଦେଇଥିଲି । ଠିକ୍ ଚିହ୍ନି ପାରୁଛି ତୁମର ଚେହେରା ଦେଖି। ଛ'ମାସ ତଳର କଥା। ଭୁଲି ହୋଇଯାଇ ନାହିଁ ଏବେ ବି ମନତଳୁ । ରଥ ଉପରେ କାଳିଆ ସମ୍ମୁଖରେ ତମେ ଜଡ଼ ହୋଇଯାଇଥିଲ। ଅନେକ ସମୟ ଅପେକ୍ଷା କଲାପରେ ଓହ୍ଲେଇ ଆସିଲି ତଳକୁ। ଆଉ ସେଠୁ ସିଧା ଘରମୁହାଁ ବାହୁଡ଼ି ଆଇଲି।" ଟିକେ ରହି ପୁଣି "ଦଇବ ଏମିତି ଯୋଗ ଭିଆଇଥିଲା, ଦେଖ ଦେଖ ତୁମେ ଆସି ଏଠି, ମୋରି ଘରେ। ବିଧିର ବିଧାନ ବଡ଼ ବିଚିତ୍ର ମା'। କାଳ କାହାକୁ କେତେବେଳେ ନେଇ କେଉଁଠି ଭେଟେଇବ, ଛଡ଼େଇବ ପୁଣି ଜଡ଼େଇବ, ଆମେ ଛାର ମଣିଷ ବା କେମିତି କଳନା କରିପାରିବା?"

ସଂପୂର୍ଣ୍ଣ ଆଶ୍ୱସ୍ତ ଅନୁଭବ କଲା ଜେନି ସ୍ତ୍ରୀ ଲୋକଟିର କଥାରେ। ଚାପା ଗଳାରେ, ଅନୁରୋଧ କଲା ଭଳି ପଚାରିଲା, "ମୁଁ କ'ଣ ତୁମଘରେ ବିଶ୍ରାମ ସକାଶେ ରାତିଟି ରହିପାରିବି?"

"କାହିଁକି ନୁହେଁ? ତୁମେ ତୁମର ଇଚ୍ଛା ମୁତାବକ ଯେତେଦିନ ପାର ସେତେଦିନ ରହିପାର ଝିଅ। ତୁମକୁ କେହି ବାଧା ଦେବେ ନାହିଁ।" କହିଲା ସ୍ତ୍ରୀ ଲୋକଟି।

ଜଣେ ଭାରତୀୟ ନାରୀର ହୃଦୟ ଚିହ୍ନିବାକୁ ଏଇ କେତୋଟି ବାକ୍ୟ ଯଥେଷ୍ଟ ଥିଲା ଜେନି ପାଇଁ । ଜଣକୁ ଅନିର୍ଦ୍ଦିଷ୍ଟ କାଳ ପାଇଁ କୌଣସି ସ୍ୱାର୍ଥ ନରଖି ଅତିଥି କରି ରଖାଯାଇ ପାରେ ! ଏ କେବଳ ଭାରତ ଓ ସର୍ବୋପରି ଓଡ଼ିଶାରେ ହିଁ ସଂଭବ, ଇଂଲଣ୍ଡ କି ଲଣ୍ଡନରେ ନୁହେଁ। ଜେନି ଏଥର କୃତ୍ୟ କୃତ୍ୟ ହୋଇ ଯାଉଥିଲା। ଗୃହିଣୀ ସ୍ତ୍ରୀ ଲୋକଟି ପାଖରେ ତା'ର ବ୍ୟକ୍ତିତ୍ୱ ଖର୍ବ ହୋଇ, ଏଡ଼େ ଟିକେ ସାନ ପିଲାଟି ପରି ହୋଇଗଲା। "ମୋତେ ଯେଉଁମାନେ ମୁମୂର୍ଷୁ ଅବସ୍ଥାରେ ଉଦ୍ଧାର କରି ନେଇ ଆସିଛନ୍ତି, ସେମାନେ କାହାନ୍ତି ? ତାଙ୍କୁ ଟିକେ ମୋର କୃତଜ୍ଞତା ଜଣେଇବା ଉଚିତ୍।" - କହିଲା ଜେନି।

ସେମାନେ ପାଉଣାଖିଆ ମହିଁଷିଆଳ। ଗାଁର ପ୍ରତି ଘରୁ ସେମାନେ ମଇଁଷି ଗୁଡ଼ିକୁ ସକାଳେ ଅଡ଼େଇ ନେଇ ଯାଆନ୍ତି ଜଙ୍ଗଲକୁ, ଆଉ ଫେରେଇ ଆଣନ୍ତି ସଂଜବୁଡ଼େ। ସେଥିପାଇଁ ମଇଁଷି ପିଛା ମାସକୁ ମାସ ପାଉଣା ନିଅନ୍ତି। ସେମାନେ ତୁମକୁ ଏଠି ଛାଡ଼ିଦେଇ ବାହୁଡ଼ି ଗଲେଣି ଆପଣା ଘରକୁ। କାଲି ସନ୍ଧ୍ୟାରେ ଭେଟ ହେଲେ ତୁମେ ଯାହା କୃତଜ୍ଞତା ଜଣେଇବା କଥା, ଜଣେଇବ।" - କହିଲେ ମହିଳା ଜଣକ।

"ତୁମେ ଜଣେ ଭଲ ମଣିଷ।" ଜେନିର ଆଖିରେ ପ୍ରଶଂସା ଉକୁଟି ଆସୁଥିଲା। ପ୍ରଶମିତ ହୋଇଯାଉଥିଲା ଗୋଟେ ଅଶୁଣା ଅଜଣା ଜାଗାକୁ ନେଇ ତା' ଭିତରେ ସୃଷ୍ଟି ହୋଇଥିବା ଭୟ ଓ ଆଶଙ୍କା ସବୁ।

ପର୍ଯ୍ୟାପ୍ତ ସ୍ନେହ, ଆନ୍ତରିକତା, ସେବା ସୁଶ୍ରୁଷା ଓ ରାତ୍ରିଭୋଜନ ଅନ୍ତେ ମାଟି ଚଟାଣ ଉପରେ, ପତଳା ଶେଯ ବିଛଣାରେ ଖୁବ୍ ଆରାମରେ ସେଦିନ ନିଦ ଯାଇଥିଲା ଜେନି। ଆଉ ରାତି ପାହିଥିଲା ସକାଳେ ଗାଈର ହମ୍ବାରଡ଼ି, ବାଛୁରୀର ବୋବାଳି ଏବଂ ଗାଁଦାଣ୍ଡରେ ଆରମ୍ଭ ହୋଇଯାଇଥିବା ଗ୍ରାମୀଣ ଲୋକମାନଙ୍କର କୋଳାହଳମୟ ଧାଁ ଦଉଡ଼ ଓ ଜୀବନଚର୍ଯ୍ୟା ଭିତରେ।

ଭରପୂର ପାକୃତିକ ଦୃଶ୍ୟଭରା ଏ ଗାଁ, ଗୋପ। ଗୋପପୁର। କୋଣାର୍କଠାରୁ ବାର ମାଇଲ ଦୂର କୁଶଭଦ୍ରା ନଦୀକୂଳରେ ଏହାର ଅବସ୍ଥିତି। କୃଷ୍ଣଙ୍କର ବାଲ୍ୟଲୀଳା ଅତିବାହିତ ହୋଇଥିବା ଗୋପପୁର ଏ ନୁହେଁ। କାହିଁ କେଉଁ ଅତୀତରୁ ମୂଳ ଗୋପପୁରର ସ୍ଥୂଳ ଭୌଗୋଳିକ ସ୍ଥିତି ଓ ପରିବେଷ୍ଟନୀ ସହିତ ସାମ୍ୟତା ଥିବା କାରଣରୁ, କେହି ଏହାର ନାମ ରଖିଥିବେ ଗୋପ। ପାର୍ଶ୍ୱରେ ବହିଯାଇଛି କୁଶଭଦ୍ରା ନଦୀ, ଯାହା ଯମୁନା ନଦୀର ଭ୍ରମ ସୃଷ୍ଟିକରେ। ବିସ୍ତୀର୍ଣ୍ଣ ପ୍ରାନ୍ତର ଗୋମହୀଷାଦିର ପର୍ଯ୍ୟାପ୍ତ ଚରାଭୂଇଁ ଦିନେ ଏ ଅଞ୍ଚଳର ମଣିଷମାନଙ୍କ ଜୀବନ ଜୀବିକାର ଏକମାତ୍ର ମାଧ୍ୟମ ଭାବେ ଭରପୂର ପ୍ରତିଶ୍ରୁତି ଦେଇଥିବ। ଏଣୁ ଏ ଇଲାକାରେ ଅଧିକ ସଂଖ୍ୟକ ଗୋପାଳମାନେ ହିଁ କେଉଁ ଦୂର ଅତୀତରୁ ବାସ କରନ୍ତି। ଏହାର ଶେଷ ଉପାନ୍ତରେ କୁଶଭଦ୍ରା ନଦୀକୂଳରେ କୋଡିଏ ପଚିଶ ଘର ଗୋପାଳମାନଙ୍କୁ ନେଇ ଯେଉଁ ଜନବସତି ଗଢ଼ି ଉଠିଛି ତାହା ଗୋପ କିମ୍ବା ଗୋପପୁର। ଏଠାରୁ ଗୋପବଜାର ଟିକେ ଦୂର। ଅପର ଏକ ପାର୍ଶ୍ୱରେ ଯଥେଷ୍ଟ ଦୂରତାରେ ବିଶ୍ୱପ୍ରସିଦ୍ଧ ଉତ୍କଳୀୟ କଳାଭାସ୍କର୍ଯ୍ୟର ଅପୂର୍ବ ଗନ୍ତାଘର କୋଣାର୍କ ମନ୍ଦିର।

(କ୍ରମଶଃ)

♥ କୃଷ୍ଣନଗର, ଅଙ୍ଗାରଗଡ଼ିଆ,
ବାଲେଶ୍ୱର - ୭୫୬୦୦୧
(ମୋ): ୯୪୩୯୪୪୨୯୪୨

# ଶ୍ରୀଜଗନ୍ନାଥ : ଆମ ସଖା, ଆମ ମୁରବୀ

ବିରଞ୍ଚି ନାରାୟଣ ମହାନ୍ତି



ମହାପ୍ରଭୁ ଶ୍ରୀଜଗନ୍ନାଥ ଆମ ଜାତୀୟ ଜୀବନର ସେ କେବଳ ପ୍ରତୀକ ନୁହଁନ୍ତି, ମହାନାୟକ। ସେ କେବଳ ସେବ୍ୟ, ଆମେ ସମସ୍ତେ ସେବକ। ଠାକୁରରାଜା ଗଜପତି ମହାରାଜ ତାଙ୍କର ମୁଖ୍ୟ ସେବକ। ଓଡ଼ିଶାର ପୂଜା ପାର୍ବଣ ବ୍ୟତୀତ ପ୍ରତିଟି ଘରର ଶୁଭାଶୁଭ କାର୍ଯ୍ୟରେ ସେ ହିଁ ମୁଖ୍ୟ ଆରାଧ୍ୟ, ନାୟକ, ପରିଚାଳକ, ସଞ୍ଚାଳକ ସବୁକିଛି। ତାଙ୍କ ନିର୍ମାଲ୍ୟ କଣିକା ଟିକିଏ ପିଲାଟିର ଏକୋଇଶା ଦିନ ଷଷ୍ଠୀ ଦେବୀଙ୍କ ପୂଜା ହେଉ ବା ଅନ୍ନ ପ୍ରସନ୍ନ, ବ୍ରାହ୍ମଣ କର୍ମ ଉପନୟନ ଠାରୁ ଜନ୍ମ ବାର୍ଷିକ ସବୁକିଛିରେ ତାଙ୍କୁ କେବଳ ଡକରା ପତ୍ର ପଠା ଯାଇନଥାଏ। ତାଙ୍କ ପାଖରେ ସମର୍ପଣ କରି ସେ ଯେହେତୁ ସମସ୍ତ କର୍ମର କର୍ତ୍ତା କିପରି ଚଳାଇ ନେବେ ତାଙ୍କୁ ମାଗୁଣି କରିଥାଉ। ବନ୍ଧୁ ସମ୍ପର୍କ ଯେଉଁଠି ବି ଆରମ୍ଭ ହୋଇଥାଏ ଘରୋଇ ହେଉ ବା ସାମାଜିକ ବିଧି ବିଧାନରେ ହେଉ ମହାପ୍ରସାଦର ମୂଲ୍ୟ ସେଠାରେ ଅତିବ ଶୁଭ ପ୍ରତୀକ ଓ ବନ୍ଧୁତ୍ୱର ମଜଭୁତ କୃପା।

ମହାପ୍ରଭୁଙ୍କ ସଂସ୍କୃତି କେବଳ ଆମ ଜନଜୀବନକୁ ପ୍ରଭାବିତ ପ୍ରଚାରିତ କରିନାହିଁ ବରଂ ସମଗ୍ର ଭାରତର ଅଗଣିତ ଜନମାନସକୁ ମହାନ ସନାତନ ସଂସ୍କୃତିର ବାର୍ତ୍ତା ଦେଇଥାଏ। ମହାପ୍ରଭୁ ଶ୍ରୀଜଗନ୍ନାଥ ହେଉଛନ୍ତି ପୁରୁଷୋତ୍ତମ ସଚ୍ଚିଦାନନ୍ଦ ତତ୍ତ୍ୱର ପ୍ରତୀକ। ବିଶ୍ୱ ମାନବ ସମାଜକୁ ନିଜର କରି ସମସ୍ତଙ୍କର ସୁଖ, ଶୁଭ, ସୌଭାଗ୍ୟ କାମନା କରି ମାନବ ଆଜି ବିଶ୍ୱ ମାନବ ହେବା ପାଇଁ ଜଗନ୍ନାଥ ସଂସ୍କୃତିରୁ ହିଁ ପାଇପାରିବ ମହାନ ଆଦର୍ଶର ପ୍ରେରଣା ଓ ଉଦବୋଧନା। ଆଜି ବି କେବଳ ଗ୍ରାମାଞ୍ଚଳରେ ନୁହେଁ ସହରାଞ୍ଚଳର ଭାଗବତ ଗାଦି, ଭାଗବତ ଗୋସାଇଁ, ଜଗନ୍ନାଥ ମନ୍ଦିର, ଅନ୍ୟାନ୍ୟ ଦେବାଳୟରେ ମହାପ୍ରଭୁଙ୍କ ନୀତିକାନ୍ତି ଅନୁଷ୍ଠିତ ହୋଇଥାଏ। ଆଜି ବି ସନ୍ଧ୍ୟା ସମୟରେ ଅନେକ ମଠ ମନ୍ଦିରରେ ଜଗନ୍ନାଥ ଅଷ୍ଟକମ୍ ସହିତ ଭାଗବତ ପାଠ ହୋଇଥାଏ।

ଆମ ଓଡ଼ିଶାରେ ଅନେକ ଘରେ ଦେଖିଥିବେ 'ଜଗା', 'ଜଗନ', 'ଜଗୁନି', 'ଜଗନ୍ନାଥ' ଏପରି ଅନେକ ଭାବରେ ମହାପ୍ରଭୁଙ୍କ ନାମ ପିଲା ମାନଙ୍କୁ ଶ୍ରଦ୍ଧାରେ ଡାକ ନାମ ଭାବରେ ଦେଇଥାନ୍ତି। ଏଇଥିପାଇଁ ଯେ କେଉଁ ବାହାନାରେ ବା କେଉଁ ମାଧ୍ୟମରେ ହୁଏତ ଜଗନ୍ନାଥଙ୍କ ନାମ ଟିକିଏ ତ ତୁଣ୍ଡରେ ପଶିବ। ଓଡ଼ିଶାର କିଛି ଅଞ୍ଚଳରେ ଆଧ୍ୟାତ୍ମିକ ଭାବପୂର୍ଣ୍ଣ ନିଷ୍ପାପର ଜୀବନ ନିର୍ବାହ କରୁଥିବା ବ୍ରାହ୍ମଣୀମାନେ ସେମାନଙ୍କ ପତିଦେବଙ୍କ ପରଲୋକ ପରେ ଶ୍ରୀଜଗନ୍ନାଥଙ୍କୁ ଆରାଧନା କରିଥାନ୍ତି ସ୍ୱାମୀ ରୂପରେ। ପୂଣ୍ୟମାସ କାର୍ତ୍ତିକରେ ବିପୁଳ ସଂଖ୍ୟାରେ ହବିଷ ପୂଣ୍ୟ କରିବା ପାଇଁ ବିଧବା ବ୍ରାହ୍ମଣୀମାନେ ଜଗନ୍ନାଥ ଧାମକୁ ଆସିଥାନ୍ତି।

ଜଗନ୍ନାଥ ସଂସ୍କୃତି ବିନା ଉତ୍କଳୀୟ ସଂସ୍କୃତିର ଉତ୍କର୍ଷ ଓ ମହନୀୟତା ଆଦୌ ସମ୍ଭବ ନୁହେଁ। ଆମ ଭିତରୁ ଅନେକ, ଅନେକ ସମୟରେ, ଅନେକ ପରିସ୍ଥିତିରେ, ଯିଏ ଯେଉଁପରି ଭାବରେ ବି ତାଙ୍କୁ ଡାକିଛି, ନିଜକୁ ସମର୍ପି ଦୁଇ ହାତ ମେଲାଇ ବିକଳ ପ୍ରାର୍ଥନା କରିଛି ମହାପ୍ରଭୁ ତାଙ୍କୁ ସେତେବେଳେ କେଉଁ ନାଁ କେଉଁ ରୂପରେ, ଭାବରେ, କେଉଁ ମାଧ୍ୟମରେ ଦର୍ଶନ ଦେଇଥାନ୍ତି। କେତେବେଳେ ସେ ଦାରୁବ୍ରହ୍ମ ତ କେତେବେଳେ ସେ ଶୂନ୍ୟପୁରୁଷ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ମତାବଲମ୍ବୀ ଭକ୍ତଙ୍କ ଠାରୁ ଶ୍ରଦ୍ଧାଳୁ, ଦାର୍ଶନିକଙ୍କ ଠାରୁ ଗବେଷକ ନିଜେନିଜ ପ୍ରଚାର ପ୍ରସାର ଠାରୁ ମହାପ୍ରଭୁଙ୍କ କୃପା ପାଇବା ନିମିତ୍ତ ଶ୍ରୀକ୍ଷେତ୍ର ଛୁଟି ଆସିଛନ୍ତି ମହାନ ଜଗନ୍ନାଥ ଧର୍ମ ଦର୍ଶନ କରି ନିଜକୁ ପବିତ୍ର କରିବା ପାଇଁ। ଶ୍ରୀ ଶଙ୍କରଙ୍କ ଠାରୁ ରାମାନୁଜ, କବୀରଙ୍କ ଠାରୁ ନାନକ, ବଲ୍ଲଭାଚାର୍ଯ୍ୟଙ୍କ ଠାରୁ ଗାଣପତ୍ୟ ଅନେକ ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ମାନେ ମହାପ୍ରଭୁଙ୍କୁ କରୁଣା, ସଂହତି, ସାମ୍ୟ, ମୈତ୍ରୀ ପ୍ରେମର ପ୍ରତୀକ ରୂପେ ପାଇଛନ୍ତି। ମହାପ୍ରଭୁ ଭକ୍ତ ଦାସିଆଙ୍କ ନଡ଼ିଆ ଗ୍ରହଣ କରିଛନ୍ତି ପୁଣି ସେହି ଭକ୍ତଙ୍କୁ ଦଶାବତାରର ଦିବ୍ୟରୂପ ଦେଖାଇ ଆତ୍ମବିଭୋରର କୃପା ଦେଇଛନ୍ତି।

ମହାପ୍ରଭୁ ସେମିତି, ଏପରି ଠାକୁର ଯେ, ତାଙ୍କ ଆଗରେ ସମସ୍ତେ ସମାନ। ତାଙ୍କୁ କିଣି ହେବ କେବଳ ଦୃଢ଼ ସମର୍ପଣ ଭରା ଭକ୍ତି ଦ୍ୱାରା ଡାକୁଥିବା ଆକୁଳ ଜଣଙ୍କ ଯେଉଁ ଜାତିର ହୁଅନ୍ତୁ ନା କାହିଁକି, ହୁଅନ୍ତୁ ନା ଯେଉଁ ସମ୍ପ୍ରଦାୟର ସବୁ ମତଭେଦ ଭୁଲି କରୁଣା ଟିକକ ପାଇଁ ପ୍ରାର୍ଥନା କରୁଥିବା ଭକ୍ତଜନଙ୍କୁ କରୁଣାର ଶୀତଳତା, ଆନନ୍ଦ ଦେବା ସହ ଆପଣାର କରି ନିଅନ୍ତି। ମନେ ପକାନ୍ତୁ କବି ଜବନ ଭକ୍ତ ସାଲବେଗଙ୍କ କଥା। ତାଙ୍କ କାତର ଭରା ପ୍ରାର୍ଥନାରେ ନନ୍ଦିଘୋଷ ବଡ଼ଦାଣ୍ଡରେ ଅଟକି ଯାଇଥିଲା। ମହାପ୍ରଭୁ ସାକାର, ସେ ପୁଣି ନିରାକାର।

ଜଗନ୍ନାଥଙ୍କ ଚେତନାକୁ ଆମେ ସବୁଠି ଅନୁଭବ କରିଥାଉ। ଗାଁର ଦୃଶ୍ୟ ଟିକେ ମନେପକାନ୍ତୁ। ଓଡ଼ିଶାର ଏମିତି କୌଣସି ଗ୍ରାମ ନଥିବ ଯେଉଁଠି ମହାପ୍ରଭୁଙ୍କ ଚେତନା ନ ରହିଥିବ। ଗ୍ରାମ ମୁଣ୍ଡର ଗ୍ରାମ ଦେବତୀ ହୁଅନ୍ତୁ ବା ଗାଁ ଭାଗବତ ଘରର ଗାଦି ଗୋସାଇଁ। ଜଗନ୍ନାଥ ମନ୍ଦିରର ଶ୍ରୀଜୀଉଙ୍କ ଠାରୁ ଗାଁ ଉପକଣ୍ଠର ଶୈବ ମନ୍ଦିର। ମଠ ମନ୍ଦିରର ରାଧାକୃଷ୍ଣ କେଉଁଠି ଶ୍ରୀଜଗନ୍ନାଥ ତ କେଉଁଠି ସେ ଶ୍ରୀକୃଷ୍ଣ। କଳିଯୁଗରେ ମହାପ୍ରଭୁଙ୍କୁ ଆମେ କିଏ କୃଷ୍ଣ ରୂପରେ କିଏ ରାମ ରୂପରେ, କିଏ ବୁଦ୍ଧ ରୂପରେ, କିଏ କଳ୍କୀ ରୂପରେ, କିଏ ନିଜ ଇଷ୍ଟ, ଗୁରୁଙ୍କ ରୂପରେ। ଭାବନ୍ତୁ ଟିକେ ଚେର ସହିତ ଯେପରି ଗଣ୍ଡି, ବୃକ୍ଷର ଗଣ୍ଡିର ସହିତ ଡାଳ, ଫୁଲ, ଫଳ, ତମାମ ଭଳି ଆମ ଓଡ଼ିଆ ଶ୍ୱାସପ୍ରଶ୍ୱାସରେ, କାର୍ଯ୍ୟ ଚିନ୍ତନରେ ସବୁଠି ଏହି ମହାନ ଶ୍ରୀଜଗନ୍ନାଥ ବିଭୂତି ଆମ୍ଭମାନଙ୍କୁ ଶକ୍ତି ଯୋଗାଏ, ପ୍ରେରଣା ଯୋଗାଏ, ଭଲ ରାସ୍ତାରେ ଚାଲିବା ପାଇଁ ଆଲୋକ ବର୍ତ୍ତିକା ସାଜିଥାଏ।

ଅସୀମ, ଅନନ୍ତ, ଅବ୍ୟକ୍ତ, ଈଶ୍ୱରସତ୍ତା ହେଉଛି ଶ୍ରୀଜଗନ୍ନାଥ ଚେତନା। ଯାହା ଦେଶ, କାଳ, ଜାତି, ବର୍ଣ୍ଣ, ଗୋତ୍ର ସବୁରି ଉପରେ। ଏହି ଜଗନ୍ନାଥ ଚେତନା ଆମ ସମସ୍ତଙ୍କ କ୍ଷୁଦ୍ରତାକୁ ଭୁଲାଇ ଦେଇ ବିଶ୍ୱ ମାନବୀୟ ମୂଲ୍ୟବୋଧର ଶିକ୍ଷା ଦେଉଛି। ଏହି ଜଗନ୍ନାଥ ଚେତନା ଲାଭ କରି ଜୀବନମୁକ୍ତ ହୋଇଯାଏ। ଅନେକ ଚିନ୍ତା, ଯାତନା, ଯନ୍ତ୍ରଣା, ବିକଳ ଆହ୍ୱାନ ଭିତରେ ସେ ହିଁ କୃପାର ଝଙ୍କାର ଶୁଣାଇ ଥାନ୍ତି ଏହା ହିଁ ଆମ ପୁଣ୍ୟତମ ପ୍ରାପ୍ତି। ଲୋକମୁଖର କାହାଣୀର ନାଁ, ନାୟକ, କିମ୍ବଦନ୍ତୀ ମହାପ୍ରଭୁ ଶ୍ରୀଜଗନ୍ନାଥ, ଯିଏ ଆମର, ଆମ ଘରର, ଆମ ମୁରବୀ, ଆମ ସୁଖଦୁଃଖର ସାଥୀ, ସାରଥୀ, ବାଟ ଦେଖାଉଥିବା ମାର୍ଗଦର୍ଶକ।

♥ ଚୁନଭାଟି ଗଳି, ଚୌଧୁରୀ ବଜାର
କଟକ
(ମୋ) : ୯୪୩୭୩୧୯୧୩୫

## ପଢ଼ିବା ପରେ...

# ନାରୀ ମନର ପ୍ରଶ୍ନରେ ଜଳୁଛି ଜୟଶ୍ରୀ ମହାରଣାଙ୍କ ପ୍ରଥମ କବିତା ସଂକଳନ 'ନାରୀତ୍ୱର ଗୀତିଗାଥା'






'ନାରୀତ୍ୱର ଗୀତିଗାଥା' କେବଳ କବିତାରେ ବନ୍ଧେଇ ହୋଇଥିବା କିଛି ପୃଷ୍ଠା ନୁହେଁ, ଏହା ଯୁଗ ଯୁଗରୁ ନିରବ ରହିଆସିଥିବା ନାରୀ ମନର ସ୍ୱର। ଏଥିରେ ସଂକଳିତ କିଛି କବିତା - 'ମୋ ପ୍ରତିଭା', 'ଚରିତ୍ର', 'ମୋ ପରିଚୟ', 'ଦେହ', 'ଅସ୍ତିତ୍ୱ' ଓ 'ପ୍ରଶ୍ନ' - ପଢିଲା ପରେ ଲାଗେ ଯେ ଏହା ଏକ ପୂର୍ଣ୍ଣ ଯାତ୍ରା। ଆରମ୍ଭ ହୁଏ ନିଜ ପ୍ରତିଭାର ଅବହେଳନା ଜନିତ ଯନ୍ତ୍ରଣାରୁ। 'ମୋ ପ୍ରତିଭା ସମାଜରେ ଦୂର' - ଏହି ଧାଡିରେ କବି ଲକ୍ଷ ଲକ୍ଷ ଝିଅଙ୍କ ଛାତିର କୋହକୁ ଧରିଛନ୍ତି। ତା'ପରେ 'ଚରିତ୍ର' କବିତାରେ ସେ ସମାଜର ସେହି ଦୃଷ୍ଟିକୁ ପ୍ରଶ୍ନ କରନ୍ତି ଯାହା ନାରୀକୁ କେବଳ 'ଆଶ୍ରିତା' ଓ 'ପରିତ୍ୟକ୍ତା' ରୂପେ ଦେଖେ। କିନ୍ତୁ କବି ସେଇଠି ଅଟକି ଯାଆନ୍ତି ନାହିଁ। 'ମୋ ପରିଚୟ'ରେ ସେ ନିଜକୁ ଘୋଷଣା କରନ୍ତି - 'ମୁଁ ନାରୀ, ମୁଁ ମାଆ, ମୁଁ ଝିଅ, ମୁଁ ଶକ୍ତି, ମୁଁ ସରସ୍ୱତୀ'। ଏହା ଆତ୍ମଜାଗରଣର ପ୍ରଥମ ପାହାଚ। ତା'ପରେ 'ଦେହ' କବିତାରେ ସେ ସମାଜର ସବୁଠୁ କଦର୍ଯ୍ୟ ସତ୍ୟକୁ ଧରିଛନ୍ତି - ନାରୀର ଦେହକୁ ବସ୍ତୁ ଭାବିବାର ପ୍ରବୃତ୍ତି। 'ଦେହ ପାଇଁ ଦୋଷୀ କିଏ?' - ଏହି ଗୋଟିଏ ପ୍ରଶ୍ନରେ ପୂରା ପିତୃତାନ୍ତ୍ରିକ ବ୍ୟବସ୍ଥା ଥରିଯାଏ। ଆଉ 'ଅସ୍ତିତ୍ୱ'ରେ ଆସି ସେ ଚରମ ଘୋଷଣା କରନ୍ତି - 'ମୁଁ କେବଳ ଶରୀର ନୁହେଁ, ମୋର ଅଛି ମନ, ଅଛି ପ୍ରାଣ, ମୁଁ ମଣିଷ'। ଶେଷରେ 'ପ୍ରଶ୍ନ' କବିତା ଆଉ ନିଜ ଦୁଃଖର ଗୀତ ନୁହେଁ, ସମାଜକୁ କାଠଗଡାରେ ଠିଆ କରିବାର ସାହସ। 'ପୁଅ ଜନ୍ମ ହେଲେ ଦୀପ ବଢେ, ଝିଅ ହେଲେ ମୁହଁ ଦେଖିଦିଅ' - ଏହି ଭେଦଭାବ ବିରୁଦ୍ଧରେ ସେ ଗର୍ଜନ କରନ୍ତି। ଏହି କବିତାଗୁଡିକ ମିଶି ନାରୀର ଯନ୍ତ୍ରଣାରୁ ଆରମ୍ଭ କରି ବିଦ୍ରୋହ ଓ ଶେଷରେ ଆତ୍ମପ୍ରତିଷ୍ଠା ଯାଏଁ ଏକ ସମ୍ପୂର୍ଣ୍ଣ ବୃତ୍ତ ସୃଷ୍ଟି କରିଛି।

କବି ଜୟଶ୍ରୀ ମହାରଣାଙ୍କ ଲେଖନ ଶୈଳୀର ସବୁଠୁ ବଡ ଶକ୍ତି ହେଉଛି ତାଙ୍କର ସରଳତା। ସେ କଠିନ ଶବ୍ଦର ଆବରଣ ତଳେ ଭାବକୁ ଲୁଚାନ୍ତି ନାହିଁ। 'ଛାତି ଚିରିଲେ ରକ୍ତ ବହିଯାଏ', 'କାଳକୁଆ ବଢି ହୁଅନ୍ତି ନାହିଁ' - ଏଭଳି ଧାଡି ସିଧା ହୃଦୟକୁ ଭେଦ କରେ। ତାଙ୍କ କବିତାରେ କାନ୍ଦ ନାହିଁ, ଅଭିଯୋଗ ଅଛି। ଅଭିଶାପ ନାହିଁ, ଅଧିକାରର ଦାବି ଅଛି। ସେ ପୁରୁଷକୁ ଶତ୍ରୁ ବୋଲି କହିନାହାନ୍ତି, ବରଂ ପୁରୁଷ ଓ ନାରୀ ଉଭୟଙ୍କ ମନରେ ବସା ବାନ୍ଧିଥିବା ସେହି ପୁରୁଣା ଚିନ୍ତାଧାରାକୁ ଆକ୍ରମଣ କରିଛନ୍ତି। ଏହି ଶୈଳୀ ସମାଜ ଉପରେ ଗଭୀର ପ୍ରଭାବ ପକାଇବ। କାରଣ ଏହା କାହାକୁ ଦୋଷ ନ ଦେଇ ସମସ୍ତଙ୍କୁ ଆତ୍ମସମୀକ୍ଷା କରିବାକୁ ବାଧ କରେ। ଯେଉଁ ଘରେ ଝିଅ ଜନ୍ମ ହେଲେ ମୁହଁ ଶୁଖିଯାଏ, ସେଠି ଏହି କବିତା ପ୍ରଶ୍ନ ହୋଇ ଠିଆହେବ। ଯେଉଁ ପାଠଶାଳାରେ ଝିଅକୁ 'ପରଘର' ବୋଲି ଶିଖାଯାଏ, ସେଠି 'ମୁଁ ମଣିଷ' ଧାଡି ବିପ୍ଳବ ଆଣିବ। ଏହା ଧୀରେ ଧୀରେ ସାମାଜିକ ଚେତନାକୁ ବଦଳାଇବ, କାରଣ ଏହା କହୁଛି ଯେ ନାରୀ ମୁକ୍ତି ମାନେ ପୁରୁଷର ପରାଜୟ ନୁହେଁ, ବରଂ ଏକ ସୁସ୍ଥ ସମାଜର ଜନ୍ମ।

କବି ଜୟଶ୍ରୀ ମହାରଣାଙ୍କ ପରିଚୟ ତାଙ୍କ 'ଅନ୍ତରେ' ଶୀର୍ଷକ ଆତ୍ମକଥନରେ ମିଳେ। ତାଙ୍କ ଲେଖାରେ ପାରିବାରିକ ସଂଘର୍ଷ ସହ ନାରୀ ଜୀବନର ପ୍ରତିଟି ମୁହୂର୍ତ୍ତର ଅନୁଭବ ସ୍ଥାନ ପାଇଛି। ଜଣେ ସମ୍ବେଦନଶୀଳ ମଣିଷ ହିସାବରେ ସେ ନାରୀର ସୁଖ-ଦୁଃଖକୁ କଲମରେ ଫୁଟେଇବାକୁ ନିଜର ଦାୟିତ୍ୱ ଭାବିଛନ୍ତି।

ଏହି ସଂକଳନ 'ନାରୀତ୍ୱର ଗୀତିଗାଥା' ବାଗ୍ମୀ ପବ୍ଲିକେଶନ, ଅନଭେସନ ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପ୍ରକାଶିତ। ଏହାର ମୂଲ୍ୟ ମାତ୍ର ଏକ ଶହ କୋଡିଏ ଟଙ୍କା। କିନ୍ତୁ ଏଥିରେ ଥିବା ଭାବର ମୂଲ୍ୟ ଅସୀମ। ପ୍ରକାଶକଙ୍କ ଭାଷାରେ, ଏହା ଓଡ଼ିଆ ସାହିତ୍ୟର ଭବିଷ୍ୟତ ପାଇଁ ଏକ ଭୂମିକାର କବିତା।

ଶେଷରେ କହିବି, 'ନାରୀତ୍ୱର ଗୀତିଗାଥା' ପଢିବା ପରେ ଗୋଟିଏ କଥା ସ୍ପଷ୍ଟ ହୋଇଯାଏ - ନାରୀ ଆଉ କାହାର ଦୟାର ପାତ୍ର ନୁହେଁ, ସେ ନିଜ ଅଧିକାରର ଦାବିଦାର। ଜୟଶ୍ରୀ ମହାରଣାଙ୍କ କଲମରୁ ଝରିଥିବା ଏହି ଶବ୍ଦଗୁଡିକ ଲୁହ ନୁହେଁ, ନିଆଁ। ଯେଉଁ ନିଆଁ ଅନ୍ଧାରକୁ ଜାଳି ନୂଆ ସକାଳ ଆଣିବ। ପ୍ରତି ଓଡ଼ିଆ ଘରେ, ପ୍ରତି ପାଠାଗାରରେ ଏହି ବହି ରହିବା ଉଚିତ୍, କାରଣ ଏହା ପଢିଲେ ଆମେ ନିଜ ମାଆ, ଭଉଣୀ, ଝିଅ, ସ୍ତ୍ରୀକୁ ନୂଆ ଦୃଷ୍ଟିରେ ଦେଖିବା ଶିଖିବା। ଏହା ହିଁ ଏହି ସଂକଳନର ସବୁଠୁ ବଡ ସାର୍ଥକତା।



ସମୀକ୍ଷା : ବିକାଶୀ ପ୍ରିୟଦର୍ଶିନୀ
ବଡ଼ପଲ୍ଲୀ, ରାଜନଗର, କେନ୍ଦ୍ରାପଡ଼ା

ଧ୍ୱନି ପ୍ରତିଧ୍ୱନି
ବାଲେଶ୍ୱର
ରବିବାର, ୦୭ ଜୁନ୍ ୨୦୨୬
ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ ସୁଚୟନ
ସୃଜନର ସୁରମ୍ୟ ସମ୍ଭାର
email : rabibarachayan2015@gmail.com

# ଚାକିରି - ଜୀବିକା କି ଜନସେବା !

## ବୈଷ୍ଣବ ମେହେର

ଦିନଥିଲା ମଣିଷ ବଂଚିବା ପାଇଁ ମୁଖ୍ୟତଃ ପେଟପୁରା ଖାଇବାକୁ ଖାଦ୍ୟ, ଶରୀର ପାଇଁ ଖଣ୍ଡିଏ ବସ୍ତ୍ର ଓ ମୁଣ୍ଡ ଗୁଞ୍ଜିବାକୁ ବାସଗୃହ ଭଳି ତିନୋଟି ମୌଳିକ ଆବଶ୍ୟକତା ଉପରେ ନିର୍ଭର କରୁଥିଲା । ଏଥି ନିମନ୍ତେ ସାମାନ୍ୟ ଉପାର୍ଜନ ହିଁ ତା ପାଇଁ ଯଥେଷ୍ଟ ଥିଲା। କିନ୍ତୁ ଧୀରେଧୀରେ ଯୁଗ ବଦଳିବା ସହ ବ୍ୟକ୍ତିର ଆବଶ୍ୟକତା ବଢି ଚାଲିଲା ଓ ସଂପ୍ରତି ତାହା ଆକାଶଛୁଆଁ ହେଲାଣି । ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା । ଅର୍ଥାତ ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା । ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇନଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ । ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେ୍ୱା ମାତ୍ରେ ବାପାମାଆ ତାର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି । ପିଲାଟି କେମିତି ଭଲ ପାଠ ପଢିବା । ତାର ପଢା ଖର୍ଚ୍ଚ କେମିତି ବହନ ହେବ ସେନେଇ ଉଦ୍ୟମ ଆରମ୍ଭ କରିଦିଅନ୍ତି । ସବୁରି ମୂଳରେ ଥାଏ ପିଲାକୁ ଏପରି ଏକ ଜୀବିକା ନିକଟରେ ପହଞ୍ଚାଇଦେବା ଯେଉଁଠୁ ସେ ନିଶ୍ଚିତ ଆବଶ୍ୟକ ଅର୍ଥ ଉପାର୍ଜନ କ୍ଷମ ହୋଇପାରିବ।

> ମୂଳତଃ ଉପାର୍ଜନର ମାଧ୍ୟମ ହେଉଛି ବ୍ୟକ୍ତିର ଜୀବିକା । ଅର୍ଥାତ ବୃତ୍ତି ବା ଜୀବିକା କହିଲେ ବ୍ୟକ୍ତିର ଜୀବନ ସଂସାର ଚଳାଇବାକୁ ଅର୍ଥ ରୋଜଗାର କରିବାର ପଦ୍ଧତି ବା ପେଶା । ଏହି ଜୀବିକା ବ୍ୟକ୍ତି ଜୀବନର ଏମିତି ଏକ ଆବଶ୍ୟକୀୟ ମାର୍ଗ ଯାହା କେବଳ ବଞ୍ଚିରହିବା ପାଇଁ ଅର୍ଥ ଯୋଗାଇନଥାଏ, ବରଂ ବ୍ୟକ୍ତିକୁ ସାମାଜିକ ପ୍ରତିଷ୍ଠା ଓ ଆତ୍ମସନ୍ତୋଷ ମଧ୍ୟ ଏଇଠୁ ମିଳେ । ସେଥିପାଇଁ ଘରେ ଛୁଆଟିଏ ଜନ୍ମ ହେ୍ୱା ମାତ୍ରେ ବାପାମାଆ ତାର ଭବିଷ୍ୟତର ଜୀବିକାକୁ ନେଇ ସ୍ୱପ୍ନ ଦେଖିବା ସହ ରୂପରେଖ ତିଆରି କରିବା ଆରମ୍ଭ କରିଦିଅନ୍ତି । ପିଲାଟି କେମିତି ଭଲ ପାଠ ପଢିବା । ତାର ପଢା ଖର୍ଚ୍ଚ କେମିତି ବହନ ହେବ ସେନେଇ ଉଦ୍ୟମ ଆରମ୍ଭ କରିଦିଅନ୍ତି । ସବୁରି ମୂଳରେ ଥାଏ ପିଲାକୁ ଏପରି ଏକ ଜୀବିକା ନିକଟରେ ପହଞ୍ଚାଇଦେବା ଯେଉଁଠୁ ସେ ନିଶ୍ଚିତ ଆବଶ୍ୟକ ଅର୍ଥ ଉପାର୍ଜନ କ୍ଷମ ହୋଇପାରିବ।

ହଁ ନିଶ୍ଚିତ ଉପାର୍ଜନରୁ ମନେ ପଡିଲା ଯେ, ସମସ୍ତଙ୍କ ଚିନ୍ତା ଥାଏ ତାଙ୍କ ଜୀବିକାରେ ଯେମିତି ନିଶ୍ଚିତତା ରୁହେ । ତେଣୁ ସମସ୍ତଙ୍କ ଆଶା କେମିତି ସରକାରୀ ଚାକିରିଟିଏ ପାଇବେ। କାରଣ ଚାଷ, ବ୍ୟବସାୟ ହେଉ କି ଅନ୍ୟ କୌଣସି ବୃତ୍ତି ଯେଉଁଠି ଅର୍ଥ ଉପାର୍ଜନର କୌଣସି ନିର୍ଦ୍ଧିଷ୍ଟତା ନଥାଏ । ଏମିତିକି ସେସବୁ ଜୀବିକା ଡୁବିଯିବାର ଆଶଙ୍କାକୁ ମଧ୍ୟ ଏଡାଇ ହୁଏ ନାହିଁ । ଅପରପକ୍ଷେ ସରକାରୀ ଚାକିରୀରେ ମାସ ପୂରୁଣୁ ଧାର୍ଯ୍ୟ ଅର୍ଥରାଶି ଦରମା ଆକାରରେ ପାଇବା ସୁନିଶ୍ଚିତ ଥାଏ । ତେଣୁ ସମସ୍ତ ଚାକିରିଆ ନିଜ ଜୀବନ ସଂସାର ସୁରୁଖୁରୁରେ ଚଳିବା ନେଇ ନିଶ୍ଚିତ ତାଙ୍କ ଦରମା ଉପରେ ନିର୍ଭରଶୀଳ ରହନ୍ତି । ଅତଏବ ଚାକିରିଆଙ୍କ ପଦବୀ ହେଉଛି ସେମାନଙ୍କ ବୃତ୍ତି ବା ଜୀବିକା।

ଏବେ ମୁଁ ମୋର ମୁଖ୍ୟ ଉଦ୍ଦେଶ୍ୟ ନିକଟକୁ ଆସିବି, ଗତ ମାସରେ ଆମ ରାଜ୍ୟ ସରକାରଙ୍କ ତରଫରୁ ସାତଟି ବିଭାଗରେ ୪୬୨୩ ଜଣଙ୍କୁ ବିଭିନ୍ନ ପଦବୀରେ ନିଯୁକ୍ତି ଦିଆଯାଇଛି । ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ନିଯୁକ୍ତି ମେଳା ମାଧ୍ୟମରେ ନବନିଯୁକ୍ତଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସମୟରେ ଆମ ମୁଖ୍ୟମନ୍ତ୍ରୀ ସରକାରୀ ଚାକିରି କେବଳ ଏକ ଜୀବିକା ନୁହେଁ, ଏହା ଜନସାଧାରଣଙ୍କ ସେବା କରିବାର ଏକ ଅନନ୍ୟ ସୁଯୋଗ ବୋଲି କହି ନବନିଯୁକ୍ତଙ୍କୁ ସାଧାରଣ ଲୋକାଭିମୁଖୀ କରିବାର ପ୍ରୟାସ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ଏଭଳି ଆଶାଭରା ଉତ୍ତମ ପରାମର୍ଶ ନିଶ୍ଚିତ ଭାବରେ ସ୍ୱାଗତଯୋଗ୍ୟ । କଥା ହେଉଛି ଆମ ରାଜ୍ୟରେ ଜଣେ ସରକାରୀ ଚାକିରିଆ କେତେ ଦୂର ଆର୍ଥିକ ଦୃଷ୍ଟିରୁ ସୁରକ୍ଷିତ ବୋଲି ଆଶା କରାଯାଇପାରିବ । ତାକୁ ମିଳୁଥିବା ଦରମା ତାର ପରିବାର ପ୍ରତିପୋଷଣ ପାଇଁ ଯଥେଷ୍ଟ ହୁଏ କି ! ଯଦି ସାମ୍ପ୍ରତିକ ସମୟ ସହ ଖପାଖୁଆଇ ଚଳିବା ଭଳି ଦରମା ଜଣେ ପାଉନାହିଁ ତେବେ ତାକୁ ଦିଆଯାଇଥିବା ଦାୟିତ୍ୱକୁ ସେ ଜନସେବାରେ ଲଗାଇବ ବୋଲି ଆଶା କରିବା କେତେ ଦୂର ଯଥାର୍ଥ ହେବ ! ଗତ କିଛିବର୍ଷ ହେଲା ପ୍ରାୟ ନିଯୁକ୍ତି ଠିକାରେ ଚାଲିଛି, ଠିକ ସମୟରେ ପଦୋନ୍ନତି ହେଉନାହିଁ, ପେନସନ ନାହିଁ କି ଅନ୍ୟ କୌଣସି ନିର୍ଭରଯୋଗ୍ୟ ଭବିଷ୍ୟନିଧି ବା ସୁବିଧା ସୁଯୋଗର ବ୍ୟବସ୍ଥା ମଧ୍ୟ ନାହିଁ । ଏପରି ସ୍ଥଳେ ସରକାରୀ ଚାକିରିଆ ମାନେ ନିଜ ଦାୟିତ୍ୱକୁ ସମାଜ ସେବା ଭାବୁଥିବେ କାହିଁକି ବିଶ୍ୱାସ ହେଉନାହିଁ । ଅନେକ ପରିବାର ଅଛନ୍ତି ଯେଉଁଠି ପିତାମାତା ମାନେ ନିଜ ଜୀବନର କଷ୍ଟଉପାର୍ଜିତ ଲକ୍ଷାଧିକ ଅର୍ଥକୁ ନିଜ ପୁଅଝିଅଙ୍କ କ୍ୟାରିଅର ତିଆରିରେ ଖର୍ଚ୍ଚ କରିଦିଅନ୍ତି । ସେମାନଙ୍କ ଆଶା ସେମାନଙ୍କ ପୁଅଝିଅ ସରକାରୀ ଚାକିରି କଲା ପରେ ସେମାନଙ୍କ ସ୍ଥିତି ସୁଧୁରିଯିବ । ଏହି ଆଶାରେ ଅନେକ ପିତାମାତା ଧାରକରଜରେ ମଧ୍ୟ ବୁଡିଯାନ୍ତି । ଆଶା ଅନୁରୂପ ଦରମା ଯଦି ନମିଳେ କିମ୍ବା ଚାକିରି ପରେ ଭବିଷ୍ୟତର ଆର୍ଥିକ ସୁରକ୍ଷା କିଛି ନରହେ, ତେବେ ସେମାନେ ନିରାଶ ହେବା ସ୍ୱାଭାବିକ । ଦ୍ୱିତୀୟତଃ ଦୁର୍ଭାଗ୍ୟବଶତଃ ପରିବାରର କେହି ଯଦି କୌଣସି ଦୁରାରୋଗ୍ୟରେ ପିଡିତ ହୁଅନ୍ତି ତେବେ ତା କଥା ସରିଲା । ସବୁତକ ଦରମା ସେଠି ଶେଷ ହେବାସହ ଧାରକରଜ ହେବା ଥୟ । ଏତଦବ୍ୟତୀତ ପରିବାରରେ ଭାଇଭଉଣୀ ପୁଅଝିଅ ଆଦିଙ୍କ ବିବାହ ବ୍ରତ ଆଦି ଖର୍ଚ୍ଚ ଚାକିରି ଉପରେ ହିଁ ପ୍ରାୟ ନିର୍ଭର କରେ । ବର୍ତମାନର ସାମାଜିକ ରୀତିନୀତି ଅନୁଯାୟୀ ଏସବୁ ତୁଲାଇବା ବେଳକୁ ବର୍ତମାନର ଦରମା ପଇସା ଯେ ସମୁଦ୍ରକୁ ଶଙ୍ଖେ ଏକଥା ଅନୁଭବୀ ହିଁ ଜାଣିପାରେ । ଏପରିସ୍ଥଳେ ଜଣେ ଚାକିରିଜୀବୀ ନିଜ ପଦବୀକୁ ଜନସେବା ଭାବେ ଗ୍ରହଣ କରନ୍ତୁ କହିବା କେବଳ ସଭାମଞ୍ଚର ଶୋଭା ପାଇଁ ଉଦ୍ଧିଷ୍ଟ ଶବ୍ଦ ବୋଲି ବୁଝିବାକୁ ହେବ ।ବାସ୍ତବରେ ଯଦି ଆମେ ସେୟା ଚାହୁଁ ତେବେ ପ୍ରତି ଚାକିରିଆଙ୍କୁ ଉଚିତ ସମ୍ମାନର ସହ ବଂଚିବାର ଅଧିକାର ଦେବାକୁ ପ୍ରାଥମିକତା ଦେବା ଜରୁରୀ । ନହେଲେ ପୁରୁଣାଧାରାକୁ ଅନୁସରଣ କରି ଆଉ କିଛି ମାସ ପରେ ଏହି ନବନିଯୁକ୍ତ ଚାକିରିଆ ମାନେ ମଧ୍ୟ ରାଜଧାନୀ ରାଜରାସ୍ତାରେ ଦରମାବୃଦ୍ଧି, ପେନସନ, ସ୍ୱାସ୍ଥ୍ୟବୀମା ଆଦି ଦାବି ନେଇ ଆନ୍ଦୋଳନ କରୁଥିବା ଦେଖିବାକୁ ମିଳିବା ବଡ଼ କଥା ନୁହଁ ।

ଅପରପକ୍ଷେ କହିବା ବାହୁଲ୍ୟ ଯେ ଯେଉଁମାନେ ସମାଜସେବାକୁ ମାଧ୍ୟମ କରି ଜନପ୍ରତିନିଧି ସାଜିଛନ୍ତି, ସେମାନେ ମୋଟାଅଙ୍କର ଦରମା ଦାବି କରୁଥିବା ସମସ୍ତେ ଜାଣନ୍ତି। ନିକଟ ଅତୀତରେ ଆମ ବିଧାନସଭାର ବିଧାୟକ ମନ୍ତ୍ରୀଙ୍କ ଯଥେଷ୍ଟ ଦରମା ସହ ପ୍ରଯ୍ୟାପ୍ତ ଆନୁସଙ୍ଗିକ ସରକାରୀ ସୁବିଧା ସୁଯୋଗ ପ୍ରଦାନକୁ ନେଇ ସାରା ରାଜ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଥିଲା । ଆମ କହିବାର କଥା ଯେ ଜନପ୍ରତିନିଧି ହୁଅନ୍ତୁ କିମ୍ବା ସରକାରୀ ଚାକିରିଆ ଅତି କମରେ ସମସ୍ତଙ୍କ ସମ୍ମାନଜନକ ଚଳଣି ପାଇଁ ଆବଶ୍ୟକ ମାସିକ ପାଉଣା ବ୍ୟବସ୍ଥା ହେବା କଥା । ଯେଉଁଠି ତାଙ୍କର ବର୍ତ୍ତମାନ ଓ ଭବିଷ୍ୟତ ସୁରକ୍ଷିତ ବୋଲି ନିଶ୍ଚିତତା ରହିଲେ ପ୍ରତିଟି ଜୀବିକା ସ୍ୱତଃପ୍ରବୃତ ଭାବରେ ଜନସେବାରେ ପରିଣତ ହୋଇଯିବ । ନଚେତ ଜନସେବା ବି ଚାକିରିରେ ପରିଣତ ହୋଇଯିବାର ସମ୍ଭାବନା ଆସିଯିବ ।

♥ ସିନାପାଲି, ନୂଆପଡା
ମୋ: ୯୭୭୭୭୫୩୯୩୫

# ଆଜିର ମନୋରଞ୍ଜନ ବ୍ୟବସ୍ଥା କେତେ ହିତକାରୀ-୨

୬ ରବିବାର ଚୟନ ସାପ୍ତାହିକ କ୍ରୋଡ଼ପତ୍ର

## ଡ. ପ୍ରଫୁଲ୍ଲ ଚନ୍ଦ୍ର ମହାନ୍ତି (ହାରିତସ୍)





ଆଦର୍ଶ ଚରିତ୍ରାଦର୍ଶର ରାମାୟଣ, ମହାଭାରତ ଭଳି କି ପୌରାଣିକ, ବୈଦିକ କି ସାମାଜିକ ସମସ୍ତ କାହାଣୀକୁ ଅଭିନୟ କଳାର ଦ୍ୱାହି ଦେଇ ଆଜିକାଲି ଅଶ୍ଳୀଳତାରେ ଭରି ଦିଆଯାଉଛି । ପାରମ୍ପରିକ ଶାସ୍ତ୍ରୀୟ କଳାକାରମାନଙ୍କ କଳା ପ୍ରଦର୍ଶନ ପାଇଁ ସୁଯୋଗ ହିଁ ଦିଆଯାଉନି । ବରଂ ଯିଏ ଯେତେ ଯୌବନମତ୍ତ ଅଶ୍ଳୀଳତାର ଢଙ୍ଗରେ ଅଙ୍ଗ ପ୍ରଦର୍ଶନ କରି ବିଧି ନିଷିଧ ନୃତ୍ୟାଲିଙ୍ଗନ କରି ଚାଲିଲା ସେ ହିଁ ହେଲା ଶ୍ରେଷ୍ଠ କଳାକାର। ଏଥିରେ ଆମ ଉତ୍ତରପିଢ଼ିଙ୍କ ଅବସ୍ଥା କ'ଣ ହେବ, କୋମଳମତି ଶିଶୁ, କିଶୋର ଓ ଯୁବକମାନେ ପଥଭ୍ରଷ୍ଟ ତ ହେବେ ନିଶ୍ଚୟ । କିଛି ବର୍ଷ ପୂର୍ବେ ସିନେମା ଓ ନାଟକମାନଙ୍କରେ ନାରୀ ଭୂମିକାରେ ଭାଗ ନେବା ପାଇଁ ନାରୀ ଜାତି ଆଗକୁ ଆସୁନଥିଲେ । ସେଇଥି ପାଇଁ ପୁରୁଷମାନଙ୍କୁ ସ୍ତ୍ରୀ ବେଶରେ ସଜ୍ଜିତ କରାଇ ନାଟକ ଅଭିନୟ କରାଯାଉଥିଲା । ଏବେ ଅବଶ୍ୟ ଆମ ସମାଜ ବେଶ୍ ଶିକ୍ଷା ଦୀକ୍ଷାରେ ଆଗକୁ ବଢ଼ିଛି । ନାରୀମାନେ ବହୁ ସଂଖ୍ୟାରେ କଳା ଅଭିନୟରେ ଭାଗ ନେଉଛନ୍ତି । ତା' ବୋଲି ହଜାର ହଜାର ଦର୍ଶକଙ୍କ ସାମ୍ନାରେ କେତୋଟି ଅର୍ଥ ଉପାର୍ଜନର ଆଶାରେ ନିଜକୁ କୁଣ୍ଠିତ ବେଶ ପୋଷାକରେ ସଜାଇ ସମସ୍ତ ସାମାଜିକ ନିଷିଧତାକୁ ଆଡ଼େଇ ଅକୁଣ୍ଠ କାମପ୍ରଲବ୍ଧ ଅଙ୍ଗ ପ୍ରଦର୍ଶନ କରିବ ? ଏଥିରେ ଦର୍ଶକଙ୍କ ମନୋରଞ୍ଜନ ତ ହେବ ନାହିଁ ପ୍ରକାରାନ୍ତେ ଯୌବନ ଜୁଆରରେ ପଥହୁଡ଼ି ନିଶାସକ୍ତ ହୋଇପଡ଼ି ନିଜ ସମାଜର ସଂସ୍କୃତିର ଘୋର କ୍ଷତି ଘଟାଇ ଚାଲିବେ । ଧର୍ଷଣ, ହିଂସା, ଭ୍ରଷ୍ଟାଚାର ରୂପୀ ସମସ୍ତ ଦୁର୍ନୀତିକୁ ଆମନ୍ତ୍ରିବା ହିଁ ସାର ହେବ । ଆଗକାଳରେ ମନୋରଞ୍ଜନ କାର୍ଯ୍ୟକ୍ରମଗୁଡ଼ିକରେ ନାୟକ ନାୟିକାମାନେ ପରସ୍ପରକୁ ଆଲିଙ୍ଗନ କରିବା ବା ଦୃଶ୍ୟ ମଧ୍ୟ ପ୍ରଦର୍ଶିତ ହେଉନଥିଲା। ହିଂସାକାଣ୍ଡର ବିଭତ୍ସ ଦୃଶ୍ୟକୁ ଉହ୍ୟ ରଖାଯାଉଥିଲା ଏବଂ ଏଭଳି ଭାବରେ କଳା ପ୍ରଦର୍ଶନ କରାଯାଉଥିଲା ଯେ, ଦର୍ଶକମାନେ ଭାବ ବିମୋହିତ ହୋଇ ଅଭିନୀତ କାର୍ଯ୍ୟକ୍ରମରେ ତାଳ ଦେଇ ହସକାନ୍ଦରେ ମଜ୍ଜି ଯାଉଥିଲେ ଆଉ ଅଭିନୀତ ଦୃଶ୍ୟାବଳୀର ସାରାଂଶ ନେଇ ନିଜ ଜୀବନକୁ ଆଦର୍ଶରେ ଅନୁପ୍ରାଣୀତ କରିପାରୁଥିଲେ। ଏହା ଥିଲା ପ୍ରକୃତପକ୍ଷେ ମନୋରଞ୍ଜନ କାହିଁକି ଜୀବନରଞ୍ଜନ । ଏବେ କି ଅପସଂସ୍କୃତିର ଅଭିନୟ ଚାଲିଛି କେଜାଣି ଜୀବନର ଧାରା ଅପସଂସ୍କୃତିର ଧାରାରେ ଭାଙ୍ଗି ପଡୁଛି। ହତ୍ୟା, ହିଂସା, ଦ୍ୱେଷ, ପରଶ୍ରୀକାତରତା, ଧର୍ଷଣ, ପରଧନ, ପରସ୍ତ୍ରୀ ହରଣ ଆଦି ଦୁର୍ଭାବନାରେ ମଣିଷର ମନ ରଞ୍ଜିତ ହେବ କ'ଣ ନିଜ ଜୀବନ ଓ ନିଜ ପରିବାର, ପିଲା ଛୁଆଙ୍କ ଜୀବନକୁ ଭାଙ୍ଗି ଦେଉଛି ।

ଏ ସବୁ ପାଇଁ ଦାୟୀ ହେଉଛି ଆଜିକାଲିର ମନୋରଞ୍ଜନଧର୍ମୀ ଶସ୍ତା ଅଭିନୟ ଓ ପାଶ୍ଚାତ୍ୟ ଢ଼ାଞ୍ଚାରେ ପ୍ରସାରିତ ଟେଲିଭିଜନ୍ କାର୍ଯ୍ୟକ୍ରମ ।

ଆମେରିକାର ଜଣେ ସାମାଜିକ ମନସ୍ତତ୍ତ୍ୱବିତ ଜର୍ଜ ଗର୍ବେନରଙ୍କ ଦ୍ୱାରା ଏକ ସର୍ବେକ୍ଷଣରୁ ଜଣାଯାଇଛି ଯେ, ଜଣେ ଆମେରିକୀୟ ଶିଶୁ ବିଦ୍ୟାଳୟକୁ ଯିବା ପୂର୍ବରୁ ପ୍ରାୟ ୬୫୦୦ ଘଣ୍ଟାର ଟେଲିଭିଜନ କାର୍ଯ୍ୟକ୍ରମ ଦେଖି ସାରିଥାଏ। ଏହି କାର୍ଯ୍ୟକ୍ରମରୁ ଅଧିକାଂଶ ଭାଗ ହିଂସ୍ର ଓ ଯୌନ ପ୍ରବଣତାର ଦୃଶ୍ୟ ତା ଶିଶୁମନକୁ ଆଚ୍ଛାଦିତ କରିଥାଏ । ଯାହା ଭବିଷ୍ୟତରେ ଏକ ନକାରାତ୍ମକ ବ୍ୟକ୍ତିତ୍ୱ ସୃଷ୍ଟି କରି ପରସ୍ପର ପ୍ରତି ବିଶ୍ୱାସ ଶୂନ୍ୟ ସ୍ୱଭାବରେ ହିଂସ୍ର, ଉଗ୍ର ଓ ଯୌନ ଭାବାପନ୍ନ ହେବା ସହ ଏକ ଶୃଙ୍ଖଳିତ ସମାଜ ବ୍ୟବସ୍ଥାରୁ ବାହାରକୁ ଚାଲିଯାଏ । ଅନ୍ୟ ଏକ ସର୍ବେକ୍ଷଣ କରାଯାଇଥିଲା ଇଂଲଣ୍ଡର ରୟାଲ ସ୍କୁଲ ଅଫ୍ ସାଇକିଆ ଟ୍ରିଷ୍ଟର ପୂର୍ବତନ ଅଧ୍ୟକ୍ଷ ପ୍ରଫେସର ଆଣ୍ଡ୍ରିଉ –ସିମ୍ସଙ୍କ ଦ୍ୱାରା । ଏକ ନିର୍ଦ୍ଦିଷ୍ଟ ସମୟ କାଳ ମଧ୍ୟରେ ବ୍ରିଟେନ୍‌ରେ ଘଟିଥିବା ୪୦୦ଟି ହତ୍ୟା, ୬୧୯ଟି ଆକ୍ରମଣ ଏବଂ ୩୦୦ଟି ଧର୍ଷଣ ଘଟଣା ଟେଲିଭିଜନରେ ପ୍ରଦର୍ଶିତ କାର୍ଯ୍ୟକ୍ରମ ଦ୍ୱାରା ପ୍ରଭାବିତ । ସେଭଳି ଆମ ଭାରତରେ ଅନେକ ଶିଶୁ, ପ୍ରାଜ୍ଞମାନଙ୍କ ଅପରାଧବୋଧର ଅନୁଶୀଳନ କହେ ସେହି ଅପରାଧୀମାନେ ସିନେମା, ମୋବାଇଲ୍ ଓ ଟେଲିଭିଜନର ପ୍ରଦର୍ଶିତ ବ୍ୟଭିଚାର କୌଶଳରୁ ପ୍ରଭାବିତ ହୋଇ ଅପରାଧ କରିଛନ୍ତି । ଅପସଂସ୍କୃତି ମୂଳକ ନାଟ୍ୟାଭିନୟ, ସିନେମା ଓ ଦୂରଦର୍ଶନ କାର୍ଯ୍ୟକ୍ରମ ପ୍ରଦର୍ଶନକୁ ବିରୋଧ କରି ୨୫ଟି ଦେଶ ମିଳିତ ଭାବେ ଆନ୍ତର୍ଜାତିକ ସଂଗଠନ ପ୍ରସ୍ତୁତ କରି ଏହି ମନୋରଞ୍ଜନ ପ୍ରଣାଳୀର ନିରାକରଣ ପାଇଁ ଚେଷ୍ଟା କରୁଛନ୍ତି । ଏମାନଙ୍କ ଦ୍ୱାରା ସଂଘଟିତ ୭୦୦ଟି ଅପରାଧର ସର୍ବେକ୍ଷଣ କହେ ଯେ, ୧୮ ବର୍ଷ ବୟସ୍କ ହେବାବେଳକୁ ଟେଲିଭିଜନ ପରଦାରେ ଶିଶୁଟି ଦୁଇ ଲକ୍ଷ ପର୍ଯ୍ୟନ୍ତ ହିଂସାକାଣ୍ଡ ଦେଖି ସାରିଥାଏ। ଯାହାକି ତା' ଭବିଷ୍ୟତ ଜୀବନକୁ ହିଂସ୍ର, କାମୁକତା ଓ ନିଷ୍ଠୁରତାରେ ଭରି ଦେଇଥାଏ ।

ନଟିଂହୋମର ମନସ୍ତତ୍ତ୍ୱବିତ୍‌ମାନଙ୍କର ଦୂରଦର୍ଶନର ପ୍ରଭାବ ବି ଶିଶୁ କି ବୟସ୍କମାନଙ୍କ ଉପରେ ପ୍ରତ୍ୟକ୍ଷ ଭାବରେ ପଡ଼ିଥାଏ ବୋଲି ସର୍ବେକ୍ଷଣରୁ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି। ସିନେମା, ଟେଲିଭିଜନରେ ଅଶ୍ଳୀଳ ଓ ହିଂସ୍ର ପ୍ରଦର୍ଶନର କୁପ୍ରଭାବ ବିଶେଷ କରି ବିକଶିତ ଦେଶ ତଥା ଆମେରିକା, ଇଂଲଣ୍ଡ, ଜର୍ମାନୀ ଭଳି ଦେଶମାନଙ୍କରେ ଅଧିକା ପ୍ରଭାବ ପଡୁଥିଲାବେଳେ ବିକାଶଶୀଳ ଦେଶଗୁଡ଼ିକ କମ୍ ପ୍ରଭାବିତ। କିନ୍ତୁ ଜଗତିକରଣ ପ୍ରକ୍ରିୟାରେ ବିକାଶ ଦେଶମାନଙ୍କର ବଜାର ସାମଗ୍ରୀ ତଥା ସମସ୍ତ ପଣ୍ୟଦ୍ରବ୍ୟ ଅନ୍ୟ ଦେଶରେ ଚାରଣ ଭୂଇଁ ସାଜିଥିବା ବେଳେ ଦୂରଦର୍ଶନ ଅପସଂସ୍କୃତିର ପ୍ରଭାବରୁ ଦୂରେଇ ରହିବା ସମ୍ଭବ ଲାଗୁନି । ପାଶ୍ଚାତ୍ୟ ସମୃଦ୍ଧ ରାଷ୍ଟ୍ରମାନେ ମଧ୍ୟ ଏହି ମନୋରଞ୍ଜନଧର୍ମୀ ସିନେମା ଦୂରଦର୍ଶନର କୁପ୍ରଭାବ ସମ୍ପର୍କରେ ଜାଣି ନାହାନ୍ତି ତା' ନୁହେଁ ଆମେରିକା ଭଳି ଧନଶାଳୀ ରାଷ୍ଟ୍ରର ନାଗରିକମାନେ ମଧ୍ୟ ସଂଘବଦ୍ଧ ଭାବରେ ଆମେରିକାନ୍ ସାଇକୋଲୋଜି ଆସୋସିଏସନ୍' ଜରିଆରେ ମାର୍ଜିତ ହିଂସା କାର୍ଯ୍ୟକ୍ରମ ପ୍ରସାରଣ କରିବା ପାଇଁ ସରକାରଙ୍କୁ ସ୍ମାରକପତ୍ର ଦେଇଛନ୍ତି। ଏଥିରେ ମୁଖ୍ୟତଃ କୁହାଯାଇଛି ଯେ, ଦର୍ଶନରେ ହିଂସା, ଯୌନ ଉଦ୍ଦୀପକ କାର୍ଯ୍ୟକ୍ରମ ଶିଶୁ ଓ ବୟସ୍କଙ୍କୁ ଅପରାଧ ଆଡ଼କୁ ଆକର୍ଷିତ କରିଥାଏ ।

ଦୂରଦର୍ଶନର କାର୍ଯ୍ୟକ୍ରମ ପ୍ରଦର୍ଶନ ଦର୍ଶକମାନଙ୍କୁ ସେମାନଙ୍କ ଆଦର୍ଶ ଜୀବନପଥରୁ ତ ମାନସିକସ୍ତରରେ ବିଚ୍ୟୁତ କରିଥାଏ । ଏହାବ୍ୟତୀତ ଦର୍ଶକମାନଙ୍କର ସମୟ ସବୁକୁ ଶୋଷି ଦେଇଥାଏ, ତା'ରି ଫଳରେ ସେମାନଙ୍କ ସାମାଜିକ ଜୀବନ ଚଳଣି ପ୍ରଭାବିତ ହୋଇଥାଏ। ସମାଜ ସହ ସମ୍ପର୍କ କ୍ଷୁର୍ଣ୍ଣ, ବନ୍ଧୁ ମଧ୍ୟରେ ଥିବା ବନ୍ଧୁତା ଓ ସୌହାର୍ଦ୍ଦ୍ୟକୁ ନଷ୍ଟ କରି ମହିଳାମାନେ ପରିବାରର ସୁଖଦୁଃଖରେ ଅଧିକା ଭାଗୀ ନ ହୋଇ ଦୂରଦର୍ଶନରେ ପ୍ରସାରିତ ସିରିଏଲ୍, ସିନେମା ଦେଖିବାକୁ ଅଗ୍ରାଧୀକାର ଦିଅନ୍ତି । ଏହା ଫଳରେ ଗୃହିଣୀ ଭାବରେ ପିଲା ଛୁଆ ପରିବାରର ସଦସ୍ୟମାନଙ୍କ ଭଲମନ୍ଦରେ ଭାଗୀ ନହୋଇ ସେମାନଙ୍କର ସ୍ୱଚ୍ଛ ଭାବନାର ଅମୂଲ୍ୟ ସିଦ୍ଧାନ୍ତ ସମସ୍ୟା ସମାଧାନ ପାଇଁ ଉପଯୁକ୍ତ ମତପୋଷଣ କରିବାର ସମୟ ଓ ଭାବନା ଶକ୍ତି ହରାଇ ଥାଆନ୍ତି । ମୋବାଇଲ୍ ଓ ଦୂରଦର୍ଶନରେ ପ୍ରସାରିତ ମନୋରଞ୍ଜକଧର୍ମୀ ଚରିତ୍ର ମାନଙ୍କର ବେଶ, ପୋଷାକ, ଗୃହୋପକରଣ, ବସ୍ତ୍ର, ଅଳଙ୍କାର, କୋଠାବାଡ଼ି ସବୁଥିରେ ଆକର୍ଷିତ ହୋଇ ସେଭଳିଆ ବାସ୍ତବ ଜୀବନ ନିର୍ବାହ ପାଇଁ ଚେଷ୍ଟା କରନ୍ତି । ଯାହା ସେମାନଙ୍କୁ ବିଷମୟ ପରିଣତି ଆଣିଦିଏ । ସ୍ୱାମୀ, ସ୍ତ୍ରୀ, ପିଲା ଛୁଆ ବାପାମାଆ, ଶାଶୁ ଶ୍ୱଶୁରଙ୍କ ମଧରେ ମତଭେଦ ସୃଷ୍ଟି କରି ହିଂସା, ଛାଡ଼ପତ୍ର, ଆତ୍ମହତ୍ୟା, ଏକା ଚଳିବା ଭଳି ମାନସିକ ଦ୍ୱେଷ ଆଣି ଦିଏ ଓ ପରିବାର କର୍ତ୍ତା ଓ ଅନ୍ୟାନ୍ୟକୁ ଅଶାନ୍ତ, ଦୁର୍ନୀତିରେ ଭରିଦିଏ । ସୁଖ ସ୍ୱପ୍ନ ଦେଖିବାକୁ ସମସ୍ତଙ୍କୁ ଭଲ ଲାଗେ, ସ୍ୱପ୍ନ କଳ୍ପନା ଅନ୍ୟର ଜୀବନର ଚଳଣୀକୁ ଦୂରଦର୍ଶନ ବା ସିନେମା କାହାଣୀରେ ଦେଖି ବାସ୍ତବରେ ସେ ସବୁକୁ ଉପଭୋଗ କରିବାକୁ ଚାହିଁଲେ, ଦୁଃଖତ ନିଶ୍ଚୟ ଆସିବ, ଆଉ ମନୋରଞ୍ଜନ ହେବ କୁଆଡୁ ? (ସମାପ୍ତ)

♥ ସଂସ୍କୃତି ସଦନ, ବୟାଳୀ, ମନ୍ତିଢ଼ି
ମୋ:୯୩୩୭୯୬୦୬୮୮

## ଛୋଟ ଗଳ୍ପ

# ଗୁପ୍ତ ରାଜିନାମା



## ଜୟଶ୍ରୀ ପଟ୍ଟନାୟକ



କାମବାଲି କାଲିଠାରୁ ଆଉ କାମକୁ ଆସିବନି ଶୁଣି ଆଶ୍ଚର୍ଯ୍ୟ ହୋଇଗଲା ପୁରବୀ। କାହିଁକି ? କ'ଣ ପାଇଁ ? କିଛି ତ' ତାକୁ କହିନି ପୁରବୀ କି ତା କାମରେ ଅନୁପସ୍ଥିତ ରହିଲେ କେବେ ଦରମା ବି କାଟିନି କି ଅସନ୍ତୁଷ୍ଟ ବି ହୋଇନି, ତେବେ କ'ଣ ପାଇଁ ସେ ଅକସ୍ମାତ୍ ଏପରି ନିଷ୍ପତ୍ତି ନେଲା ?

ବେଡ୍‌ରୁମ୍‌କୁ ଯାଇ ପଚାରିଲା ଅନିଶ୍ ତୁମେ କିଛି କହିଲ କି ରାଧା ମାନେ କାମବାଲିକୁ ? ହଠାତ୍ କାହିଁକି ସିଏ କାଲିଠାରୁ କାମକୁ ଆସିବନି କହିଲା ? ଶୁଣି ନ ଶୁଣିଲା ପରି ଅନିଶ୍ ଚୁପ୍ ରହିବାର ଅଭିନୟ କଲେ । ପାଖକୁ ଯାଇ ଦେହକୁ ଟିକେ ହଲାଇ ପୁଣି ପଚାରିଲା ପୁରବୀ.. ଅନିଶ୍ ମୁଁ ତୁମକୁ ପଚାରୁଛି ମୋ ଅନୁପସ୍ଥିତିରେ ତୁମେ ରାଧାକୁ କିଛି କହିଛ କି ? ଟିକେ ହସିଦେଇ କଡ଼ ଲେଉଟାଇ ପେପର୍ ପଢିବାରେ ଲାଗିଗଲେ ଅନିଶ୍ । ପୁରବୀର ମନ ଭାରି ଗୋଳେଇ ଘାଣ୍ଟି ହେଲା, କାଲିଠାରୁ ରାଧା କାମକୁ ଆସିବନି ସେଥିପାଇଁ ନୁହେଁ, କିନ୍ତୁ ସେ କାମ ଛାଡ଼ିଦେବ ବୋଲି ଅଚାନକ କହିବାର କାରଣ କଣ ଅନ୍ଧକାରରେ ରହିଯିବ ? ଏଇ ସୂର୍ଯ୍ୟ ପଶ୍ଚିମ ଆକାଶରେ ଦିଶୁଥିଲେ ବୁଡିଗଲେ, ଆଉ ତା ପରେ ଅନ୍ଧକାର ଭିତରେ କଥାଟି ରହସ୍ୟ ହୋଇ କଣ ରହି ଯିବ ? ଏହି ଭାବନାରେ ବିଚଳିତ ହୋଇ ଯାଉଥିଲା ପୁରବୀ । ସୋଫା ଉପରେ ଚାହା କପେ ସ୍ୱାମୀ ହାତକୁ ବଢ଼େଇ ଦେଇ ନିଜେ ବି ଚାହା ପିଇବାକୁ ଲାଗିଲେ । ଏଇ କିଛିଦିନ ରୋଗରେ ପଡ଼ି ଟିକେ ଅସୁସ୍ଥ ହୋଇ ପଡ଼ିଥିଲେ, ଔଷଧ ଖାଇବା ପରେ ଟିକେ ସୁସ୍ଥ ଅନୁଭବ କରୁଥିଲା ପୁରବୀ । ମନରେ ଅନେକ ଦୁଃଖ ଥିଲା କାରଣ ଦଶ ବର୍ଷ ହେଲା ବିବାହ ହେଲେ କୋଳରେ ନଥିଲା ଛୁଆଟିଏ । ମରିଚି କୁଣ୍ଡ ପାଣି, ଅତ୍ରି ଉଷ୍ଣପ୍ରସବଣରେ ମକରକୁ ଯାଇ ଗୁଆ ଖୋଜି ଖାଇବା, ଡାକ୍ତରଙ୍କ ପାଖକୁ ଦୌଡ଼ି ଦୌଡ଼ି ଟଙ୍କା ଖର୍ଚ୍ଚ କରି କିଛି ଲାଭ ହେଲାନାହିଁ । ଖାଲି ଔଷଧ ଇଞ୍ଜେକସନ, ଗୁଡ଼ାଏ ଟେଷ୍ଟ ସ୍ୱାମୀ ସ୍ତ୍ରୀଙ୍କୁ ନେଇ ହେଲା, ହେଲେ କିଛି ଲାଭ ହେଲାନାହିଁ । ସାହିପଡିଶା, ଶାଶୁଘର, ବାପଘର ସମସ୍ତଙ୍କର ଚିନ୍ତାର କାରଣ ପୁରବୀ, ତାକୁ ଯିଏ ଯାହା କହିଲା ସେ ପୂଜା ସେ କଲା। ଆଣ୍ଠୁଆ ଗୋପାଳଙ୍କୁ ଖାସ୍ ସାଙ୍ଗରେ ଧରି ବୁଲିଲା । ଜଡ଼ି ବୁଟି ଔଷଧ ଯିଏ ଯାହା କହିଲା ସବୁ ଖାଇଲା ପରେ ବି କୋଳ ତାର ଶୂନ୍ୟ । କିଏ କହିଲା ବନ୍ଧୁବାନ୍ଧବଙ୍କ ଛୁଆ ଆଣି ପାଖରେ ରଖ ଯେତେବେଳେ ନିଜର ଛୁଆଟେ ହେବ ପଛକେ ତାଙ୍କୁ ଫେରାଇ ଦେବ। କେତେ ପୂଜା, ଓଷା, ବ୍ରତ ସବୁ କରିକି ବି ବିଶ୍ୱାସ ଭରସା ତୁଟିଗଲା ଠାକୁରଙ୍କ ଉପରୁ ।

ହଠାତ୍ କାହିଁକି ପୁରବୀର ମନକୁ ପାପ ଛୁଇଁଲା । ସେଦିନ ରାଧା କହୁଥିଲା ତା'ର ଗୋଟେ ପୁଅ ଅଛି ବୋଲି । ଯେତେ ପଚାରିଲେ ବି ତା ମରଦ କିଏ ଆଉ କଣ କରେ, କୋଉଠି ରୁହେ ରାଧା କେବେ କୁହେନାହିଁ । ପୁରବୀ କେତେଥର କହିଛି ରାଧାକୁ ତୁ କାମକୁ ଆସିଲା ବେଳେ ସାଙ୍ଗରେ ପୁଅଟିକୁ ଆଣି ଆସୁଥିବୁ ଏଇଠି ସେ ଖେଳିବ, ଖାଇବ ପୁଣି ତୁ ଘରକୁ ଗଲା ବେଳକୁ ସାଙ୍ଗରେ ନେଇଯିବୁ। ରାଧା କହେ, ନାଇ ଗୋ ମା ସେନ୍ତା ହେବ ନାହିଁ । ତୋର ବାବୁ ଛୁଆକୁ ଦେଖିଲେ ରାଗିବେ।

- କାହିଁକି ରାଗିବେ ? ପଚାରିଲେ ଆଉ ଉତ୍ତର ଦେଲାନି ରାଧା । ଏଇ କିଛି ଦିନ ହେବ ଲକ୍ଷ୍ୟ କରୁଛି ପୁରବୀ, ରାଧାର ମତିଗତିକୁ । ଭଲିକି ଭଲି ଜାମା ପଟା ପିନ୍ଧିକି ଆସିଲେ ପଚାରେ ପୁରବୀ । ଏତେ ଲୁଗା ତୋତେ କିଏ ଦେଉଛି ଲୋ ରାଧା ? ତୁ ପରା କହୁଥିଲୁ ତୋ ମରଦ କଲିକତାରେ ଫେରି କରେ। କେବେ ତୋ ପାଖକୁ ଆସେ ନା ନାଇ ? ହସିଦେଲା ରାଧା ଆଉ ସେ ହସ ପଛରେ ଥିଲା ଏକ ପ୍ରତାରଣାର କାହାଣୀ ବୋଲି ପୁରବୀ ଜାଣିନି । ଜାଣିବ ବା କେମିତି ? ଅନିଶ୍‌କୁ ଭଲପାଇ ବାହା ହେଲା ବୋଲି ବାପା ଘର ଶାଶୁଘର ଦୂରେଇ ଗଲେ, କେହି ବି ନିଜର ବୋଲି ଆଦରିଲେନି ସେଥିରେ ପୁଣି ନିଃସନ୍ତାନ ଯୋଗୁଁ କିଏ କେତେ ପ୍ରକାର କୁହନ୍ତି ତାକୁ ସହିବାକୁ ହୁଏ । ଯେତେ ପାଠ ପଢି ଚାକିରି କର, ମନ ପସନ୍ଦରେ ବାହା ହୁଅ ହେଲେ କୋଳରେ ସନ୍ତାନଟିଏ ଯଦି ନ ହେଲା ତେବେ ସବୁ ପରିଶ୍ରମ ବୃଥାରେ ଗଲା ଜାଣ ।

ଶରୀର ଅସୁସ୍ଥ ହେତୁ ପୁରବୀର ବାପା ଆସି ଝିଅକୁ ନେଇକି ଗଲେ । ଯିବାର ଦୁଇଦିନ ପରେ ଫୋନ୍ କରିଥିଲା ପୁରବୀ ଅନିଶ୍‌କୁ ମୁଁ ଏଠାରେ ଦୁଇ ଚାରିଦିନ ରହିକି ଫେରିଯିବି ତୁମେ ହୋଟେଲ୍ କିମ୍ବା ଅଫିସ୍ କ୍ୟାଣ୍ଟିନ୍‌ରେ ଖାଇନେବ । ହେଲେ ଅନିଶ କହିଥିଲେ, ତୁମେ ଯେତେଦିନ ରୁହ ମୋର ଅସୁବିଧା କିଛି ନାହିଁ ମୁଁ ମ୍ୟାନେଜ୍ କରିଦେବି। ତୁମେ ଖୁସିରେ ବୁଲାବୁଲି କରି କିଛି ଦିନ ସେଠାରେ କଟାଇ ଆସ ।

ଗୋଟେ ଡଉଲ ଡାଉଲ ଗର୍ଭିଣୀ ଗାଈ ପରି ରାଧାର ଦେହ । କେବେ କେମିତି ଅଜାଣତରେ ଦୁର୍ବଳତା ବଢିଛି ଅନିଶ୍‌ର ରାଧା ପ୍ରତି। ରାଧାର ମରଦ ସୁଦୂର କଲିକତାରେ ଫେରି ବିକେ। ବର୍ଷକରେ ଥରେ ଦୁଇଥର ଆସି ରାଧାକୁ ଦେଖି କିଛିଦିନ ରହି ପୁଣି ଫେରିଯାଏ । କିଛି ବର୍ଷ ଗଲା ଅନ୍ତେ ଆଉ ସେ ଫେରିଲା ନାହିଁ । କୋଉଠି ରହୁଛି ସ୍ୱାମୀ ବୋଲି ରାଧା କେବେ ପଚାରି ବୁଝିନି ବିଶ୍ୱାସ ଭରସା ଥାଏ ବୋଲି ସମ୍ପର୍କରେ । ସେ ଯେଉଁ ଫୋନ୍ ନମ୍ବର୍ ଦେଇଥିଲା ସେଇଟା ସୁଇଚ୍ ଅଫ୍ ଦେଖାଏ । ଆସିବ ଆସିବ କହି ଅପେକ୍ଷାରେ କଟିଗଲା ଦୁଇ ବରଷ । କେତେଦିନ ମାଆ ଘର ଉପରେ ବୋଝ ହେବ କହି ଦିନେ 'କାମବାଲି ଦରକାର' ଏହି ବିଜ୍ଞପ୍ତି ଦେଖି କାଗଜ ପକାଇଥିଲା । ଅନ୍ୟ କାମବାଲି ପ୍ରାର୍ଥୀ ମାନଙ୍କ ସହିତ ସାକ୍ଷାତକାର ପରୀକ୍ଷାରେ ବଛା ହୋଇ କାମରେ ଯୋଗ ଦେଇଥିଲା ରାଧା। ଧିରେ ଧିରେ ପୁରବୀ ଓ ଅନିଶ୍‌ଙ୍କ ମନ କିଣିନେଲା । ପୁରବୀ କେବେ କେମିତି ମାଆ ଘରକୁ ଗଲେ ରାଧା ଘର ସଫା, ଲୁଗାପଟା ସଫା କରିବା ସହିତ ଦି' ମୁଠା ରୋଷେଇ କରି ଅନିଶ୍ ପାଇଁ ଥୋଇ ଦେଇଯାଏ । ସେଦିନ ସକାଳେ ଘର ଝାଡୁ କରିଦେଇ ଅନିଶ୍ ରହୁଥିବା ରୁମ୍‌କୁ ଚାହା ନେଇ ଗଲା ରାଧା ଯେହେତୁ ପୁରବୀ ମାଆ ଘରକୁ ଯାଇଥିଲା । ଅନିଶ୍ ରାଧାକୁ ପାଖରେ ପାଇ ନିଜ ଦୁର୍ବଳତା ପ୍ରକାଶ କଲେ ଆଉ କହିଲେ -ଆମେ ନିଃସନ୍ତାନ, ତୁମେ ତ' ଦେଖୁଛ ଆମେ କେତେ ଆଡ଼େ ଯାଇ ଚେଷ୍ଟା କରି ସନ୍ତାନ ଲାଭରୁ ବଞ୍ଚିତ ହେଲୁ । ତୁମେ ଆମର ବିଶ୍ୱସ୍ତ ଆଉ ତୁମ ଆଗରେ ମୋ ମନକଥା ଖୋଲି କହିବାକୁ ଉଚିତ୍ ମନେ କଲି । ରାଧା ସବୁ କଥା ବୁଝିପାରିଲା, ଆଉ ସଙ୍କୋଚ ପ୍ରକାଶ କରି କହିଲା -ବାବୁ ଏହା କେମିତି ସମ୍ଭବ ? ମୁଁ ଜଣେ କାମବାଲି । ଅନିଶ୍ ଟିକେ ହସି କରି କହିଲେ -କାମବାଲି କ'ଣ ମଣିଷ ନୁହେଁ ? ମୁଁ ଚାହେଁ ତୋ ପାଖରୁ ସନ୍ତାନଟିଏ, ଯିଏ ମୋର କୂଳ ରକ୍ଷା କରିବ, ଉତ୍ତରାଧିକାରୀ ହେବ। ସେଥିପାଇଁ ମୁଁ ଟିକେ ସ୍ୱାର୍ଥପର ହୋଇପାରେ ହେଲେ ନିଃସନ୍ତାନ ହେବାର ଦୁଃଖ ତ ଦୂରେଇ ଯିବ। ମୁଁ ସେ ସନ୍ତାନକୁ ନିଜର କରିବି, ପାଠ ପଢ଼େଇବି, କୋଳକୁ ନେବି। ତୁମ ପାଖରେ ଛୁଆଟି ବଢୁଥିବା ବେଳେ ତାର ଯତ୍ନ ନେବି । ପାଠ ପଢ଼ିବା ବୟସରେ ମୁଁ ତାକୁ ମୋ ପାଖକୁ ତୁମ ଛୁଆକୁ ଆଣିଲା ପରି ନେଇ ଆସିବି। କେବଳ ତୁମ ମୋ ବ୍ୟତୀତ ତୃତୀୟ ବ୍ୟକ୍ତି, ମୋ ସ୍ତ୍ରୀ ପୁରବୀ ମଧ୍ୟ ଜାଣି ପାରିବନି ଏ କଥା । ଭଗବାନଙ୍କ ନିକଟରେ ଶପଥ କରି ମୁଁ କହୁଛି, ତୁ ମୋର ଏହି ଅନୁରୋଧ ରକ୍ଷା କର ରାଧା, ମୋର ବଂଶ ରକ୍ଷା କର । ଆଉ କିଛି ଅଧିକ ଆଶା ମୋର ନାହିଁ । ତା'ପରେ ରାଧା ଅନିଶ୍ କଥାକୁ କେବେ ତଳେ ପକାଇ ନାହିଁ, ଅନିଶ ନିକଟରେ ନିଜକୁ ସମର୍ପି ଦେଇଛି । ସତକୁ ସତ ଅନିଶ୍ ସନ୍ତାନର ମା' ହେଲା ରାଧା । ସେ ବିବାହିତା, ତା ମରଦ ବି ଥିଲା, ପ୍ରଥମ ପୁଅ ବି ଥିଲା । ତା ପୁଅକୁ କେବେ ଆଣେ ନାହିଁ ସାଙ୍ଗରେ, ପଡିଶା ଘରେ ରଖି କାମକୁ ଆସେ । ତେଣୁ ପୁରବୀ ସନ୍ଦେହ କରିବାର କିଛି କାରଣ ନ ଥିଲା । ଏଥର ପୁଅଟି ଜନ୍ମ ହେଲାପରେ ତା'ର ମେଡିକାଲ ଖର୍ଚ୍ଚ ଓ ଅନ୍ୟାନ୍ୟ ଖର୍ଚ୍ଚ ତୁଲାଇଲେ ଅନିଶ୍ । ରାଧା ତା'ର ଦେଖା ରଖା କରେ । ଛୁଆଟି ବଡ଼ ହେଲା ପରେ ଅନିଶ୍ ଓ ପୁରବୀ ସେ ଛୁଆଟିକୁ ଦେଇ ଦେବାକୁ କହିଲେ। ରାଧାର ବାତ୍ସଲ୍ୟ ମମତା ସେ ପୁଅଟି ଉପରୁ ତୁଟି ନ ଥିଲା ତଥାପି ପ୍ରତିଶୃତି ପାଳନ କରି ବାଧ୍ୟ ହୋଇ ଟେକି ଦେଇଥିଲା କୁନି ପୁଅଟିକୁ ଅନିଶ୍ ଓ ପୁରବୀ ହାତକୁ । ହଠାତ୍ ଦିନେ ଖବର ଆସିଲା କଲିକତାରୁ ରାଧାର ସ୍ୱାମୀ ଆସୁଛନ୍ତି, ସାଙ୍ଗରେ ରାଧାକୁ ନେଇ କଲିକତା ଫେରିଯିବାକୁ। କାଳେ ରାଧାର ସ୍ୱାମୀ ଦ୍ୱିତୀୟ ସନ୍ତାନର ବାପା କିଏ ଏକଥା ପଚାରିବ, ତା ଆଗରୁ ରାଧା ମନସ୍ଥ କଲା କାମବାଲି ଚାକିରି ଛାଡି ଘରେ ରହିବାକୁ। ପୁରବୀ ଯଦି କେବେ କଥା ପ୍ରସଙ୍ଗରେ ସ୍ୱାମୀକୁ କହିଦେବେ କି ରାଧାର ଦ୍ୱିତୀୟ ଛୁଆକୁ ଆମେ ନେଇଛୁ ଯୋଉ ସନ୍ତାନର ବାପା ଖୋଦ ଅନିଶ୍ ବୋଲି ପୁରବୀ ସମ୍ପୂର୍ଣ୍ଣ ଅଜ୍ଞ। ରାଧା ମନରେ ଏକଥା ବେଳେ ବେଳେ ଝଡ଼ ସୃଷ୍ଟି କରେ । ପ୍ରକୃତରେ ଛୁଆ କାହାର ରାଧା ଜାଣେ ଆଉ ଅନିଶ୍ ମଧ୍ୟ । କିନ୍ତୁ କିଛି ଗଣ୍ଡଗୋଳ ହୋଇ ସତ୍ୟ ଘଟଣା କଣ ଧରା ପଡିବା ଆଗରୁ ରାଧା କାମବାଲି ଚାକିରି ଛାଡ଼ିଦେବା ତା ପକ୍ଷେ ଖୁବ ମଙ୍ଗଳ ହେବ ଭାବି ପୁରବୀକୁ ଜଣେଇ ଦେଇଥିଲା ଯେ ମୋ ମରଦ କାହା ଘରେ ତା ସ୍ତ୍ରୀ କାମ କରୁ ବୋଲି ପସନ୍ଦ କରନ୍ତିନି । ତେଣୁ ସେ ଆସୁଛନ୍ତି ମୋତେ କଲିକତା ନେଇ ଯିବାକୁ। ଆପଣଙ୍କୁ ନୂଆ କାମବାଲି ମିଳିଯିବ ମାଡାମ୍।

ପୁରବୀ କିନ୍ତୁ ତା' କାମ ଛାଡିବାର କାରଣ ଖୋଜୁଥିଲା । ଅନିଶ୍ ମନେ ମନେ ହସି କାମବାଲି ରାଧାକୁ କହିଲା ଆମେ ଜନ୍ମ ଜନ୍ମ ତୁମ ଋଣରେ ବୁଡି ରହିଲୁ । ଯେବେ ନିଜର ଭାବିବ ସ୍ୱାମୀ ସହ ଆସି ଥରେ ବୁଲି ଦେଇ ଯିବ ଆମ ଘର। ଯିବାର ଇଚ୍ଛା ନ'ଥିଲେ ବି ରୁମାଲରେ ଲୁହ ପୋଛିଲା ରାଧା, ଟିକି ପୁଅ ଆଡ଼େ ଅନେଇ ଟିକେ ଗେଲ କରି ସେଇଠୁ ବାହାରି ଗଲା । ପୁରବୀ ବି କାନ୍ଦୁଥିଲା ଆଉ ଅନିଶ୍ ସେ ଯାଉ ନା ପୁରବୀ, ତାକୁ ଯିବାକୁ ଦିଅ । ଆମେ ଆଉ ଜଣେ କାମବାଲିକୁ ତା' ସ୍ଥାନରେ ରଖିଦେବା କହି ସାନ୍ତ୍ୱନା ଦେଉଥିଲା । ମନେ ମନେ ଭଗବାନଙ୍କୁ ଅନେକ ଧନ୍ୟବାଦ ଜଣାଉଥିଲା ଅନିଶ୍ ।

♥ ଗଙ୍ଗନଗର, ଭୁବନେଶ୍ୱର
ମୋ: ୭୯୭୮୧୨୦୪୭୪

# ଆଧାର ନାହିଁ ତ ପାଠ ନାହିଁ: ବିଦ୍ୟାଳୟର ମାଟି ମାଡ଼ି ପାରିଲେ ନାହିଁ ମୁଣ୍ଡା ଜନଜାତିର 'ସୁମିତା'

ଉଦଳା, ୦୬/୬ (ନି.ପ୍ର): କପ୍ତିପଦା ବ୍ଲକର ଜେ.ଏସ୍. ଜାମଡ଼ିହା ପଂଚାୟତ ଅନ୍ତର୍ଗତ ଇଟାଗଡ଼ ଗ୍ରାମର ବାସିନ୍ଦା ମାସି ମୁଣ୍ଡାଙ୍କର ୧୩ ବର୍ଷ ବୟସର କନ୍ୟା ସୁମିତା ମୁଣ୍ଡା ଆଦୌ ବିଦ୍ୟାଳୟର ମାଟି ମାଡ଼ିପାରି ନଥିବାର କଥା ପରିବାରର ଲୋକେ ଜଣାଇଛନ୍ତି । ଖବର ନେବାରୁ 'ସୁମିତା' ଅଙ୍ଗନୱାଡ଼ି ପାଠ ସାରିବା ପରେ ସରକାରୀ ବିଦ୍ୟାଳୟକୁ ନାମ ଲେଖାଇବାକୁ ଯାଇଥିଲେ । ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ତାଙ୍କୁ ଆଧାର କାର୍ଡ଼ ମାଗିଲେ । ସେ ଆଧାର କାର୍ଡ଼ ଦେଖାଇ ନପାରିବାରୁ ତାଙ୍କର ନାମ ଲେଖାଯାଇପାରିବ ନାହିଁ ବୋଲି ରୋକ ଠୋକ ମନା କରି ଫେରାଇ ଦେଲେ । ତହିଁ ପରଠାରୁ 'ସୁମିତା' ଆଜି ପର୍ଯ୍ୟନ୍ତ ଆଦୌ ବିଦ୍ୟାଳୟ ଯାଇ ନାହାଁନ୍ତି । ସେହିପରି ଆଧାର କାର୍ଡ଼ ନଥିବା ଯୋଗୁଁ ପରିବାରକୁ ମିଳିଥିବା ରାସନ କାର୍ଡ଼ରେ 'ସୁମିତା'ଙ୍କ ନାମ ଯୋଡ଼ାଯାଇ ପାରୁ ନାହିଁ । ଫଳରେ ସରକାର ଯୋଗାଇ ଦେଉଥିବା ମୁଣ୍ଡପିଛା ୫ କିଗ୍ରା ଚାଉଳ ପାଇବାରୁ ସେ ବଂଚିତ ଅଛନ୍ତି । ଆଧାର ପାଇଁ ସେ ବାରମ୍ବାର ଫଟୋ ଉଠାଇଥିଲେ ମଧ୍ୟ ତାଙ୍କର କାର୍ଡ଼ କାହିଁକି ଆସୁ ନାହିଁ ତାହା ପରିବାର ଲୋକଙ୍କୁ ଜଣାନଥିବାର



କଥା ସେମାନେ କହିଛନ୍ତି । ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ 'ସୁମିତା' ଜଣେ ଆଦିବାସୀ ଛାତ୍ରୀ ହୋଇଥିବା ବେଳେ ତାଙ୍କୁ ଉକ୍ତ ପ୍ରକଳ୍ପ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ପ୍ରଥମରୁ ଚଉଦ ବର୍ଷ ବୟସ ପର୍ଯ୍ୟନ୍ତ ସମସ୍ତ ପିଲାଙ୍କୁ ମାଗଣା ଓ ବାଧ୍ୟତା ମୂଳକ ଶିକ୍ଷା ସରକାର ଘୋଷଣା କରିଛନ୍ତି । ସେହିପରି ବିଦ୍ୟାଳୟରେ ନାମ ଲେଖା କ୍ଷେତ୍ରରେ ଆଧାର ବାଧ୍ୟତା ମୂଳକ ନୁହେଁ ବୋଲି ସରକାରୀ ବାବୁ ମାନେ ନିୟମିତ ଢ଼ୋଲ ପିଟି ଚାଲିଛନ୍ତି । ଅଥଚ 'ସୁମିତା'ଙ୍କ ପରି ବହୁ ସଂଖ୍ୟାରେ ପିଲା ଏବେ ମଧ୍ୟ ବିଦ୍ୟାଳୟ ବାହାରେ ଅଛନ୍ତି । ଉଦଳା ଆଇ.ଟି.ଡ଼ି.ଏ.ର କୁମ୍ଭୀର କାନ୍ଦଣା ନୀତି ଓ ସରକାରୀ ବାବୁ ମାନଙ୍କର ମିଛ ଅଭିନୟର ପ୍ରହସନ ବର୍ଷ ବର୍ଷ ଧରି ଲାଗି ରହିଛି । ଫଳରେ ବହୁ ଗରିବ ଛାତ୍ର ଛାତ୍ରୀ ମାନଙ୍କର ଭବିଷ୍ୟତ ଭୟଙ୍କର ଅନ୍ଧକାର ମଧ୍ୟକୁ ଠେଲି ହୋଇ ଯାଉଛି । ରାଜ୍ୟ ସରକାର ଏହାର ତଦନ୍ତ କରି ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହେଉଛି ।

# ଇଫ୍‌କୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ: ବ୍ୟାପକ ବୃକ୍ଷରୋଣ ସହିତ ସଚେତନତା ସୃଷ୍ଟି



ପାରାଦୀପ, ୦୬/୬ (ନି.ପ୍ର): ବିଶ୍ୱସ୍ତରୀୟ ଶ୍ରେଷ୍ଠତ୍ୱ ପ୍ରତିପାଦିତ କରିଥିବା ସାର ଉତ୍ପାଦନକାରୀ ସଂସ୍ଥା ଇଫକୋ ପାରାଦୀପ ୟୁନିଟ୍ ପକ୍ଷରୁ ବିଶ୍ୱ ପରିବେଶ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଇଫକୋ ପକ୍ଷରୁ ବିଶ୍ୱ ପରିବେଶ ଦିବସ ବିଭିନ୍ କାର୍ଯ୍ୟକ୍ରମ ସହିତ ପାଳିତ ହୋଇଯାଇଛି । ଏହି ଅବସରରେ ଇଫକୋ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ଇଫକୋ ପରିସରେ ଅନୁଷ୍ଠିତ ହୋଇଥିଲା । ଏସପିସିବିର ଆଂଚଳିକ ଅଧିକାରୀ, ବରିଷ୍ଠ ଅଧିକାରୀ ଓ କର୍ମଚାରୀମାନେ ଏହି କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ସପ୍ତାହବ୍ୟାପି ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସଚେତନତା କାର୍ଯ୍ୟକ୍ରମ ସହିତ ବିଭିନ୍ନ ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା । ଉଦ୍‌ଯାପନୀ ସମାରୋହରେ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଇଫକୋର ପ୍ଲା ହେଡ୍ ପି.କେ.ମହାପାତ୍ର ଏହି କାର୍ଯ୍ୟକ୍ରମରେ ଛାତ୍ରଛାତ୍ର, ଇଫକୋ ପରିବାର, କର୍ମଚାରୀମାନଙ୍କୁ ସାମିଲ କରାଯାଇଥିବାରୁ ଏହା ଏକ ବଡ କାର୍ଯ୍ୟ ବୋଲି କହିଥିଲେ । ଏହାଦ୍ୱାରା ସେମାନଙ୍କ ମଧ୍ୟରେ ପରିବେଶ ସୁରକ୍ଷା ନିମନ୍ତେ ସବୁବେଳେ ମାନସିକ ଭାବେ ପ୍ରସ୍ତୁତ ରହିବେ । ଏହି ଅବସରରେ ବୃକ୍ଷରୋପଣ କାର୍ଯ୍ୟକ୍ରମକୁ ଶ୍ରୀ ମହାପାତ୍ର ଉଚ୍ଚପ୍ରଶଂସା କରିବା ସହିତ ମାନବସମାଜ ପାଇଁ ଅମ୍ଳଜାନ ଯୋଗାଇବାର ଏକ ସଫଳ ମାଧ୍ୟମ ବୋଲି କହିଥିଲେ । ଏସପିସିବିର ଆଂଚଳିକ ଅଧିକାରୀ ବିବେଚିତା ଷଡଙ୍ଗୀଷେଯୋଗ ଦେଇ ପରିବେଶ ପ୍ରଦୂଷଣ ଓ ଜଳବାୟୁ ପରିବର୍ତ୍ତନର ପ୍ରଭାବ ରୋକିବା ପାଇଁ ଶିଳ୍ପସଂସ୍ଥା ଓ ଜନସାଧାରଣ ମିଳିତ ଭାବେ କାର୍ଯ୍ୟକରିବାକୁ ଆହ୍ୱାନ ଦେଇଥିଲେ । ଏସପିସିବି ପରିବେଶ ଯନ୍ତ୍ରୀ ଡି.ଏଲ.ମହାପାତ୍ର ଅନ୍ୟତମ ଅତିଥି ଭାବେ ଯୋଗ ଦେଇଥିବା ବେଳେ ଇଫକୋ ପରିବେଶ ବିଭାଗ ମୁଖ୍ୟ ଆର.କେ.ସ୍ୱାଇଁ ଏହି ସପ୍ତାହବ୍ୟପି କାର୍ଯ୍ୟକ୍ରମର ସଫଳ ସଂଯୋଜନା କରିଥିଲେ ।

# ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ବୋଝେଇ ପିକ୍‌ଅପ ଜବତ୍: ଡ୍ରାଇଭର ଚମ୍ପଟ

ସମ୍ବଲପୁର, ୦୬/୬ (ନି.ପ୍ର): ସମ୍ବଲପୁର ସହରର ପରମାଣପୁର ଛକ ନିକଟ ପୁରୁଣା ରାଂଚି-ବିଜୟାୱାଡା ରାସ୍ତାରେ ଆଜି ଏକ ଦ୍ରୁତଗାମୀ ପିକ୍‌ଅପ ଭ୍ୟାନକୁ ବନ ବିଭାଗ ଜବତ୍ କରିଛି । ଏହି ଭ୍ୟାନକୁ ଯାଂଚ ବେଳେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର କେନ୍ଦୁପତ୍ର ଥିବା ଜଣାପଡିଥିଲା । ଓଡ଼ିଶା ସରକାର କେନ୍ଦୁପତ୍ରର ସଠିକ୍ ବଜାର ଦର ଓ ତୋଳାଳୀଙ୍କୁ ସଠିକ୍ ପାରିଶ୍ରମିକ ଦେଇ ପାରୁନଥିବା ଯୋଗୁଁ ଶେଷରେ ଚାରାଚାଲାଣ ତାଲିକାରେ କେନ୍ଦୁପତ୍ର ବି ତାଲିକାଭୁକ୍ତ ହେବା ଏକ ଲଜ୍ୟାଜନକ ଘଟଣା ବୋଲି ସାଧାରଣରେ କିଛି ପ୍ରତ୍ୟକ୍ଷଦର୍ଶୀ ମତବ୍ୟକ୍ତ କରିଛନ୍ତି । ସୁଚନାନୁଯାୟୀ ଆଜି ଓଆର୍ ୧୧ ଜେ ୨୭୭୨ ନମ୍ବରର ଏକ କେନ୍ଦୁପତ୍ର ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଦ୍ରୁତଗତିରେ ଏହି ରାସ୍ତାରେ ଯାଉଥିବା ବେଳେ ରେଙ୍ଗାଲି ରେଞ୍ଜ୍ ଅନ୍ତର୍ଗତ ପଣ୍ଡିଆପାଲି ସେକସନ ବନବିଭାଗ କର୍ମଚାରୀମାନେ ଏହି ସନ୍ଦିଗ୍ଧ ଗାଡିକୁ ଅଟକାଇଥିଲେ । ଯାଂଚ୍ କରିବାରେ ପ୍ରାୟ ୫ ଲକ୍ଷରୁ ଉର୍ଦ୍ଧ୍ୱ ମୂଲ୍ୟର କେନ୍ଦୁପତ୍ର ଜବତ୍ କରିଥିଲେ । ବନ ବିଭାଗର ଏତାଦୃଶ୍ୟ ଧରପଗଡକୁ ଦେଖି ଗାଡ଼ିର ଚାଳକ ଗାଡ଼ିକୁ ଛାଡ଼ି ଘଟଣାସ୍ଥଳରୁ ଚମ୍ପଟ ମାରିଥିଲା । ଏବେ ଏହି କେନ୍ଦୁପତ୍ର କିଏ କାହା ପାଖକୁ କେତେ ଟଙ୍କାରେ ଚାଲାଣ କରୁଥିଲା ତାହା ରହସ୍ୟାବୃତ ରହିଯାଇଛି । ତେବେ ଆଗାମୀ ଦିନରେ କେନ୍ଦୁପତ୍ର ଚୋରା ଚାଲାଣ ଉପରେ ବନବିଭାଗ କଡ଼ା ଆଭିମୁଖ୍ୟ ଗ୍ରହଣ କରିବ ବୋଲି ବିଭାଗ ପକ୍ଷରୁ ଚେତାବନୀ ଦିଆଯାଇଛି । ଆଜିର ଏହି ଘଟଣାରେ ଫେରାର ଗାଡ଼ି ଚାଳକୁ ଗିରଫ କରିବା ପାଇଁ ବ୍ୟାପକ ଧରପଗଡ ଜାରି ରହିଥିବା ଜଣାପଡିଛି ।

# ବାଲେଶ୍ୱର ଜିଲ୍ଲାର ମାଣିଖମ୍ବରେ ନାବାଳିକା ଅପହରଣ: ଟାଉନ ଥାନାରେ ଅଭିଯୋଗ

ବାଲେଶ୍ୱର , ୦୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ମାଣିଖମ୍ବ ର ନିମକାଳୀ ମନ୍ଦିର ନିକଟ ମହାପାତ୍ର ସାହିର ଏକ ନାବାଳିକା କୁ ଶୁକ୍ରବାର ସନ୍ଧ୍ୟାରେ ଅପହରଣ କରାଯାଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ଥାନାରେ ଅଭିଯୋଗ ଅନୁସାରେ ବାଲେଶ୍ୱର ମାଣିଖମ୍ବର ନିମକାଳି ମନ୍ଦିର ନିକଟ ରେ ମହାପାତ୍ର



ସାହି ରେ ପ୍ରଦୀପ କମିଲା ତାଙ୍କ ଘରେ ଅନୁପସ୍ଥିତ ଥିବା ବେଳେ ବାରବାଟୀ ଦାମୋଦରପୁର ୧୨ ନମ୍ବର ୱାର୍ଡ ର କେମ୍ପା ନାୟକ ଓ ତାର ପୁଅ ଚନ୍ଦ୍ର ଶେଖର ନାୟକ ମୁହଁ ଖୋଲା ଥିବା ବେଳେ ଅନ୍ୟ ୪ ଜଣ ବ୍ୟକ୍ତି ମୁହଁରେ କପଡ଼ା ବାନ୍ଧି ସନ୍ଧ୍ୟା ୬ ଟାରେ ପ୍ରଦୀପ କମିଳା ଙ୍କ ଘରକୁ ଯାଇ ତାଙ୍କ ସ୍ତ୍ରୀ ମାଳତୀ କମିଳା କୁ ଗୋଟେ ରୁମରେ ପୁରେଇ କବାଟ ବନ୍ଦ କରିଦେଇ ତାର ନାବାଳିକା ଝିଅ ଶ୍ରୀୟା କମିଳା କୁ ଟେକି ନେଇ ଆସିବା ସଙ୍ଗେ ସଙ୍ଗେ ଗୋଡରେଜ ରେ ଥିବା ସୁନା ଗହଣା ଆନୁମାନିକ ୧୦ ଲକ୍ଷ ଟଙ୍କା ର ହେବ ଲୁଟି ନେଇଥିବା ଅଭିଯୋଗ ପତ୍ରରେ ଦର୍ଶା ଯାଇଛି । ଏପରିକି ନାବାଳିକା ମା ମାଳତୀ କମିଳା ଦୁଇଜଣକୁ ସ୍ଥଳେ ଅନ୍ୟ ୪ ଜଣ ଙ୍କୁ ଚିହ୍ନି ପାରିନଥିବା ଅଭିଯୋଗ ପୋଲିସ ପାଖରେ କହିଥିଲେ । ଏପରିକି ନାବାଳିକା ଙ୍କ ପିତାଙ୍କ ଅଭିଯୋଗ କୁ ଆଧାର କରି ଟାଉନ ଥାନା ପୋଲିସ ୨୨୭/୨୦୨୬ ଓ ୧୧୫୭ ଓ ୩୦୩ + ୨ ମାମଲା ରୁଜୁ ସହ ତଦନ୍ତ ଆରମ୍ଭ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### କାଳବୈଶାଖୀ ପ୍ରଭାବରେ...

ଜନତା ମଇଦାନ ପୂରା ଛାରଖାର ହୋଇଯାଇଛି। ସେଠାରେ ଅନ୍ତର୍ଜାତୀୟ ଟ୍ରେଡ୍ ଫେୟାର ପାଇଁ ନିର୍ମିତ ଟେଣ୍ଟଗୁଡ଼ିକ ଭାଙ୍ଗି ଯାଇଛି। ପ୍ରାୟ ୨୫୦ଟି ଷ୍ଟଲ ବର୍ଷା ଓ ପବନ ଯୋଗୁ ମାଟିରେ ମିଶି ଯାଇଛି। ଫଳରେ ଅନ୍ତର୍ଜାତୀୟ ସ୍ତରରୁ ଆସିଥିବା ବ୍ୟବସାୟୀ ମାନଙ୍କର ବହୁତ କ୍ଷତି ହୋଇଛି। ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ ଏଥିଯୋଗୁ ନଷ୍ଟ ହୋଇଯାଇଛି। ଆଗାମୀ ୫ ଦିନରେ ମଧ୍ୟ ରାଜ୍ୟର ଅନେକ ସ୍ଥାନରେ କାଳବୈଶାଖୀ ଓ ବଜ୍ରପାତ ହେବାର ସମ୍ଭାବନା ଥିବାରୁ ପାଣିପାଗ ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି।

### ସଉକିଆ ଯନ୍ତ୍ରୀଙ୍କ...

ଏକକାଳୀନ ଚଢ଼ାଉ ଜାରି ରଖିଛି। ଭୁବନେଶ୍ୱରରୁ ନେଇ ଯାଜପୁର ଓ ବାରିପଦା ପର୍ଯ୍ୟନ୍ତ ବୈକୁଣ୍ଠଙ୍କ ସମ୍ପର୍କୀୟ ଓ ତାଙ୍କ ସହ ଜଡ଼ିତ ଘରଗୁଡ଼ିକରେ ଖୋଳତାଡ଼ ଚାଲିଛି। ଭୁବନେଶ୍ୱରର କାନନ ବିହାରସ୍ଥିତ ବୈକୁଣ୍ଠଙ୍କ ଆଲିସାନ ବାସଭବନରେ ଭିଜିଲାନ୍ସ ଟିମ୍ ପହଞ୍ଚିବା ପରେ ସେଠାରେ ଥିବା ଦାମୀ ସାମଗ୍ରୀ ଦେଖି ଅଧିକାରୀମାନେ ମଧ୍ୟ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି। ଅନ୍ୟପଟେ ଭୁବନେଶ୍ୱରର ନୀଳାଦ୍ରି ବିହାର, ଶୈଳଶ୍ରୀ ବିହାର, କାନନ ବିହାର ଓ ଚନ୍ଦ୍ରଶେଖରପୁରରେ ଥିବା ଆଲିସାନ କୋଠାଗୁଡ଼ିକରେ ସର୍ଚ୍ଚ ଅପରେସନ ଚାଲିଛି। ଏହାସହିତ ଯାଜପୁର ଧର୍ମଶାଳାର ପଣ୍ଡୁଆସ୍ଥିତ ପୈତୃକ ବାସଭବନ, ବାରିପଦା ଦେଉଳା ସାହିରେ ଥିବା ସମ୍ପର୍କୀୟଙ୍କ ଘର, ବାଲିଗୁଡ଼ା କାର୍ଯ୍ୟାଳୟ ଏବଂ ସରକାରୀ ବାସଭବନ ସମେତ ଏକାଧିକ ସ୍ଥାନରେ ଦୁର୍ନୀତି ନିବାରଣ ବିଭାଗର ବିଭିନ୍ନ ଟିମ୍ ଯାଞ୍ଚ କରୁଛନ୍ତି। ଆଗକୁ ଏହି ବେଆଇନ ସମ୍ପତ୍ତିର ପରିମାଣ ଆହୁରି ବଢ଼ିବାର ସମ୍ଭାବନା ରହିଛି।

### ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲା...

ଯୁବକ ଓ ଛାତ୍ର ନୂଆଦିଲ୍ଲୀର ଯନ୍ତର ମନ୍ତରରେ ଏକାଠି ହୋଇ ସ୍ୱର ଉତ୍ତୋଳନ କରିଥିଲେ। କକ୍ରୋଚ୍ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ୍ ଦୀପକେ ଆମେରିକାରୁ ଆସି ସମାବେଶରେ ସାମିଲ ହୋଇଥିଲେ। ଯୋଗଦେଇଥିଲେ ସାମାଜିକ କର୍ମୀ ସୋନମ୍ ୱାଙ୍ଗ ଚୁକ୍ । ପ୍ରଚଳିତ ଶିକ୍ଷା ବ୍ୟବସ୍ଥାରେ ସୁଧାର ପାଇଁ ସମାବେଶରେ ଦାବି କରାଯାଇଛି। ଶାନ୍ତିପୂର୍ଣ୍ଣ ସମାବେଶ ପାଇଁ ପ୍ରତିଶ୍ରୁତି ପାଇବା ପରେ ଦିଲ୍ଲୀ ପୁଲିସ ଶିନିବାର ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଅନୁମତି ଦେଇଥିଲା। ହିଂସାକାଣ୍ଡ, କୌଣସି ଅଘଟଣ ଓ ଟ୍ରାଫିକ୍ ଜାମ୍ ଏଡ଼ାଇବା ପାଇଁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଦିଲ୍ଲୀର ପ୍ରମୁଖ ସ୍ଥାନଗୁଡ଼ିକରେ ବହୁ ସଂଖ୍ୟକ ପୁଲିସ ଏବଂ ଅର୍ଦ୍ଧ-ସାମରିକ ବାହିନୀ ମୁତୟନ ଥିଲେ। ଯୁବ ନେତୃତ୍ୱାଧୀନ କକ୍ରୋଚ୍ ଜନତା ପାର୍ଟି ସୋସିଆଲ୍ ମିଡିଆରେ ଜନ୍ମଲାଭ କରିଥିବା ବେଳେ ଆଜି ଗ୍ରାଉଣ୍ଡକୁ ଓହ୍ଲାଇ ଦମ୍ ଦେଖାଇଛି। ଅସରପା ଉପରେ ସୁପ୍ରିମକୋର୍ଟର ପ୍ରଧାନ ବିଚାରପତି ଜଷ୍ଟିସ୍ ସୂର୍ଯ୍ୟକାନ୍ତଙ୍କ ଏକ ମନ୍ତବ୍ୟ ପରେ ସୋସିଆଲ୍ ମିଡିଆରେ କକ୍ରୋଚ୍ ଜନତା ପାର୍ଟି ଜନ୍ମ ନେବାପରଠାରୁ ଏହାର ଅନୁଗାମୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। କିଏ ଏହାକୁ ବ୍ୟଙ୍ଗାତ୍ମକ ଦୃଷ୍ଟିରେ ଦେଉଛନ୍ତି ତ ଆଉ କିଏ ଭିନ୍ନ ଦୃଷ୍ଟିରେ ଭାରତରେ ଜେନ୍-ଜି ଆନ୍ଦୋଳନର ସୃଷ୍ଟି ଭାବେ ଦେଖୁଛନ୍ତି। ତେବେ ଆଉ କିଛିଦିନ ଭିତରେ କକ୍ରୋଚ୍ ଜନତା ପାର୍ଟିର ଆଭିମୁଖ୍ୟ ଓ ଭବିଷ୍ୟତ ସ୍ପଷ୍ଟ ହୋଇଯିବ।

### ବୋର୍ଡ ନିଗମ ନିଯୁକ୍ତି ପାଇଁ ...

ବଲାଙ୍ଗୀର ପୌରପରିଷଦ ପକ୍ଷରୁ ଟେଣ୍ଡର ପ୍ରକ୍ରିୟା ଶେଷ କରାଯାଇ ବର୍ତ୍ତମାନ ଏହି କାମ ଚାଲିଛି। ତେବେ ଏହି କାର୍ଯ୍ୟରେ ବଡ଼ ଧରଣର ଦୁର୍ନୀତି ଓ ଅନିୟମିତତା ହେଉଥିବା ନେଇ ପୂର୍ବତନ କଂଗ୍ରେସ ବିଧାୟକ ନରସିଂହ ମିଶ୍ର ଅଭିଯୋଗ ଆଣିଥିଲେ। ନଗର କଂଗ୍ରେସ ସଭାପତି ବୁଲୁ ଦାନୀଙ୍କ ନେତୃତ୍ୱରେ କଂଗ୍ରେସ ଦଳ ପକ୍ଷରୁ କାର୍ଯ୍ୟସ୍ଥଳରେ ବିରୋଧ ପ୍ରଦର୍ଶନ କରାଯାଇଥିଲା। ସେ କହିଛନ୍ତି ଯେ, ମୁଣ୍ଡ ଉପରେ ମୌସୁମୀ ବର୍ଷା ଥିବା ବେଳେ ବହୁତ କମ୍ ମେସିନ ସାହାଯ୍ୟରେ ମାଟି ଉଠାଯାଉଛି। ବର୍ଷା ପୂର୍ବରୁ ଅଧିକ ମେସିନ ଲଗାଇ ଯଦି ମାଟି କାମ ଶେଷ କରାନଯାଏ, ତେବେ ପୋଖରୀ ଉନ୍ନତୀକରଣ ନାଁରେ ବଡ଼ ଦୁର୍ନୀତି ହେବ ଏବଂ ସରକାରୀ ଅର୍ଥର ଅପବ୍ୟୟ ହେବ। ଅପରପକ୍ଷରେ, କଂଗ୍ରେସର ଏହି ଅଭିଯୋଗକୁ ସମ୍ପୂର୍ଣ୍ଣ ଭାବେ ଖଣ୍ଡନ କରିଛନ୍ତି ବଲାଙ୍ଗୀର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁ। ସେ କହିଛନ୍ତି, ବଲାଙ୍ଗୀର ବିଧାୟକ କଳିକେଶ ନାରାୟଣ ସିଂଦେଓଙ୍କ ପ୍ରଚେଷ୍ଟାରେ ସହରର ଜରାଜୀର୍ଣ୍ଣ ପୋଖରୀଗୁଡ଼ିକର ଉଦ୍ଧାର କାର୍ଯ୍ୟ ଚାଲିଛି। କାମ ସମ୍ପୂର୍ଣ୍ଣ ସରିନଥିବା ବେଳେ ଦୁର୍ନୀତିର ପ୍ରଶ୍ନ ଉଠୁଛି କେଉଁଠୁ ? ଆଜି ଏହି ବିବାଦ ଆହୁରି ଉଗ୍ର ରୂପ ନେଇଥିଲା ଯେତେବେଳେ ଶତାଧିକ ବିଜେଡି ସମର୍ଥିତ ମହିଳା ଏକ ଶୋଭାଯାତ୍ରାରେ ବାହାରି ନରସିଂହ ବନ୍ଧ ନିକଟରେ ଚାଲିଥିବା କଂଗ୍ରେସର ବିରୋଧ ସଭା ସ୍ଥଳରେ ପହଞ୍ଚିଥିଲେ। ସେଠାରେ ଦୁଇ ପକ୍ଷ ମଧ୍ୟରେ ପ୍ରବଳ ନାରାବାଜି ଚାଲିଥିଲା। କିଏ 'କଳିକେଶ ମୁର୍ଦ୍ଦାବାଦ' ତ ଆଉ କିଏ 'ନରସିଂହ ମିଶ୍ର ମୁର୍ଦ୍ଦାବାଦ'ର ସ୍ଲୋଗାନ ଦେଇଥିଲେ। ସ୍ଥିତି ଅଣାୟତ୍ତ ହେବାରୁ ପୁଲିସ କର୍ମଚାରୀମାନେ ଦୁଇ ଦଳର କର୍ମୀଙ୍କ ମଧ୍ୟରେ ପଶି ସେମାନଙ୍କୁ ମୁହାଁମୁହିଁ ହେବାରୁ ରୋକିଥିଲେ। ଏହି ସମୟରେ ବଲାଙ୍ଗୀର ତହସିଲଦାର ଆନ୍ଦୋଳନ ସ୍ଥଳକୁ ଆସି କଂଗ୍ରେସ ଦଳର ଦାବିପତ୍ର ଗ୍ରହଣ କରିଥିଲେ। ମାତ୍ର ଗଣମାଧ୍ୟମର ପ୍ରତିନିଧି ଏବଂ କ୍ୟାମେରା ଦେଖିବା ମାତ୍ରେ ସେ କୌଣସି ପ୍ରତିକ୍ରିୟା ନଦେଇ ସେଠାରୁ ପଳାଇଥିଲେ। ତେବେ ବିଧାୟକ କଳିକେଶ ନାରାୟଣ ସିଂଦେଓ ଏବଂ ପୂର୍ବତନ ବିଧାୟକ ନରସିଂହ ମିଶ୍ରଙ୍କ ମଧ୍ୟରେ ଚାଲିଥିବା ଏହି ବୟାନବାଜି ଆଗକୁ କେଉଁ ମୋଡ଼ ନେଉଛି ଏବଂ ଜଳାଶୟଗୁଡ଼ିକରୁ କିଭଳି ଭାବେ ମାଟି ଓ ପଙ୍କ ଉଦ୍ଧାର କାର୍ଯ୍ୟ ଶେଷ ହେଉଛି, ତାହା ଦେଖିବାକୁ ବାକି ରହିଲା।

### କୋଚିଂ ସେଣ୍ଟରରେ ଗୁଳିଚାଳନା ...

ଖାନ୍ ସାରଙ୍କୁ ପୂର୍ବରୁ ଏ ସମ୍ପର୍କରେ ପଚରାଉଚରା କରାଯାଇଥିଲା। ଜିଲ୍ଲା ତଦନ୍ତ ୟୁନିଟ୍‌କୁ ଖାନ୍ ସାରଙ୍କୁ ଖୋଜିବା ପାଇଁ ଦାୟିତ୍ୱ ଦିଆଯାଇଛି। ତେବେ ଖାନ୍ ସାର ଶୁକ୍ରବାର ଅପରାହ୍ଣରୁ ଫେରାର ଥିବା ପୁଲିସ କହିଛି। ଖାନ ସାର ଗିରଫ ହେବେ କିମ୍ବା କୋର୍ଟରେ ଆତ୍ମସମର୍ପଣ କରିବେ ବୋଲି ତୀବ୍ର କଳ୍ପନାଜଳ୍ପନା ମଧ୍ୟରେ ପ୍ରକାଶ ପାଇଥିବା ଭିଡିଓଗୁଡ଼ିକ ସ୍ୱାଧୀନ ଭାବରେ ଯାଞ୍ଚ କରାଯାଇପାରିଲା ନାହିଁ। ପାଟନା ସିଭିଲ୍ କୋର୍ଟ କମ୍ପ୍ଲେକ୍ସ ସମେତ ସହରର ପ୍ରମୁଖ ସ୍ଥାନଗୁଡ଼ିକରେ ପୁଲିସ ସୁରକ୍ଷା ବୃଦ୍ଧି କରାଯାଇଛି। ଅନ୍ୟପକ୍ଷରେ ଖାନ୍ ସାରଙ୍କ ଛାତ୍ରମାନେ କୋଚିଂ ସେଣ୍ଟର ବାହାରେ ତାଙ୍କ ଗିରଫଦାରୀ ବିରୋଧରେ ପ୍ରତିବାଦ କରିଥିଲେ।

# ଭଗବାନପୁର ସରକାରୀ ପ୍ରାଥମିକ ବିଦ୍ୟାଳୟକୁ 'ପ୍ରକୃତି ମିତ୍ର' ପୁରସ୍କାର



ମୟୂରଭଞ୍ଜ, ୦୬/୬ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ବେତନଟୀ ବ୍ଲକ୍ ଆମ୍ବଗଡ଼ିଆ ପଞ୍ଚାୟତର ସରକାରୀ ପ୍ରାଥମିକ ବିଦ୍ୟାଳୟ, ଭଗବାନପୁରକୁ ପରିବେଶ ସୁରକ୍ଷା, ବୃକ୍ଷ ରୋପଣ , ସ୍ୱାସ୍ଥ୍ୟ ସେବା, ବନାଗ୍ନୀ ସଚେତନତା , ବନ୍ୟପ୍ରାଣୀ ସୁରକ୍ଷା, ଗଜସୁରକ୍ଷା ସଚେତନତା , ସ୍ୱଚ୍ଛ ଭାରତ, ରକ୍ତଦାନ ଅଭିଯାନ ଭଳି ଅନେକ ଜନସଚେତନତା କାର୍ଯ୍ୟକ୍ରମ ମାନକରି ଜୁନ୍ ୫ ତାରିଖ ବିଶ୍ୱ ପରିବେଶ ଦିବସ ଅବସରରେ ଓଡ଼ିଶା ସରକାରଙ୍କ ଜଙ୍ଗଲ , ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ବେତନଟୀ ବନ ବିଭାଗ ଅଧିକାରୀ ଡି.ଏନ ନାୟକଙ୍କ ବିଜ୍ଞପ୍ତିରୁ ମୟୂରଭଞ୍ଜ ଜିଲ୍ଲା ବନଖଣ୍ଡ ଅଧିକାରୀଙ୍କ କାର୍ଯ୍ୟାଳୟରେ ଆୟୋଜିତ ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବାରିପଦା ବିଧାୟକ ପ୍ରକାଶ ସୋରେନ ,ଡ଼ଃ ଦେବବ୍ରତ ସ୍ୱାଇଁ, ପୂର୍ବତନ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଓ ହେଡ୍ ଅଫ୍ ଫରେଷ୍ଟ ଫୋର୍ସ, ଓଡ଼ିଶା ଏବଂ ସଦସ୍ୟ, ଲୋକାୟୁକ୍ତ ଓଡ଼ିଶା । ଶ୍ରୀ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ଡିଏଫଓ, ବାରିପଦା । ଶ୍ରୀ ସୁମିତ କୁମାର କର, ଉପ-ନିର୍ଦ୍ଦେଶକ, ଶିମିଳିପାଳ ଦକ୍ଷିଣ (ବନ୍ୟଜନ୍ତୁ) ବିଭାଗ । ଶ୍ରୀ ନେତ୍ରାନନ୍ଦ ମଲ୍ଲିକ, ଅତିରିକ୍ତ ଜିଲ୍ଲାପାଳ (ଇଉଗ), ମୟୂରଭଞ୍ଜ ।ଶ୍ରୀ ବିଜୟ କୁମାର ଅଗରୱାଲ, ଉପ-ସଭାପତି, ଜିଲ୍ଲା ପରିବେଶ ସମିତି । ଶ୍ରୀ ବିବେକାନନ୍ଦ ପଟ୍ଟନାୟକ, ଯୁଗ୍ମ ସଚିବ, ଜିଲ୍ଲା ପରିବେଶ ସମିତି, ମୟୂରଭଞ୍ଜ । ଶ୍ରୀ ହରିହର ଦାସ, ପୂର୍ବତନ ଅଧ୍ୟକ୍ଷ, ଏମ୍‌ପିସି ସ୍ୱୟଂଶାସିତ ମହାବିଦ୍ୟାଳୟ ଇତ୍ୟାଦି ଅତିଥିଙ୍କ ଗ୍ରହଣରୁ ପରିବେଶ ସୁରକ୍ଷା , ସବୁଜ ବଳୟ ସୃଷ୍ଟି କରିବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ 'ପ୍ରକୃତି ମିତ୍ର' ସମ୍ମାନ ଓ ଅର୍ଥରାଶିରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶ୍ରୀମତି ସରୋଜିନୀ ରାଉତ୍ ଙ୍କୁ ସମ୍ମାନିତ କରାଯାଇଅଛି । ପୂର୍ବରୁ ମଧ୍ୟ ଏହି ବିଦ୍ୟାଳୟର ପାରିପାର୍ଶିକ ସବୁଜ ବଳୟ ସୃଷ୍ଟି କରିବା କ୍ଷେତ୍ରରେ ଆଦର୍ଶ ବିଦ୍ୟାଳୟ ପାଇଁ ମୁଖ୍ୟମନ୍ତ୍ରୀ ପୁରସ୍କାର ଏବଂ ମୟୂରଭଞ୍ଜର ଶ୍ରେଷ୍ଠ ଆଦର୍ଶ ବୁଥ୍ ଭାବରେ ମଧ୍ୟ ପୁରସ୍କାର ପ୍ରାପ୍ତ ହୋଇଅଛି ।

# ଜିଲ୍ଲା କାରାଗାରରେ ବିଶ୍ୱ ପରିବେଶ ଦିବସ ପାଳିତ

ବାଲେଶ୍ୱର , ୦୬/୬ (ନି.ପ୍ର): ବିଶ୍ୱ ପରିବେଶ ଦିବସ କାର୍ଯ୍ୟକ୍ରମ ମୋ ଭାରତ ଯୁବ କେନ୍ଦ୍ର ଦ୍ୱାରା ଅନୁଷ୍ଠିତ ହୋଇ ଯାଇଛି. ଉକ୍ତ ପରିବେଶ ଦିବସ ରେ ମୋ ଭାରତ ଯୁବ ହିସାବ ରକ୍ଷକ ଅମିରନ ରାଉତ ତତ୍ତ୍ୱାବଧାନ ରେ ଅତିରିକ୍ତ ଜିଲ୍ଲାପାଳ ତପନ କୁମାର ଖୁଣ୍ଟିଆ (ଇଉଗ ସାଧାରଣ )ସଭାପତିତ୍ୱ କରି ଥିବା ବେଳେ ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଚିନ୍ମୟ କୁମାର ରାଉତ ତାଙ୍କ ଅଭିଭାଷଣ ରଖିଥିଲେ ବିଶ୍ୱ ପରିବେଶ ଦିବସ ଉପଲକ୍ଷେ କାରାଗାର ଅନ୍ତେବାସୀ ଙ୍କ ନିମନ୍ତେ ଚିତ୍ରାଙ୍କନ ଓ ସାଧାରଣ ଜ୍ଞାନ ପ୍ରତିଯୋଗିତା ଅନୁଷ୍ଠିତ ହୋଇ ଥିଲା ଓ କୃତୀ ପ୍ରତିଯୋଗୀ ଙ୍କୁ ପୁରସ୍କାର ପ୍ରଦାନ କରା ଯାଇ ଥିଲା ମୋ ଭାରତ ଯୁବ କେନ୍ଦ୍ର ରୁ ଆସିଥିବା କ୍ଲବ ଓ ଯୁବ ଅନୁଷ୍ଠାନ ଅନ୍ତେବାସୀ ଙ୍କ ସହ




ପ୍ରତିଯୋଗିତା ରେ ଭାଗ ନେବାରେ ସୁଯୋଗ ପାଇଥିଲେ. ପୁରସ୍କାର ସଭା ସମସ୍ତ ଙ୍କୁ ଆନନ୍ଦିତ କରିଥାଏ, ଏହି ସଭା ରେ ଜିଲା କାରାଗାର ଅଧିକ୍ଷକ ସୁଚିତ୍ରା ଦାସ, ଅନ୍ୟତମ ଅତିଥି ଭାବେ ଜିଲ୍ଲା କାରାଗାର କାରା ପାଳ ପ୍ରଦୀପ୍ତ କୁମାର ମହାଳିକ କୃତି ପ୍ରତିଯଗୀ ଙ୍କୁ ପୁରସ୍କାର ପ୍ରଦାନ କରିଥିବା ବେଳେ, ଅନ୍ୟ ତମ ଅତିଥି ଜିଲ୍ଲା କାରାଗାର ଉପ ସହ କାରପାଳ ଘନଶ୍ୟାମ ନାୟକ , ଏବଂ କାରାଗାର ର କାରା ମଙ୍ଗଳ ଅଧିକାରୀ ଜୟରାମ ମେହେର, ଉପସ୍ଥିତ ରହି ନିଜର ଅଭିଭାଷଣ ଦେବା ସହ କୃତି ପ୍ରତିଯୋଗୀ ଙ୍କୁ ପୁରସ୍କୃତ କରିଥିଲେ, ଏବଂ ବିଭିନ୍ନ ବ୍ଲକ ରୁ ଆସିଥିବା କ୍ଲବ ବିର୍ସା ମୁଣ୍ଡା ମୁଣ୍ଡାରୀ ନୃର୍ତ୍ୟ (ନୀଳଗିରି ), ମା ମହାବଳି ଆଦିବାସୀ କ୍ଲବ (ନୀଳଗିରି ) ଉତକଳା ମହିଳା ସଂଗଠନ (ସଦର ) ରେ ହୋପ ଫାଉଂଡେସନ ଏମିତି ଅନେକ ଅନୁଷ୍ଠାନ ର ସଦସ୍ୟ ସଦସ୍ୟା ମାନେ ଗଛ ଲଗାଇ ପରିବେଶ ଦିବସ କୁ ପାଳନ କରିଥିଲେ ଚଳିତ ବର୍ଷ ବିଭିନ୍ନ ବ୍ଲକ ରୁ କିଛି ପ୍ରକୃତି ବନ୍ଧୁ ପୁରସ୍କାର ପ୍ରାପ୍ତ ବ୍ୟକ୍ତି ଙ୍କୁ ମାନପତ୍ର ଓ ଉପାଧଉକନ ଦେଇ ସନମାନିତ କରାଯାଇଥିଲା ସେମାନେ ହେଲେ ଭୋଗରାଇ ରୁ ମନିଷା ଭଞ୍ଜ, ନୀଳଗିରି ରୁ ବର୍ଷା ରାଣୀ ସିଂ, ସୋର ରୁ ସୁବ୍ରାଂଶୁ ଶେଖର ସାହୁ, ବାହାନଗା ରୁ ବିଭୁତି ଭୂଷଣ ତ୍ରିପାଠୀ. ପରିଶେଷରେ ଉତ୍କଳା କଲଚୁରଲ ଅଧକ୍ଷ ବିକ୍ରମ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇ ସଭା ସାଙ୍ଗ କରିଥିଲେ। ଏହି ସଭା ରେ ଉତ୍କଳା କଲଚୁରାଲ ର ଶୁଭଲକ୍ଷ୍ମୀ ପରିଡା, ଗାୟତ୍ରୀ ବାରିକ, ମେଘମାଳା ମଲିକ, ଜୟସ୍ମିତା ବେହେରା, ଅର୍ପଣ କ୍ରିଷ୍ଣା ଦେ, ଶୁଭମ ସିଂହ,ପ୍ରମୁଖ ଯୋଗ ଦାନ କରିଥିଲେ।

# ସୁଭଦ୍ରା ହିତାଧିକାରୀଙ୍କ ସ୍କିଲ ମ୍ୟାପିଂ

ଭୁବନେଶ୍ୱର, ୦୬/୬ (ନି.ପ୍ର): ସୁଭଦ୍ରା ହିତାଧିକାରୀଙ୍କ ସ୍କିଲ ମ୍ୟାପିଂ ହେଉଛି। ଯାହା ପାଖରେ ଯାହା ଦକ୍ଷତା ଥିବ, ଏଆଇ ଆଧାରରେ ତାର ଅନୁଧ୍ୟାନ କରି ଅନ୍ୟ ବିଭାଗ ସହ ମିଶି ମହିଳାଙ୍କ ଅର୍ଥନୈତିକ ପ୍ରଗତି ପାଇଁ କାମ କରିବ । ଏନେଇ ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟବସ୍ଥାରେ ଲକ୍ଷପତି ଦିଦି ଯେମିତି ସୃଷ୍ଟି କରାଯାଇଛି, ସେମିତି ସୁଭଦ୍ରା ହିତାଧିକାରୀଙ୍କ ଅର୍ଥନୈତିକ ପ୍ରଗତି ପାଇଁ ବିଭିନ୍ନ ବିଭାଗ ସହ ଯୋଡି ହେଇ ଉଦ୍ୟୋଗୀ ସୃଷ୍ଟି କରିବାକୁ ଆମ ବିଭାଗ ଚୁକ୍ତିନାମା କରିଛୁ। ଯେଉଁ ସୁଭଦ୍ରା ହିତାଧିକାରୀ ୬୦ ବର୍ଷ ଟପିବେ , ସେମାନଙ୍କ ନାଁ ଆପେ ଆପେ ଭଉା ପୋର୍ଟାଲକୁ ଯିବ। ସେନେଇ କାମ ଚାଲିଛି।

# ବସ୍ତା ରେଳ ଉଡନ୍ତା ପୋଲକୁ ମିଳିଲା ମଞ୍ଜୁରି

ବସ୍ତା, ୦୬/୬ (ନି.ପ୍ର): ବହୁ ପ୍ରତିକ୍ଷୀତ ବସ୍ତା ରେଳ ଉଡ଼ନ୍ତା ପୋଲକୁ ଶେଷରେ ବିଭାଗୀୟ ମଞ୍ଜୁରୀ ମିଳିଛି ।ଏଥିପାଇଁ ସାଧାରଣରେ ଆନନ୍ଦ ପ୍ରକାଶ ପାଇଛି ।ସୂଚନାରୁ ପ୍ରକାଶ ଯେ ବସ୍ତା ରେଳ ଦକ୍ଷିଣ ପାର୍ଶ୍ୱ ବ୍ଲକ ଯିବା ରାସ୍ତା ଲେବେଲ କ୍ରସିଂ ଉପରେ ୬୧ ନଂ ଏହି ଓଭର ବ୍ରିଜ ବା ଉଡନ୍ତ। ପୋଲ ନିର୍ମାଣ କରାଯିବ। ଏହା ବସ୍ତା ଷ୍ଟେଟ ବ୍ୟାଙ୍କ ଆଗରୁ ଆରମ୍ଭ ହୋଇ ସଦାନନ୍ଦପୁର ପଞ୍ଚାୟତ ଅଫିସ୍ , ଗୋଷ୍ଠୀ ଶିକ୍ଷା କେନ୍ଦ୍ର ବାଟେ ରେଳ ପଥ ଅତିକ୍ରମ କରି ଜମ୍ଭାରୀ ପଡ଼ିଆ ଦେଇ ପ୍ରାଣୀ ଚିକିତ୍ସାଳୟ ପୂର୍ବରୁ ବ୍ଲକ ରାସ୍ତାକୁ ଛୁଇଁବ। ଏହି ବାଟେ ଉଡନ୍ତ। ପୋଲ ଯିବ ବୋଲି ଆପାତତଃ ସ୍ଥିର ହୋଇଛି। ଏଥିପାଇଁ ପ୍ରାୟ ୨୬ କୋଟି ଟଙ୍କା ବ୍ୟୟ ହେବ ।ଆସନ୍ତା ଦୁଇ ମାସ ମଧ୍ୟରେ କାର୍ଯ୍ୟ ଆରମ୍ଭ ହୋଇଯିବ। ଏହା ହେଲେ ଘନ ଘନ ରେଳ ଫାଟକ ବନ୍ଦ ସମସ୍ୟା ଦୂର ହୋଇ ଯାନବାହନ ଓ ଜନସାଧାରଣଙ୍କ ଯାତାୟାତ ଖୁବ୍ ସହଜସାଧ ହୋଇ ପାରିବ ।କେବଳ ସେତିକି ନୁହେଁ ରେଳ ଷ୍ଟେସନର ଉତ୍ତରକୁ କୁଣ୍ଡପୁର-ଖୁଣ୍ଟ। ରାସ୍ତାର ରେଳ ଲାଇନ୍ ଉପରେ ୬୦ ନଂ ଉଡନ୍ତା ପୋଲ ମଧ୍ୟ ନିର୍ମିତ ହେବ ବୋଲି ବିଭାଗୀୟ୍ ସୂତ୍ରରୁ ଜଣାପଡିଛି ।ଏଥିପାଇଁ ପ୍ରାୟ ୨୫ କୋଟି ଟଙ୍କା ଖର୍ଚ୍ଚ ହେବ ବୋଲି ଆକଳନ କରାଯାଇଛି।

# ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ପେନସନ ଅଦାଲତ ଅନୁଷ୍ଠିତ

ଖୋର୍ଦ୍ଧା , ୦୬/୬ (ନି.ପ୍ର): ପ୍ରତ୍ୟେକ କାର୍ଯ୍ୟାଳୟରେ ଅବସର ଗ୍ରହଣ କରିବାକୁ ଯାଉଥିବା ସରକାରୀ କର୍ମଚାରୀ ମାନଙ୍କ ଚାକିରି ନିୟମିତୀକରଣ କରିବା ବିଭାଗୀୟ ଅଧିକାରୀ ମାନଙ୍କ ସମ୍ପୂର୍ଣ୍ଣ ଦାୟିତ୍ୱ ଅଟେ । ପ୍ରତ୍ୟେକ କର୍ମଚାରୀ ମାନଙ୍କ ପେନସନ କାଗଜାତପତ୍ର ନିଶ୍ଚିତ ଭାବେ ଦୁଇମାସ ପୂର୍ବରୁ ଚୂଡାନ୍ତ ହୋଇ ପେନସନ ମଞ୍ଜୁରିକରୁଥିବା ଅଧିକାରୀ ଓ ମହାଲେଖାଗାର କାର୍ଯ୍ୟାଳୟକୁ ପଠାଇବାକୁ ବିଭାଗୀୟ ଅଧିକାରୀ ମାନେ ଯତ୍ନବାନ ହେବା ଜରୁରୀ ଅଟେ । ଆଜି ପୂର୍ବାହ୍ନରେ ଜିଲ୍ଲା ପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ, ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ୮୬ ଗୋଟି ବିଭିନ୍ନ ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟର ୨୨୨ ଗୋଟି ପେନସନ କେସ ସମୀକ୍ଷା କରି ଉପରୋକ୍ତ ବିଷୟ ପ୍ରକାଶ କରି ୧୫ ଦିନ ମଧ୍ୟରେ କର୍ମଚାରୀ ମାନଙ୍କ ସ୍ଥଗିତ ଥିବା ପେନସନ କେସ ସମାଧାନ କରିବା ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ, ଭିଜିଲାନ୍ସ କେସ ଥିବା କର୍ମଚାରୀ ମାନଙ୍କ କେସ ଗୁଡ଼ିକର ସ୍ଥିତି ପରଖି ଜିଲ୍ଲା ପ୍ରଶାସନକୁ ରିପୋର୍ଟ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲାର ସମସ୍ତ ତହସିଲ, ବ୍ଲକ, ବ୍ଲକ ଶିକ୍ଷା ଅଧିକାରୀ, ଜିଲ୍ଲା ସ୍ତରୀୟ କାର୍ଯ୍ୟାଳୟ, ପୂର୍ତ୍ତ, ବନଖଣ୍ଡ, ସ୍ୱାସ୍ଥ୍ୟ ବିଭାଗ, ପାନୀୟ ଜଳ, ଶିକ୍ଷା, ଜଳ ବିଭାଜିକା, କୃଷି, ପରିବହନ, ଅବକାରୀ ଆଦି କାର୍ଯ୍ୟାଳୟ ଗୁଡ଼ିକର ପେନସନ କେସ ଗୁଡ଼ିକୁ ସମୀକ୍ଷା କରି ଅବସର କରୁଥିବା କର୍ମଚାରୀ ମାନଙ୍କୁ ଅବସର ଗ୍ରହଣ ଦିନ ଅସ୍ଥାୟୀ ପେନସନ ପ୍ରଦାନ କରିବା ସହ ସେମାନଙ୍କର ସ୍ଥାୟୀ ପେନସନ ପ୍ରଦାନ ଦିଗରେ ସମସ୍ତ କାର୍ଯ୍ୟ ଚୂଡାନ୍ତ କରିବାକୁ ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ପ୍ରତାପ ଚନ୍ଦ୍ର ବେଉରା ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ, ଉପ ଅଧିକାରୀ, ବରିଷ୍ଠ ରାଜସ୍ୱ ସହାୟକ ଯୋଗଦେଇଥିଲେ ।

## ଟ୍ରକ ପଛକୁ ଧକ୍କାଦେଇ ବାଇକ ଚାଳକ ଗୁରୁତର

ନୀଳଗିରି, ୦୬/୬ (ନି.ପ୍ର): ଅଯୋଧ୍ୟା ଫାଣ୍ଡି ଅଧିନ କାଂଶ ଛକରେ ଏକ ଏକ ଭୟାବହ ସଡକ ଦୁର୍ଘଟଣା ଦେଖିବାକୁ ମିଳିଛି । ଗତକାଲି ବିଳମ୍ବିତ ରାତିରେ ସିମେଣ୍ଟ ବୋଝେଇ ଏକ ଟ୍ରକ ଯାହାର ନମ୍ବର ଓଡି୦୨-ସିଏନ୯୪୭୪ ରାସ୍ତାର ଏକ ଅନ୍ଧାରିଆ ସ୍ଥାନରେ ବିନା କୌଣସି ପାର୍କିଂ ଲାଇଟ ଦେଇ ଛିଡା ହୋଇଥିଲା । କାଂଶ ଗ୍ରାମର ଅଜିତ ନାୟକ (୪୫) ଜଣେ ବସ୍ ଚାଳକ ହୋଇଥିବା ବେଳେ ବିଳମ୍ବିତ ରାତିରେ ବାଇକ ସାହାଯ୍ୟରେ ଘରକୁ ଫେରୁଥିଲେ । ଟ୍ରକ୍ ଟି ଛିଡା ହୋଇଥିବା ଜାଣିନପାରି ପଛପଟେ ଧକ୍କା ଦେଇଥିଲେ । କିଛିଲୋକେ ତାଙ୍କୁ ଉଦ୍ଧାରକରି ୧୦୮ଯୋଗେ ରେମୁଣା ମେଡିକାଲ କଲେଜକୁ ପଠାଇଥିଲେ ।ପରେ ସ୍ୱାସ୍ଥ୍ୟବସ୍ଥା ବିଗିଡିବାରୁ ତାଙ୍କୁ କଟକ ବଡମେଡିକାଲକୁ ସ୍ଥାନାନ୍ତରିତ କରାଯାଇଛି ।

## ନୀଳମଣି କଲେଜରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର




ବସ୍ତା , ୦୬/୬ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ ରୂପସାସ୍ଥିତ ନୀଳମଣି ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଓ ପୁରାତନ ଛାତ୍ର ସଂସଦର ମିଳିତ ଆନୁକୂଲ୍ୟରେ ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ବିଶ୍ୱ ପରିବେଶ ଦିବସ ପାଳନ ଅବସରରେ ପରିବେଶ ସୁରକ୍ଷା ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ଡ. ତପନ କୁମାର ବେହେରା ଅଧକ୍ଷତା କରିବା ସହ ଚଳିତ ବର୍ଷର ବିଷୟବସ୍ତୁ 'ପ୍ରକୃତି ଦ୍ୱାରା ଅନୁପ୍ରାଣିତ - ଜଳବାୟୁ ପାଇଁ - ଆମ ଭବିଷ୍ୟତ' ସମ୍ପର୍କରେ ଆଲୋଚନା କରିଥିଲେ । କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ଗୌରାଙ୍ଗ ପଣ୍ଡା କାର୍ଯ୍ୟକ୍ରମର ବିଷୟବସ୍ତୁ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋକପାତ କରିଥିବାବେଳେ ପ୍ରକୃତିବନ୍ଧୁ ଗୋପାଳ ଚନ୍ଦ୍ର ସାହୁ ଅତିଥି ପରିଚୟ ପ୍ରଦାନ ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସୁମନ୍ତ କୁମାର ଜେନା, ମୁଖ୍ୟବକ୍ତା ଭାବେ ପୁରାତନ ଛାତ୍ର ସଂସଦର ସଭାପତି ଜୟନ୍ତ କୁମାର ପାଣିଗ୍ରାହୀ, ବିଷୟ ବିଶେଷଜ୍ଞ ଭାବରେ ପ୍ରାକ୍ତନ ଅଧ୍ୟାପକ ବିଜୟ କୁମାର ବେହେରା, ପ୍ରାକ୍ତନ ଡେମୋନଷ୍ଟ୍ରେଟର ବାସନ୍ତୀ ସାହୁ, ସନ୍ତୋଷ କୁମାର ପ୍ରଧାନ ଓ ପ୍ରାକ୍ତନ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ ପ୍ରମୁଖ ଯୋଗଦେଇ ପରିବେଶ ସୁରକ୍ଷା, ପ୍ରକୃତି ସଂରକ୍ଷଣ ଓ ଜଳବାୟୁ ପରିବର୍ତ୍ତନର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ । ଅଧିକରୁ ଅଧିକ ବୃକ୍ଷ ରୋପଣ, ପ୍ଲାଷ୍ଟିକ ପ୍ରସ୍ତୁତ ଦ୍ରବ୍ୟ ବ୍ୟବହାର ପ୍ରତିହତ ସମେତ ସର୍ବସାଧାରଣ ଯାନବାହନର ବ୍ୟବହାର ମାଧ୍ୟମରେ ପରିବେଶ ପ୍ରଦୂଷଣକୁ ରୋକାଯାଇ ପାରିବ ବୋଲି ଏହି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି । ପରିବେଶ ସୁରକ୍ଷା ଦିଗରେ ପ୍ରକୃତି ବନ୍ଧୁ ରବୀନ୍ଦ୍ର ବେହେରା ଓ ହରିନାରାୟଣ ସାହୁ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ । ସ୍ୱେଚ୍ଛାସେବୀ ବୀଣାପାଣି ଗିରି, ଦୀନେଶ କୁମାର ଜେନା, ଯଜ୍ଞେଶ୍ୱର ଗିରି, ରଶ୍ମିତା ବେହେରା, ରାଜେନ୍ଦ୍ର ଦାସ, ପ୍ରିୟବ୍ରତ ମୁର୍ମୁ, କାନ୍ଦନ ହେମ୍ବ୍ରମ, ମାନସୀ ସ୍ୱାଇଁ, ପ୍ରମୋଦ କୁମାର ବିଶ୍ୱାଳ, ରହିମୁନା ଖାତୁନ, ଜୟସ୍ମିତା ପରିଡ଼ା ଓ ଧନଞ୍ଜୟ ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ନିରଞ୍ଜନ ମହାଲିକଙ୍କ ତତ୍ତ୍ୱାବଧାନରେ ମହାବିଦ୍ୟାଳୟ ପରିସରରେ ବଉଳ ଚାରା ରୋପଣ କରାଯାଇଥିଲା । ମହାବିଦ୍ୟାଳୟର ଛାତ୍ରଛାତ୍ରୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଶେଷରେ ଜିତେନ୍ଦ୍ର କୁମାର ପ୍ରଧାନ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ଜନ୍ମଦିନ ପାଳିତ



କେନ୍ଦ୍ରାପଡ଼ା , ୦୬/୬ (ନି.ପ୍ର): ତିନିମୁହାଣୀ ସ୍ଥିତ 'ସାହିତ୍ୟ ଖଟି - କେନ୍ଦ୍ରାପଡ଼ା' ଆନୁକୂଲ୍ୟରେ କବି ପ୍ରେମାନନ୍ଦ ଖଣ୍ଡୁଆଳଙ୍କ ଜନ୍ମଦିନ ଏକ ନିରାଡ଼ମ୍ବର ଓ ନିଆରା ପରିବେଶରେ ପାଳିତ ହୋଇଯାଇଛି । ପ୍ରତି ସଞ୍ଜରେ ସାହିତ୍ୟିକ ମାନଙ୍କ ଗହଳି ଲାଗୁଥିବା ଏହି ସ୍ଥାନରେ ବିଶିଷ୍ଟ କବି 'ମୌସୁମୀ ସାହିତ୍ୟ ସଂସ୍କୃତି ପରିଷଦ'ର ପ୍ରତିଷ୍ଠାତା ସମ୍ପାଦକ ଡକ୍ଟର ଶ୍ରୀଧର ସାମଲ, କବି ବୃନ୍ଦାବନ ଦାସ, 'ଆମ ଗାଁ ସାହିତ୍ୟ ପରିଷଦ'ର ସଭାପତି ନାଟ୍ୟକାର ସଞ୍ଜୟ ମଲ୍ଲିକ, ସମ୍ପାଦକ କଥାକାର ସ୍ୱପ୍ନାଂଶୁ ଦାସ, କବି ରଞ୍ଜନ ବାଇ, କବି ଗୋଲାପ ରାଉତ ଏବଂ ବିପ୍ରପ୍ରିୟ ଖଣ୍ଡୁଆଳ ପ୍ରଭୃତି ଯୋଗ ଦେଇ କବିଙ୍କୁ ପୁଷ୍ପଗୁଚ୍ଛ ଓ ଉପଢୌକନ ପ୍ରଦାନକରି ସମ୍ବର୍ଦ୍ଧିତ କରିଥିଲେ । ଏଥିସହିତ କବି ଶ୍ରୀଯୁକ୍ତ ଖଣ୍ଡୁଆଳଙ୍କ ଅନନ୍ୟ ସାହିତ୍ୟକୃତି ଓ ସାଙ୍ଗଠନିକ ଦକ୍ଷତା ଉପରେ ବକ୍ତାମାନେ ଭୂୟସୀ ପ୍ରଶଂସା କରିଥିଲେ । ସଭା ଶେଷରେ ଶ୍ରୀଯୁକ୍ତ ସଂଜିତ ଦାସ ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ ।

## ଅମୃତ ଭାରତ ଟ୍ରେନରୁ ଖସି ପଡି ଯୁବକ ମୃତ

ବସ୍ତା, ୦୬/୬ (ନି.ପ୍ର): ଡାଉନ ନିୟୁ ଜଲ ପାଇଗୁଡ଼ି ଅମୃତ ଭାରତ ଟ୍ରେନରେ ଯାଉଥିବା ଜଣେ ଯୁବକ ଖସିପଡି ପ୍ରାଣ ହରାଇଥିବା ଜଣାଯାଇଛି । ସୂଚନାରୁ ପ୍ରକାଶ ଯେ ଗତ କାଲି ଟ୍ରେନରେ ବାଲେଶ୍ୱରରୁ ଏହି ଯୁବକ ପଶ୍ଚିମବଙ୍ଗ କୁଚବିହାର ଜିଲା ସାଲମରା ଗ୍ରାମ ନିବାସୀ ଚନ୍ଦ୍ରକାନ୍ତ ବର୍ମନଙ୍କ ପୁଅ ଗୌରାଙ୍ଗ (୪୨ବର୍ଷ) ତାଙ୍କର ତିନି ଜଣ ବନ୍ଧୁଙ୍କ ସହ କୁଚବିହାର ଯିବା ଉଦ୍ଦେଶ୍ୟରେ ଚଢି ଥିଲେ ।ମାତ୍ର ଟ୍ରେନ ଭିତରେ ଦରଜା ଖୋଲା ଥିବା ବେଳେ ଗୌରାଙ୍ଗ ଦରଜା ପାଖ ଶୌଚାଳୟକୁ ଯାଉଥିଲେ । ଏହି ସମୟରେ ବସ୍ତା ଷ୍ଟେସନ ଠାରୁ ଦକ୍ଷିଣଦିଗ ପ୍ରାୟ ତିନି କିମି ଦୂରରେ ସେ ଟ୍ରେନ ତଳକୁ ଗଳି ପଡିଥିଲେ । ସେ ଗୁରୁତର ଆହତ ହୋଇଥିବାରୁ ତାଙ୍କୁ ବସ୍ତା ହାସପାତାଳକୁ ନିଆଯାଇଥିଲା । ମାତ୍ର ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ । ଆଜି ରେଳବାଇ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତାଙ୍କର ମୃତଦେହକୁ ବ୍ୟବଚ୍ଛେଦ ସହ ତାଙ୍କ ଘରକୁ ପଠାଇ ଦିଆଯାଇଛି ।

## ଦକ୍ଷତା ବିକାଶ ଏବଂ ଭବିଷ୍ୟତର ପ୍ରସ୍ତୁତିକୁ ପ୍ରୋତ୍ସାହିତ କରିବ ଏଏମ୍/ଏନଏସ୍ ଇଣ୍ଡିଆ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର




ପାରାଦ୍ୱୀପ, ୦୬/୬ (ନି.ପ୍ର): ଆର୍ସେଲର ମିତ୍ତଲ ନିପ୍ପନ୍ ଷ୍ଟିଲ୍ ଇଣ୍ଡିଆ ଏହାର କର୍ମଚାରୀ ଏବଂ ସହଯୋଗୀଙ୍କ ଦକ୍ଷତା ବିକାଶ ଲକ୍ଷ୍ୟରେ ଏକ ପଦକ୍ଷେପ ସ୍ୱରୂପ ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ କମ୍ପ୍ଲେକ୍ସରେ ନୂତନ ଅଧ୍ୟୟନ ଏବଂ ବିକାଶ କେନ୍ଦ୍ର ତଥା ଲର୍ଣ୍ଣିଂ ଆଣ୍ଡ ଡେଭଲପମେଣ୍ଟ ସେଣ୍ଟର ଉଦଘାଟନ କରିଛି । । ଏହି କେନ୍ଦ୍ର ଏହାର କର୍ମଚାରୀ ମାନଙ୍କର ଦକ୍ଷତା ବିକାଶ ଏବଂ ବୃତ୍ତିଗତ ଅଭିବୃଦ୍ଧି ପାଇଁ କାର୍ଯ୍ୟ କରିବା ସହିତ ଏଏମ୍ /ଏନଏସ୍ ଇଣ୍ଡିଆର ବିକାଶର ଯାତ୍ରାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ । ଏହି କେନ୍ଦ୍ର ନିରନ୍ତର ପ୍ରଶିକ୍ଷଣକୁ ପ୍ରୋତ୍ସାହିତ କରିବା ପାଇଁ ଡିଜାଇନ୍ କରାଯାଇଛି, ଯେଉଁଠାରେ ୧୨୦ ଜଣଙ୍କ ପାଇଁ ବସିବା କ୍ଷମତା ରହିଛି । ତାଲିମ ଅଧିବେଶନ ଗୁଡ଼ିକର ସହଜ ଓ ନିରବଚ୍ଛିନ୍ନ ପରିଚାଳନା ପାଇଁ ଏହା ଉଚ୍ଚ-ଗୁଣବତ୍ତା ସମ୍ପନ୍ନ ଅଡିଓ-ଭିଜୁଆଲ୍ ସିଷ୍ଟମ୍ ଏବଂ ଏକ ଡିଜିଟାଇଜ୍ଡ ପୋଡିୟମ୍ ଦ୍ୱାରା ସୁସଜ୍ଜିତ । ଏହି କେନ୍ଦ୍ରରେ ଏଲ୍ ଆଣ୍ଡ ଡି ଟିମ୍ ପାଇଁ ସ୍ୱତନ୍ତ୍ର ଓ୍ୱର୍କଷ୍ଟେସନ୍ ମଧ୍ୟ ରହିଛି । ଶିକ୍ଷଣ ପରିବେଶକୁ ଆହୁରି ସମୃଦ୍ଧ କରିବା ପାଇଁ ଖୁବ୍ ଶୀଘ୍ର ଏଥିରେ ଲାଉଞ୍ଜ୍ ଏବଂ ଲାଇବ୍ରେରୀ ସୁବିଧା ଯୋଡ଼ିବାକୁ ମଧ୍ୟ ଯୋଜନା କରାଯାଉଛି । ଏହି କେନ୍ଦ୍ରକୁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଅର୍ଥ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଅମିତ ହରଲାଲକା ଏବଂ ମାନବ ସମ୍ବଳ ଏବଂ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ଏବଂ ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଆଶୁତୋଷ ତେଲାଙ୍ଗ ମିଳିତ ଭାବେ ଉଦଘାଟନ କରିଥିଲେ । ଏହି ଅବସରରେ ଖଣି ଏବଂ ଷ୍ଟ୍ରାଟେଜିକ୍ ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଆଲୋକ କୁମାର ମେହେଟ୍ଟା, ପ୍ରକଳ୍ପ (ପୂର୍ବ ) ବିଭାଗ ମୁଖ୍ୟ ଶ୍ରୀ କେ.ଏ. ଚୌଧୁରୀ, ମାନବ ସମ୍ବଳ (ପୂର୍ବ) ବିଭାଗ ମୁଖ୍ୟ ଡକ୍ଟର ଦେବବ୍ରତ ଦାଶ, ଓଡ଼ିଶା ଅପରେସନ୍ସର ମୁଖ୍ୟ ଶ୍ରୀ ୟୁ.ଏସ୍.ଆର୍. ରାଜୁ, ପ୍ରକଳ୍ପ (ଓଡ଼ିଶା) ବିଭାଗ ମୁଖ୍ୟ ଘନଶ୍ୟାମ ପରିଡ଼ା ଏବଂ ମାଇନିଂ ଅପରେସନ୍ସ ଆଣ୍ଡ ଡେଭଲପମେଣ୍ଟ ବିଭାଗ ମୁଖ୍ୟ ଲକ୍ଷ୍ମଣ ଶେଖାୱତ ଉପସ୍ଥିତ ଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ବିଭାଗୀୟ ମୁଖ୍ୟ ଏବଂ ବିଭିନ୍ନ ବିଭାଗର କର୍ମଚାରୀମାନେ ମଧ୍ୟ ଅଂଶଗ୍ରହଣ କରିଥିଲେ । ଉଦ୍‌ଘାଟନ ପରେ ଆୟୋଜିତ ଏକ ପୁରସ୍କାର ଓ ସ୍ୱୀକୃତି ସମାରୋହରେ କାର୍ଯ୍ୟକ୍ଷେତ୍ରରେ ଉତ୍କର୍ଷତା ପ୍ରଦର୍ଶନ କରିଥିବା କର୍ମଚାରୀମାନଙ୍କୁ ସେମାନଙ୍କର ଅବଦାନ ପାଇଁ ଏଏମ୍/ଏନ୍ଏସ୍ ଇଣ୍ଡିଆର ନେତୃତ୍ୱମଣ୍ଡଳୀ ଦଳ ଦ୍ୱାରା ସମ୍ମାନିତ କରାଯାଇଥିଲା । ସୁରକ୍ଷାରେ ଅଗ୍ରଣୀ ଭୂମିକା ପ୍ରତି ପ୍ରତିବଦ୍ଧତା, ସୁରକ୍ଷା ସଂସ୍କୃତି ଗଠନ, ପ୍ରକ୍ରିୟା ଏବଂ ପ୍ରକଳ୍ପର ଉନ୍ନତିକରଣ, ନବସୃଜନ, ଉଚ୍ଚ ପ୍ରଦର୍ଶନ ଏବଂ ମୂଲ୍ୟବର୍ଦ୍ଧନ, ସହଭାଗିତା ଏବଂ ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ, ସମସ୍ୟା ଓ ଦ୍ୱନ୍ଦ୍ୱର ସମାଧାନ ଏବଂ ପରିସ୍ଥିତି ଅନୁଯାୟୀ ସମସ୍ୟାର ସମାଧାନ ଭଳି ବିଭିନ୍ନ ବିଭାଗରେ ପୁରସ୍କାର ପ୍ରଦାନ କରାଯାଇଥିଲା । ଏହି ଅବସରରେ ନେତୃତ୍ୱମଣ୍ଡଳୀ ସୁରକ୍ଷା, ଏଏମ୍/ଏନ୍ଏସ୍ ଇଣ୍ଡିଆର ମୂଲ୍ୟବୋଧର ଏକ ପ୍ରମୁଖ ଅଂଶ, ଏବଂ ସମସ୍ତେ ମିଳିତ ଭାବେ ସୁରକ୍ଷିତ ରହି ମାନଦଣ୍ଡ ବୃଦ୍ଧି କରିବା ଏବଂ ପରସ୍ପରକୁ ସୁରକ୍ଷିତ ରଖିବାରେ ସାମୂହିକ ଦାୟିତ୍ୱ ଗ୍ରହଣ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି ଅବସରରେ ଶ୍ରୀ ଆଶୁତୋଷ ତେଲାଙ୍ଗ କହିଛନ୍ତି ଯେ, "ଅଧ୍ୟୟନ, ସହଭାଗୀତା ଏବଂ ଉତ୍କର୍ଷତା ବିକାଶକୁ ପ୍ରୋତ୍ସାହିତ କରିଥାଏ । କମ୍ପାନୀ ଅଧ୍ୟୟନ ପାଇଁ ଏକ ମଞ୍ଚ ପ୍ରଦାନ କରୁଥିବାବେଳେ, ଏଥିରୁ ଜ୍ଞାନ ଆହରଣ କାରିବଅ ପ୍ରତ୍ୟେକ ବ୍ୟକ୍ତିବିଶେଷଙ୍କ ଦାୟିତ୍ୱ । ଏହି ଲର୍ଣ୍ଣିଂ ଆଣ୍ଡ ଡେଭେଲପମେଣ୍ଟ ସେଣ୍ଟର କର୍ମଚାରୀମାନଙ୍କ ବିକାଶ ଏବଂ ନିରନ୍ତର ସୁଧାର ଦିଗରେ ନିବେଶ କରିବା ପାଇଁ ଏଏମ/ଏନଏସ ଇଣ୍ଡିଆର ପ୍ରତିବଦ୍ଧତାକୁ ଦର୍ଶାଉଛି । ଡଃ ଦେବବ୍ରତ ଦାଶ କହିଛନ୍ତି ଯେ, "ଅଧ୍ୟୟନ ହେଉଛି ପ୍ରଗତିର ଭିତ୍ତିଭୂମି । ଆମେ ପ୍ରଶିକ୍ଷଣର ଆବଶ୍ୟକତାକୁ ଚିହ୍ନଟ କରିଛୁ, ନେତୃତ୍ୱର ସହଭାଗିତାକୁ ମଜବୁତ କରିଛୁ, ସମନ୍ୱୟ ବୈଠକ ଆୟୋଜନ କରିଛୁ ଏବଂ ଟ୍ରେନ୍-ଦି-ଟ୍ରେନର୍ କାର୍ଯ୍ୟକ୍ରମ ମାଧ୍ୟମରେ ସଂଗଠନ ମଧ୍ୟରେ ବିଭିନ୍ନ ବିଷୟବସ୍ତୁ ସମ୍ପର୍କିତ ବିଶେଷଜ୍ଞଙ୍କୁ ବିକଶିତ କରିଛୁ । ଅଧ୍ୟୟନ କ୍ଷେତ୍ରରେ କ୍ରମାଗତ ପୁରସ୍କାର ସହିତ, ଓଡ଼ିଶା ଆସେଟ୍ ମିଳିତ ଅଧ୍ୟୟନ ଏବଂ ସାଂଗଠନିକ ପ୍ରଗତି ଦିଗରେ ଉଦାହରଣ ସୃଷ୍ଟି କରିଛି ।ନିରନ୍ତର ବିକାଶ ଏବଂ ଦକ୍ଷତା ବୃଦ୍ଧିକୁ ପ୍ରୋତ୍ସାହନ ଦେଇ, ଏଏମ୍/ଏନ୍ଏସ୍ ଇଣ୍ଡିଆ ନିଜର କର୍ମଚାରୀ ଓ ସହଭାଗୀମାନଙ୍କୁ ସଶକ୍ତ କରିବା ପାଇଁ ସମର୍ପିତ, ଯାହା ଭବିଷ୍ୟତର ଅଭିବୃଦ୍ଧି, ସ୍ଥିରତା ଏବଂ ଶ୍ରେଷ୍ଠତାକୁ ସକ୍ଷମ କରିବ ।

## ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ବାଲେଶ୍ୱର, ୦୬/୬ (ନି.ପ୍ର): ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଏବଂ ଜ଼ିଲ୍ଲା ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ମିଳିତ ପ୍ରୟାସ ପ୍ରୟାସରେ ସାଉଡୁ ଗ୍ରାମପଂଚାୟତ ଅନ୍ତର୍ଗତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ସଭା ଗୃହଠାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର.ଡି.ସି, ବାହାନଗା ସହଯୋଗରେ ଗ୍ରାମ୍ୟ ସ୍ୱେଚ୍ଛାସେବୀଙ୍କ ବିପର୍ଯ୍ୟୟ ପରିଚାଳନା ପ୍ରଶିକ୍ଷଣ ଶିବିର ଆରମ୍ଭହୋଇଛି । ଆର.ଡି.ସି, ବାହାନଗା ଓ ବାହାନଗା ପଞ୍ଚାୟତ ସମିତିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସାତଦିନ ବ୍ୟାପୀ ଅନୁଷ୍ଠିତ ଏହି ଶିବିର ଜିଲ୍ଲା ଜରୁରିକାଳୀନ ବିଭାଗ ଦ୍ୱାରା ଆୟୋଜିତ ହେଉଛି । ଏହି ଶିବିରରେ ବାହାନଗା ବ୍ଲକର ସାଉଡୁ ପଞ୍ଚାୟତର ୫ଟି ଗାଁର ୪୦ ଜଣ ସ୍ୱେଚ୍ଛାସେବୀ ତାଲିମ ନେଉଛନ୍ତି । ଜ଼ିଲ୍ଲା ଜରୁରୀକାଳୀନ ବିଭାଗର ସହକାରୀ ଜ଼ିଲ୍ଲାପାଳ ଶ୍ରୀ ପ୍ରତାପ ବେହେରା ମୁଖ୍ୟଅତିଥି ଭାବେ ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ପ୍ରକଳ୍ପ ସଂଯୋଜକ (ଓସଡାମା) ଶ୍ରୀ ଅବନୀକାନ୍ତ ଭୂୟାଁ, ଜ଼ିଲ୍ଲା ଜରୁରୀକାଳୀନ ବିଭାଗର ବିଭାଗୀୟ ଅଧିକାରୀ ଶ୍ରୀ ଦୀପକ କୁମାର ଚାଁନ୍ଦ, ବରିଷ୍ଠ ରାଜସ୍ୱ ସହାୟକ ଶ୍ରୀ ପୂର୍ଣ୍ଣ ଚନ୍ଦ୍ର ବେହେରା, ଆର.ଡି.ସି, ବାହାନଗା ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଭାପତି ଓ ଉପ ସଭାପତି ଉପସ୍ଥିତ ଥିଲେ । ଅତିରିକ୍ତ ଜ଼ିଲ୍ଲା ଜରୁରୀ କାଳୀନ ଅଧିକାରୀ ଶ୍ରୀ ପ୍ରତାପ ବେହେରା ଯୋଗଦେଇ ଶିବିରାର୍ଥୀଙ୍କ ଉଦ୍ଦେଶ୍ୟରେ ବିପର୍ଯ୍ୟୟ ପରିଚାଳନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ ପ୍ରତ୍ୟେକ ଜୀବନ ମୂଲ୍ୟବାନ ସ୍ଲୋଗାନ ଆଧାରରେ ସରକାର ଏବେ ଗ୍ରାମାଞ୍ଚଳର ସ୍ୱେଚ୍ଛାସେବୀ ଚିହ୍ନଟ କରି ତାଲିମ ଦେବା ସହ ଗ୍ରାମ୍ୟ ବିପର୍ଯ୍ୟୟ ପରିଚାଳନା ଯୋଜନା ତିଆରି କରି ତାହାର କାର୍ଯ୍ୟାନୁଷ୍ଠାନ ଉପରେ ଗୁରୁତ୍ୱ ଦେବା ସହ ଏହା ଗ୍ରାମ ବିକାଶକୁ ତ୍ୱରାନ୍ୱିତ କରିବ ବୋଲି ଉପସ୍ଥିତ ଅଧୁକାରୀ ମତବ୍ୟକ୍ତ କରିଥିଲେ । ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ପ୍ରିୟ ରଞ୍ଜନ ରାଉତ, ବୁବୁନ ମହାନ୍ତି ଓ ମାଧବୀଲତା ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରାକୃତିକ ଓ ମନୁଷ୍ୟକୃତ ବିପର୍ଯ୍ୟୟର ସମ୍ଭାବନାକୁ ଆଖି ଆଗରେ ରଖି ସନ୍ଧାନ, ଉଦ୍ଧାର ଓ ପ୍ରାଥମିକ ଉପଚାର ବିଷୟରେ କୌଶଳ ମାନ ଶିକ୍ଷାଦାନ କରୁଛନ୍ତି । ଶିବିର ଆସନ୍ତା ୧୨ ଜୁନ ତାରିଖ ଯାଏ ଚାଲିବ । କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସଭାପତି ସରସ୍ୱତୀ ଜେନା ପରିଚାଳନା କରୁଛନ୍ତି ।

## କୁଲଡିହା ଅଭୟାରଣ୍ୟ ଅଞ୍ଚଳରୁ ଦୁଇ ଶିକାରୀ ଗିରଫ ଓ କୋର୍ଟ ଚାଲାଣ

ନୀଳଗିରି , ୦୬/୬ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ଉପଖଣ୍ଡ ଅଧିନ କୁଲଡିହା ଅଭୟାରଣ୍ୟରେ ଗତ ୫ ତାରିଖ ଶୁକ୍ରବାର ରାତି ପ୍ରାୟ ୮ଟା ୨୦ ମିନିଟ ସମୟରେ ପଞ୍ଚଲିଙ୍ଗେଶ୍ୱର ସେକ୍ସନ ଅନ୍ତର୍ଗତ ଚଟକା (ପାଇଡ଼ପାଣି) ପ୍ରବେଶପଥରେ ଡ୍ୟୁଟି କରୁଥିବା ବନକର୍ମଚାରୀ ମାନେ ଦୁଇ ଜଣ ସଶସ୍ତ୍ର ଶିକାରୀଙ୍କୁ ଗିରଫ କରିଥିଲେ । ସେମାନେ ହେଲେ ନୀଳଗିରି ଅଞ୍ଚଳ ବାଙ୍କିଶୁଳ ଗ୍ରାମର ଗୁରୁବା ସିଂ ଏବଂ ନୂଆସାହି ଅଞ୍ଚଳର ସଦା ସିଂ । ଯାଞ୍ଚ ସମୟରେ, କର୍ମଚାରୀ ମାନେ ସେମାନଙ୍କ ନିକଟରୁ ୨ ଗୋଟି ଦେଶୀ ବନ୍ଧୁକ, କୁଟୁରା ମାଂସ, ବିସ୍ଫୋରକ ଓ ଗୋଟିଏ ଦାଆ ଜବତ କରିଥିଲେ । ବେଆଇନ ଶିକାର କାର୍ଯ୍ୟରେ ସମ୍ପୃକ୍ତଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରାଯାଇଥିବା ବେଳେ ଶନିବାର ଉଭୟ ଅଭିଯୁକ୍ତ ନାମରେ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଛି ।

## ଉଦଳା ଏନ୍.ଏ.ସି. ତରଫରୁ ବିଶ୍ୱ ପରିବେଶ ଦିବସ ପାଳିତ




ଉଦଳା, ୦୬/୬ (ନି.ପ୍ର): ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ତରଫରୁ ଚଳିତ ଜୁନ ୫ ତାରିଖ ଶୁକ୍ରବାର ଦିନ ବିଶ୍ୱ ପରିବେଶ ଦିବସ ପାଳିତ ହୋଇ ଯାଇଛି । ଏହି ଅବସରରେ ଆଲୋଚନାଚକ୍ର ଓ ବୃକ୍ଷ ରୋପଣର ପର୍ବ ଅନୁଷ୍ଠିତ ହୋଇଥିଲା । ନଗରପାଳ ପ୍ରମିଳା ପଣ୍ଡା ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରି, ୧୯୭୨ ମସିହା ଜୁନ ୫ ତାରିଖ ଦିନ ସ୍ୱେଡ଼େନର ଷ୍ଟକହୋମ ଠାରେ ମିଳିତ ଜାତିସଂଘର ସାଧାରଣ ପରିଷଦ ବୈଠକରେ ଏହାକୁ ପ୍ରତିବର୍ଷ ପାଳନ କରିବା ପାଇଁ ନିଷ୍ପତି ନିଆଯାଇଥିଲା ବୋଲି ବ୍ୟକ୍ତ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ଉପନଗରପାଳ ଲିଲି ଭୋଳ, ନିର୍ବାହୀ ଅଧିକାରୀ ପ୍ରିୟରଂଜନ ଜେନା, ଉଦଳା ଥାନା ଅଧିକାରୀ ବନମାଳି ବାରିକ ଓ କାଉନସିଲର ବୃନ୍ଦ ଆଲୋଚନାରେ ଅଂଶ ଗ୍ରହଣ କରି, ପ୍ରକୃତି ଓ ପରିବେଶ ହେଉଛି ଭଗବାନଙ୍କର ଏକ ଅମୂଲ୍ୟ ଦାନ । ମଣିଷ ଠାରୁ ଆରମ୍ଭ କରି ଯେତେ ସବୁ ଜୀବଜନ୍ତୁ ସମସ୍ତେ ଏହି ପ୍ରକୃତି କୋଳରେ ବଢ଼ିଥିବା ବେଳେ ପରିବେଶ ହେଉଛି ସେମାନଙ୍କ ଜୀବନର ମୂଳ ଆଧାର ବୋଲି ବ୍ୟକ୍ତ କରିଥିଲେ । ଏହାପରେ ସହରର ୱାର୍ଡ଼ ନଂ-୧୧ ସ୍ଥିତ ଶ୍ମଶାନ ଓ ଉଦଳା ଥାନା ପରିସରରେ ବୃକ୍ଷ ରୋପଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ୱାଟକୋ, ପୂର୍ତ୍ତବିଭାଗ ଏବଂ ଏନ୍.ଏ.ସି.ର କର୍ମଚାରୀ ମାନେ ଆଜିର ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ସହଯୋଗ କରିଥିଲେ । ସଂଜୟ କୁମାର ପାଢ଼ି ଶେଷରେ ଧନ୍ୟବାଦ ଅର୍ପଣ ପୂର୍ବକ କାର୍ଯ୍ୟକ୍ରମର ଯବନିକା ପକାଇଥିଲେ ।

## ବିଶ୍ୱ ପରିବେଶ ଦିବସ ପାଳିତ

### ସବୁଜ ବନାନୀ ସୃଷ୍ଟି ପାଇଁ ସମସ୍ତେ ସଙ୍କଳ୍ପ ବଦ୍ଧ ହୁଅନ୍ତୁ




ଭଦ୍ରକ, ୦୬/୬ (ନି.ପ୍ର): ବ୍ୟାପକ ଗଛ କଟା ଓ ଦ୍ରୁତ ଶିଳ୍ପାୟନ ଯୋଗୁଁ ଏବେ ପରିବେଶ ପ୍ରଦୂଷଣ ଜନିତ ସମସ୍ୟା ବଢ଼ିବାରେ ଲାଗିଛି । ଫଳରେ ଜୀବ ଜଗତକୁ ଏହା ଅଷ୍ଟବେଷ୍ଟ କରି ପକାଉଛି । ତେଣୁ ଏଥିରୁ ରକ୍ଷା ପାଇବା ପାଇଁ ପ୍ରତେକ ବେକ୍ତି ପ୍ରତି ବର୍ଷ ସଂକଳ୍ପ ବଦ୍ଧ ହୋଇ ବୃକ୍ଷ ରୋପଣ କରି ପୁଣି ଥରେ ସବୁଜ ବନାନୀ ସୃଷ୍ଟି କରନ୍ତୁ ବୋଲି ବିଶ୍ୱ ପରିବେଶ ଦିବସ ପାଳନ ସମାରୋହ ରେ ବହୁ ବିଶିଷ୍ଟ ବେକ୍ତି ମାନେ ଯୋଗ ଦେଇ ଏହି ଆହ୍ୱାନ ଦେଇଛନ୍ତି । ଏହି ଉପଲକ୍ଷେ ଗରଦପୁର ସ୍ଥିତ ଐତିହାସିକ ଗାନ୍ଧୀ ଓଡିଶା ବାଳାଶ୍ରମ ପରିସରରେ ଭାରତ ସରକାର ଙ୍କ ମାଇଁ ଭାରତ ସହଯୋଗ ରେ ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ବିଶ୍ୱ ପରିବେଶ ଦିବସ ସମାରୋହ ର ଆୟୋଜନ କରାଯାଇଥିଲା । ସଭାପତି ହୃଷିକେଶ ବାରିକ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ସମାରୋହ ରେ ମୁଖ୍ୟ ଅତିଥି ଭାବେ ଡେପୁଟି କଲେକ୍ଟର କାର୍ତିକ ନାଥ ମଣ୍ଡଳ । ମୁଖ୍ୟ ବକ୍ତା ଭାବେ ଜିଲ୍ଲା ଶିଶୁ ମଙ୍ଗଳ କମିଟି ଅଧକ୍ଷ ସୁବ୍ରତ କୁମାର ବିଶ୍ୱାଳ. ସମ୍ମାନିତ ଅତିଥି ଭାବେ ଜିଲ୍ଲା ଯୁବ ଅଧିକାରୀ ଫାରୁଦ ମହମ୍ମଦ । ଗାନ୍ଧୀ ଓଡିଶା ବାଳାଶ୍ରମ ର ସମ୍ପାଦକ ସମାଜସେବୀ ଅଶୋକ କୁମାର ଦାସ । ସାମାଜିକ କର୍ମୀ ସୁଧାକର ରାଉତ ପ୍ରମୁଖ ଙ୍କ ସହିତ ବହୁ ବିଶିଷ୍ଟ ବେକ୍ତି ମାନେ ଯୋଗ ଦେଇ ବିଶ୍ୱ ପରିବେଶ ଦିବସ ପାଳନ ର ଆଭିମୁଖ୍ୟ ବିଷୟ ରେ କହିବା ସହିତ ସବୁଜ ବନାନୀ ପାଇଁ ପ୍ରତେକ ବେକ୍ତି ବୃକ୍ଷ ରୋପଣ କରିବାକୁ ଆହ୍ୱାନ ଦେଇଥିଲେ । ଏହି ଅବସରରେ ପରିବେଶ ସମ୍ପର୍କିତ କୁଇଜ ପ୍ରତିଯୋଗିତା ରେ ଶ୍ରେଷ୍ଠ ବିବେଚିତ ହୋଇ ଥିବା ଛାତ୍ର ନାରାୟଣ ହୋ, ରାଜା ମଲ୍ଲିକ, ସୁନୀଲ ମାଝୀ ଙ୍କୁ ସଂଗଠନ ପକ୍ଷରୁ ମେମୋଣ୍ଟ ସାର୍ଟିଫିକେଟ ଓ ପୁଷ୍ପ ଗୁଚ୍ଛ ଦେଇ ପୁରସ୍କୃତ କରାଯାଇଥିଲା । ଶେଷରେ ଆଶ୍ରମ ପରିସରରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଅତିଥି ମାନେ ଗୋଟିଏ ଗୋଟିଏ ଗଛ ଲଗାଇ ଏହି କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ପ୍ରାରମ୍ଭରେ ରେ ସାମ୍ବାଦିକ ନରେନ୍ଦ୍ର କୁମାର ସାମଲ ଅତିଥି ମାନଙ୍କ ପରିଚୟ ସହିତ ସ୍ୱାଗତ ଭାଷଣ ପ୍ରଦାନ କରିଥିଲା ବେଳେ ସଂଗଠନ ର ଉପ ସଭାପତି ଆନନ୍ଦ ଚନ୍ଦ୍ର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ । ଦିବସ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମ କୁ ସଂଗଠନ ସଦସ୍ୟ ଦେବୀ କିଙ୍କର ବ୍ରହ୍ମଦାସ ପାଣିଗ୍ରାହୀ, ଦେବେନ୍ଦ୍ର ଭଞ୍ଜ, ରମାକାନ୍ତ ଭଞ୍ଜ, ଲିପୁନ ପତି, ଗଙ୍ଗାଧର ଦାସ ପ୍ରମୁଖ ଙ୍କ ସହିତ ଗାନ୍ଧୀ ବାଳାଶ୍ରମ ସବୁ କର୍ମଚାରୀ ମାନେ ପରିଚାଳନା କରିଥିଲେ ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida